# ଧୂଳିର ଧରଣୀ


ଲେଖକ

**ଶ୍ରୀ କଣ୍ଡୁର ଚରଣ ଦାସ**



ପ୍ରକାଶକ

**ରାଜଶ୍ରୀ ପ୍ରକାଶନୀ**

୫ଏ, ନୁରମହମ୍ମଦ ଲେନ୍

କଲିକତା-୯

୧୯୫୭

ମୂଲ୍ୟ—ଏକଟଙ୍କା ଆଠଅଣା

# ବିଷୟ ସୂଚୀ


ଇଏଁ ପୁଣି ଅସ୍ତ୍ର ହୁଏ

ଖଣ୍ଡିଆ ଭୂତ

ଓରମାନ ମେଣ୍ଟିଗଲା

ଭେକ

ବେନାମୀ

ଏକ ଢରଙ୍କିଆ

କଙ୍କାଳ ଆଖିରେ ଲୁହ

ଏକା ନାଙ୍ଗୁ ଦି' ଖଣ୍ଡ

ମୂକସାକ୍ଷୀ

ବନ୍ଧନ

ଜୀବନ ଚକ୍ର ଚଳେ

ଅନାବନୀ

ବେରଂ ଚିଠି

ନିଆଁ-ପାଣି

ସୁନାଚଢ଼ା

ଯୋଡ଼ିଏ କୁସୁମ କଳି

'ବଳା'ବୁ......

ମୁଦ୍ରାକର—ଶ୍ରୀ ନୀଳାମ୍ବର ମିଶ୍ର

—ଉତ୍କଳ ପ୍ରେସ—

୨୨, ଶଶୀଭୂଷଣ ଦେ, ଷ୍ଟ୍ରୀଟ, କଲିକତା—୧୨

କଥା ଗୁଡ଼ାକ ସବୁ ଲେଉଟି ଆସିଲା ସପନା ପାଖକୁ । କିନ୍ତୁ ମଜାଗତରେ ତା'ର ପଶିଲା ନାହିଁ । ପାଲୁଣୀ ଗଲା କୁଆଡ଼େ ? ଖୋଜିଲା, ଗାଡ଼ିଆ କୂଳରେ ନାହିଁ, କଂସା ବାସନର ଚିହ୍ନବର୍ଣ୍ଣ ପାଇଲା ନାହିଁ । ଗୁହାଳେ ବାହାରୁ ଧଡ଼ା କିନା ହେଉଛି, କାଳି ଗାଈଟା ପାକୁଳି କରୁଛି । 'ନାଥିଆ ମା' ଘରେ ? ମନା କଲା ନାଥିଆ ମା' । କାଁ ନୁଣ୍ଡା ଧରି ଅଜା ସେ ଆସିନି । ଗଲା ତେବେ କୁଆଡେ ? ପାଲୁଣୀ ! ପାଲୁଣୀ ! !

ଦହ ଗୋଠାକ ଯାକ ଚଅଁଳ ଢେଉ ଖେଳୁଛି । ମୁହଁ ଗୋଠାକ ଯାକ ଝରକ୍ତରେ ଧାନ ଉଁଷୁଆ ହାଣ୍ଡି ପାଲଟିଛି । ପୁଣି ସେ ମୋହିଁଲା ଦଦରା ପଲା ଖଣ୍ଡିକ ଆଡକୁ । ଶୋଇଲା ଘରର ହେଁସ ଉଠିନି । ନଜର ଥମିଗଲା ସେଇଠି । ପାଦ କଟେଇ ନେଲା ସେଠିକି । ଛିଣ୍ଡା କନ୍ଥା ତଳେ ଗୋଠାଏ କାତର କଣ୍ଠସ୍ୱର । ଉହୁଃ......ଉହୁଃ...ହୁଃ... କାତରି କାଢିଦେଲା ସପନା । ଛିଣ୍ଡା ଲୁଗାର ଆଭରଣ ତଳେ ଗୋଟିଏ ପାତଳ ଦେହ ଥର ଥର କଂପୁଛି । ସପନା ବସି ପଡ଼ିଲା ! ହାତ ଥାପିଲା ପାଲୁଣୀ ଦେହ ଉପରେ । ହାତ ଜଳି ଯାଉଛି । ଧାନ ପକାଇ ଦେଲେ ଖଇଫୁଟି ଯିବ ।

ପାଲୁଣୀ !

ଉଠି ପାରିଲି ନାଇଁ, କଂସା ଖଣ୍ଡିକ ମଜା ହେଇନେଇଁ.........

ହଉ ତୁ ଶୁଅ । ଏତେ ଜର ଏଇ ରାତିକ ଭିତରେ ମାଡ଼ି ବସିଲା ତତେ ? ମତେତ କହି ନଉଁ ?

ତମେ ଯା, ଗାମୁଛା ବଦଳେଇ ପଖାଳ ଗଣ୍ଡାଏ ବାଢି ଖାଇନେବ । ଖରା ମାଡ଼ି ଆସୁଛି ।

ତୁ ଇମିତିକା ଆପଦରେ ପଡିଚୁ, ଆଜ ମୁଁ...

ଟିକଏ ନାଥିଆମା'କୁ ଡାକ । ଭାରି କଷ୍ଟ ହେଉଚି, ବୋଧେ ପିଲା ପିଲ.................

ସପନା ଡେଇଁ ପଡ଼ିଲା । ପିଲା ପିଲ ହବ ପାଲୁଣୀର ଅଜି ? ଦଉଡ଼ିଲା ନାଥିଆମା' ଘର ଆଡକୁ । ଆକାଶକୁ ଚାହିଁଲା, ସୂର୍ଯ୍ୟ ଧୀରେ ଧୀରେ ଉପରକୁ ଉଠୁଛନ୍ତି । ସେ ଦୁଆର ବନ୍ଦ ସେପଟେକୁ ଡେଇଁ ପାରିଲା ନାହିଁ । ପଂଝାଏ ଲୋକ ତାକୁ ବାଡେଇ ଗାଲିଲେ । ନାଗରିଟା ଉବ ଉବ ହୋଇ ବାଜି ଉଠିଲା । ସପନା ମୁଣ୍ଡରେ ହାତ ଦେଇ ସେଇଠି ବସିପଡ଼ିଲା ସେମିତି । ସବୁ ଭୁଲିଗଲା । ନିଜକୁ, ନାଥିଆମା'କୁ, ପାଲୁଣୀ କି । ଶୁଭ ବେଳରେ ଅଶୁଭ ଛୁଇଁଲା । ଅଜି ନାଥ ସୁଇଁଙ୍କର କୋରଖ ଡାକରା । ମୁଣ୍ଡ ବୁଲେଇ ଦେଲା । ନାଗ ସାପର ବିଷ ଯେମିତି ଚଢୁଚି, ଅଚେତ, ଦୁ'ଜଣ ତାକୁ ଜାବୁଡ଼ି ଧରିଲେ ।

କୁଆଁ କୁଆଁ ନାଦରେ ସେ ଧୀରେ ଧୀରେ ଆପଣାକୁ ଫେରି ପାଇଲା । ସୂର୍ଯ୍ୟ ସେତେବେଳକୁ ସେପାଖରେ ଉଠିଲେଣି । ଘରେ ଯୁବତୀବେଶିନୀ ମାନଙ୍କର ଗହଳ ଲାଗିଚି । ଚେତନା ହରେଇ ମାଟିରେ ପଡିଚି ପାଲୁଣୀ । କଅଁଳ ଛନ ଛନ ଉଜଳ ଡାଉଳ ଛୁଆଟିଏ ମାଟିରେ ପଡ଼ି ଗୋଡ ହାତ ହଲେଇ କାନ୍ଦୁଚି । ଏନୁଡ଼ି ଲଗେଇବାକୁ ନଙ୍ଗଲ ମୁଣ୍ଡା ଖୋଜୁଚି ନାଥିଆମା ।

ସପନା ଦଉଡ଼ିଲା ବାରି ଆଡକୁ, ଖରାଟି ନଙ୍ଗଲଟା ବରଷେ ହେଲା ହଳ ହୋଇ ନ ଥିଲେ ତଳେ ଠେଙ୍ଗା ହେଇଚି । ସେଇଟାକୁ କାଳି କାମ ଚଳେଇ ଦେଇ ଥାଉ, ପରେ ଦେଖାଯିବ ।

ସେ ବି ନାହିଁ । କିଛି ନାହିଁ । କଳାକନା ଗୁଣ୍ଠୁଣୀ ପର୍ଯ୍ୟନ୍ତ ନାଥ ସୁଇଁ ଲୋକେ ଛୁଡ଼ି ଯାଇ ନାହାନ୍ତି । କେତେ ନିଷ୍ଠୁର ସେମାନେ ? ସପନା ମଦୁଆଙ୍କ ପର ଠେଲି ଠେଲି ଫେର ଆସିଲା ନାଥିଆମା ପାଖକୁ । ପାଲୁଣୀ ନାକରେ ହାତଦେଇ ପରଖୁ-ଥିଲା ନାଥିଆ ମା । ମୁହଁ ତା'ର ଦିଶୁଚି ଫିକା, ପାଣ୍ଡୁର ।

ସପନା ଚହଂକି ଉଠିଲା, କ'ଣ ହେଲା ?

ନାଥିଆମା ମୁଣ୍ଡ ହଲିଗଲା, ସବୁ ସରିଯାଇଚି ।

ସପନା ଛାତି ଫାଟିଗଲା ଯେମିତି । ବହୁତ କଷ୍ଟରେ ନିଜକୁ ସମ୍ଭାଳି ନେଇ ପଚାରିଲା, ପୁଅ ?

-କଅଁଳ ଶିଶୁର ଦେହ ଥରଟିଏ ପାଇଁ ଥରି ଉଠିଲା ।

ନାଥିଆମା' ଉନଖି କହିଲା, 'ପୁଅ ମା' ସାଙ୍ଗେ ଛୁଡ଼ିଗଲା କେମିତି ?

... ... ... ... ... ... ...

ସୂର୍ଯ୍ୟ ଅସ୍ତଯାଏ ପ୍ରତୀଚୀ ଗଗନରେ । ଘନ କାଳିମା ଘୋଟି ଆସେ ଦୁନିଆ ବକ୍ଷ ଉପରକୁ । କ୍ଷଣେ 'ଜନ୍ମାର ବନ୍ଧନ କ୍ଷଣେ ଅଗେଇ ଆସେ । କାହାର ବା ଠେପି ଆସେ ।

ସପନା ମା'ପୁଅ ଦୁଇଟିଙ୍କି ମଶାଣୀ ହୁଡ଼ାରେ ପାଉଁଶ କରି ଉଡ଼େଇ ଦେଲା । ଅନେଇଲା ଆକାଶକୁ । ପୂର୍ବ ଦଗର ସୂର୍ଯ୍ୟ ପଶ୍ଚିମରେ ଅସ୍ତ ହେଉଚି । ଅନ୍ତରରେ ଭାବନା ଉଠିଲା, ସୂର୍ଯ୍ୟ ଉଏଁ ପୁଣି ଅସ୍ତ ହୁଏ । ଅଜର, ଅମର, ଅନିବାର ସେ, କିନ୍ତୁ ତା' ଜୀବନର ସୂର୍ଯ୍ୟ ଏଇ ଉଦୟୁ ଅସ୍ତ ଭିତରେ ଲିଭି ଯାଇଚି ।

ହାତଯୋଡ଼ି ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଣତି ଜଣେଇଲା ସପନା ।

# ଖଣ୍ଡିଆ ଭୂତ

ଝାଟି ମାଟି ଓ ତାଟିର କଙ୍କାଳ ଉପରେ ଆଜି ଯେଉଁ ଭିଟି ଜଳୁଛି, ତାକୁ ଆଉ କାଟି, ମାଟି ଝୋଟି ଦେବାର ଅଧିକାର ଗୁରୁବାରିର ନାହିଁ, ନାହିଁ, ନାହିଁ । ତତଲା ଲୁହର ଝର ଝରୁଛି, ଝରିବ, । ଉହକା ବସୁମତୀର ଲେଲିହାନ ଜିଭ ଗୃହ୍ଣୁଛି, ଗୃହ୍ଣିବ । ଗୋଟିକର, କୋଟିକର ଝରିଲା ଲୁହ ଥୋପିଲା ଝାଳ, ସବୁ ସେ ଚଲାକର ଶୋଷିସାରି, ଶୋଷିଲା କଣ୍ଠରେ ଡକେଇଛି, ଡକେଇବ । କାହାରି ସାହା, ସ୍ପୃହା, ଠାଆ ପାଇଁ କଣ୍ଠରେ ତା'ର ଅହ୍ଵା ନାହିଁ ।

ଏତେ ନିଦାରୁଣ ଏଇ ବସୁମତୀ । ଏତେ କଠୋର ତା'ର ପ୍ରାଣ !! ଗୁରୁବାରି ଆଖିରୁ ଲୁହ ଥୋପି ଥୋପି ଶୁଖିଗଲା ପଞ୍ଜରର ନିର୍ଝରିଣୀ ତଳୁ । ନିଆଁ ଜଳୁଛି, ଧୂଆଁ ଉଠୁଛି, ଧୂଆଁର କୁଣ୍ଡଳୀ ଭିତରେ ହଜିଛି ତା'ର ଖୋଜା ଦରବ, କିଏ ନେଲା ? କିଏ ପୋଛି ଦେଲା ତା' ଗେଲବସରର ମନ ଦେବତାର ମନ୍ଦିରଟିକୁ ? ଯେଉଁଠି ବସିଲେ ଭୁଲୁଥିଲା ଦହ ଦୁଃଖର ଅକଳଣି ଯନ୍ତ୍ରଣାର ପରଶ । ଯେଉଁଠି ଆଶ୍ରା ନେଲେ ଭୁଲୁଥିଲା ମନଗହନର ଅସରନ୍ତି ଝାଞ୍ଜି ତାପ । ସେଇଠି, ସେଇମନ୍ଦିର ଦୁଆରେ ସେ ଆଜି ଭିକାରୁଣୀ, ପ୍ରାଣର ଦେବତା ତା'ର ଆଜି ନାହିଁ—ମନ୍ଦିରର ଅସ୍ତିତ୍ୱ ଲୋପପାଇଛି—ସେଠି ମୁଣ୍ଡଟେକିଛି ଖଣ୍ଡ ଖଣ୍ଡ ଇଟାର ବସ୍ତଟେ ସ୍ତୁପ

ସେଇ ମାଟି ଅଛି, ଝାଟି ଅଛି, ହେଲେ 'ମାଟି' ଯନ୍ତ୍ରାଭିତରେ ଯନ୍ତ୍ର ହୋଇ ରୂପ ବଦଳେଇଛି ଆଉ ଝାଟି ନିଜକୁ ପୋଡ଼ି ମାଟି ବୁକୁରେ ବଳସଂଚରେଇ ତାକୁ ଗଢୁଛି ବଡଲୋକର ବଡ଼ତପାଇଁ ।

ଗୁରୁବାରିର କାନ୍ଦିବାକୁ ଆଉ ଲୁହ ନ ଥିଲା । ହସିବାକୁ ଆଉ ଜୀଅ ନଥିଲା, ସେ କେବଳ ଭାବୁଥିଲା ଏଇ ଝାଟି ଆଉ ମାଟିର ପାତର ଅନ୍ତର କଥା । କେତେ ସ୍ୱାର୍ଥୀ ଏଇ ଝୁନିଆଠା ସତେ ମ ! ଦିନେ ତ ଏଇଠି ଏଇ ଝାଟି ମାଟିର କୁଡ଼ିଆଟିଏ ଥିଲା ତା'ର ହେଲେ କାହିଁ ! ଦିନେତ ଝାଟି ଗୁରୁବାରି ପାଇଁ ନିଜକୁ ପୋଡ଼ି ମାଟି ବୁକୁରେ ବଳ ସଂଚରେଇବାକୁ ଅଗ୍ରସର ହେଇ ନ ଥିଲା । ଆଉ ଆଜି ?

ହଁ ଆଜି, ଆଜି ଆଉ କାଲି ନୁହେଁ । ଆଜିର ଜୀବନରେ କାଲିର ସ୍ୱପ୍ନ-ଚହଟା ବାସନା ନାହିଁ । ଆଜି ଆଉ କାଲିର ଫୁଟିଲା ଫୁଲର ଗନ୍ଧ ଲୁଟି ପାରିବ ନାହିଁ । କାଲି ଯାହା ଥିଲା, ଆଜି ତାହା ଥିଲେ ଗୁରୁବାରି ପୁଣି ନୂତନ କାଳର ଛନ୍ଦାରେ ଜୀବନ ଦୁଆରେ ବଂଧୁକ ଧରି ସିପାହୀ ସାଜି ପାରି ନଥାନ୍ତା । ଜୀବନ ଝଡ଼ ଭିତରୁ ସେ କାଲିର ସୌରଭକୁ ଗୌରବ ରୂପେ ଗୋଟେଇ ପାରି ନଥାନ୍ତା । କାଲି, ଆହା—

—ଗୁରୁବାରି, ଲୋ ଗୁରୁବାରି..............

ଖିଲି ଖିଲି ହସକୁ ପଣତ କାନି ତଳେ ଗୁପିଧରି ଗୁରୁବାରି ଲୁଚିଗଲା ଜାମୁକୋଳି ଗଛ ଉହାଡ଼ରେ । ନଖିଆ ଭଣ୍ଡା ଝଟା ଆଡ଼େଇ, ଭାଟେଇ ଖୋଜୁ ଥିଲା ଗୁରୁବାରିକୁ । କୁଆଡେ ଗଲା ଆଉ ? ଦିହକ ଗଲା ନାଇଁ ତା'ର ଏଇ ଚଗଲାମୀ, ନଖିଆ କନ କନ ଛନ ଛନ ହେଇ ଅନାଉ ଥିଲା ଏଣେ ତେଣେ । ଭଣ୍ଡା ବୁଢା,

ଝଂଟାତଳ, ନଟାମୂଳ, କେଉଁଠି ନାହିଁ । ଗୁରୁବାରି ହସ ସମାଳି ପାରିଲା ନାହିଁ ଆଉ, କୁରୁ କୁରିଟା, କୁରୁକୁରୁ ହସ ଫୁଟି ପଡିଲା ପଣତ ବଣ୍ଡାତଳୁ ।

ନଖିଆ ଗୁଡର ଭୁତ ନିଭିଗଲା ।

—ଅଲୋ ଏତେ ରଂଗେଇ ତୁ କୋଉଦିନ ହେଲୁ ? ତତେ ଡାକି ଅଣିଲି ଗୋଟାଏ ଠାଇଁ ଦେଖେଇବାକୁ, ତୁ ବାଇଁ ବାଇଁ ହେଇ ବୁଲୁଚୁ ଏମିତ । ସାପ ବେଙ୍ଗ, ପୋକ, ଯୋକ ଗହଳରେ ରହମାନ ପଡ଼ିବୁଟି ?

—ଗଲାତ ମୁଁ ମରିଗଲେ ତମର ଚଉଦଗ ଅନ୍ଧାର ହେଇଯିବ । ତମକୁ କ'ଣ ଆଉ ଜମା କନିଆ ମିଳିବେ ?

ନଖିଆ କୁରିଟିଠାକୁ କାନ୍ଧରୁ ଫିଙ୍ଗିଦେଇ ଗୁରୁବାରି ମୁହଁରେ ହାତ ଥାପିଲା ।

—ଛି, ଏମିତ ଅମଂଗୁଳିଆ କଥା କହନ୍ତି । ହେଲ ଦେଖ ବାବୁଘର ଏଇ ଅନାବାଦି ପ୍ଲଟ ଦେଇଚନ୍ତି । ଏ ଝାଡ଼ ଜଙ୍ଗଲ କାଟି ଆମ ଜୀବନ ଆବାଦୀ କରିବା ପାଇଁ ଏଇଠି ଘର ବଖୁରିଏ କରିବା । କେତେଦିନ ଆଉ ପର ଚାଳ ତଳେ ମୁଣ୍ଡ ଗୁଞ୍ଜି ରହିବା କହିଲୁ ? ତତେ ଡାକି ଆଣିଥିଲି ଗୋଟାଏ ଜାଗା ଦେଖେଇ ଦେବା ପାଇଁ—ଖାଲି ତୋ' ମନକୁ ପାଇଲେ, ମୋ କୁରିଟି ଟ୍ରେଠରେ ଏଇଠି ସରଗ ଛୁଣ୍ଡି ପଡିବ । କଣ କହୁଚୁ ?

ଗୁରୁବାରି ଖାଲି ଖିଲି ଖିଲି ହେଇ ହସିଲା । ଶିଯୁ ମୁଠାରେ ଏଣ୍ଡୁଅଟାଏ ମୁଣ୍ଡ ଟୁଙ୍ଗାଉଥାଏ । ଗୁରୁବାରି ଟେକାଟାଏ ଧରି

ଛୁଟିଗଲା ତା'ର ଆଡେ । ନଣିଆ ତା' ପଛେ ପଛେ ଦଉଡ଼ିଯାଇ ତାକୁ ନିବେଉିଇଲା । ଛଳ କୋପକରି କହିଲା,

—ଏଡ଼ୁଟିଏ ତ ହେଲୁ ଆସି । ଭଗବାନେ ଚାହିଁଲେ କାଲି ସକାଳେ ମା' ଡାକ ଶୁଣିବୁ । ତୋ' ପିଲାପଣିଆ କେବେ ଛାଡ଼ିବ ଲୋ ! ଅଭିଆଡ଼ି ବଅସର ହେଣ୍ଡିମର ଖୋଇ ଏବେ ବି ଗଲା-ନାହିଁ ।

ଗୁରୁବାରି ହସି ହସି କହିଲା, କାହିଁକି ମୋର କ'ଣ ହେଇ ଯାଇଚି କି ? ସେଇ ତେମେତ ଅଛି, ଖାଲି ଯାହା 'ତୁ' ବଦଳରେ 'ତେମେ' ହେଇଯାଇଚି । ଏଇତ କଥା ।

ଗୁରୁବାରି ଚିବୁକ ହଲେଇଦେଇ ହସି ହସି ନଣିଆ କହିଲା,
—ସେଇଥିପାଇଁ ତ ମୋର ଏତେ ଚିନ୍ତା ଭାବନା । ମୁଁ 'ତୁ' ଥିଲି ଯେ, ତୋ' କଥା ଚିନ୍ତିବାକୁ ପଡୁନଥିଲା । ଯେଉଁ ଦିନଠୁଁ 'ତେମେ' ହେଲି, ସେଇ ଦିନୁ ତ ତୋ ଭାବନାରେ ମୁଁ ଧନ୍ଦି ହେଉଚି ।

—ଊଃ ଭାରିତ ତେମେ । ମୁଁ କ'ଣ କହୁଚି ତମକୁ ମୋ କଥା ଭାବ, ଚିନ୍ତ, ଧାରହୁଅ । ମୋପାଇଁ ଯଦି ଏତେ ଚିନ୍ତା ଭାବନା ତମର, ମତେ କ'ଣ କନିଅର ମଞ୍ଜି ପୁଞ୍ଜାଏ ମିଳିବନି ?

—ତୁ ଫେରି ସେଇକଥା । ମୋ ରାଣୀଟା ପରି ! ଆଉ ସେ କାଳ କଥା ମୁହଁରେ ଧ'ରନା । କହତ ଏଇଠି ଆମ ଘର ଖଣ୍ଡିକ ହେଲେ ତୋ' ମନ ମାନିବତ ?

ଗୁରୁବାରି ଗୋଟାଏ ଢୁଙ୍କା ଉପରେ ବସିଥିଲା । ନଣିଆକୁ ପାଖକୁ ଡାକି କହିଲା,
—ମତେଟି ଯଦି ପଚାରିଲ, ମୁଁ ଯାହା କହିବି କରିବତ ?

ନଖିଆ ଗୁରୁବାରୀ ପାଖକୁ ଢୁଣ୍ଡି ବସି କହିଲା,
—ତୋ'ର ପାଇଁତ ମୋର ସବୁ ସୁଖ ଶରୀ-ତୋ' କଥା ନ' ଶୁଣିବ ତ ଶୁଣିବ କା' କଥା ?

—ହଉତେବେ ଶୁଣ, ଓ ହେଇ ଏ ଯେଉଁ କାନକୁଲି ନଡ଼ା ସାହାଡ଼ା ଗଛରେ ମାଡ଼ିଚି, ସେଇଠି ହେବ ଆମ ଘର । ଆଉ ଏ ଯେଉଁ ବଉଁଶ କୋଳି ବଣ, ସେଇଠି ହେବ ପୋଖରୀ । ଶାଗ ମାଚ୍ଛ ବୁଣିବାପାଇଁ ଏଇ ଶୟୁ ବଣ କାଟି ଦେଲେ ହେଲା । ଆଉ କଣ ?

ନଖିଆ କୁର୍‌ହାଡ଼ିଟାକୁ ଗୋଟେଇ ଆଣି ଆନନ୍ଦରେ ହୁ କାନ ତେଇଁ ପଡ଼ିଲା । ସେତକ ଗୁରୁବାରୀ ମୁହଁରୁ ଶୁଣିବା ପାଇଁ ସେ ଅନେଇଥିଲା ଆକୁଳ ଆଖିରେ । କାଳେ ଯଦି ଗୁରୁବାରୀ ମନକୁ କାଗାଡ଼ା ନଯାଏ ଏତେ ମିହନ୍ତ କରି ଜଙ୍ଗଲ ଓଲେଇ ଲାଭ କଣ ହେବ ?

ଗୁରୁବାରୀ କଟୁରୀ ଖଣ୍ଡିଏ ଧରି ଭିଡ଼ିଗଲା ନଖିଆ ସାଙ୍ଗରେ । ସେ ତା' ଆକଟ ମାନିଲା ନାହିଁ । ନଖିଆ ପାଞ୍ଚଥର ତା ହାତରୁ କଟୁରୀ ଛଡ଼େଇ ନେଲେ ବି ସେ ପୁଣି କମର ଭିଡ଼ିଲା । ଶେଷକୁ ନଖିଆ ଦକ୍‌ଦାର ହୋଇ କହିଲା

—ଅଭ ଗୋଟାଏ ଅମାନିଆ ପିଲାଟାଏ । ଗେରସ୍ତମାନଙ୍କ କଥା କିଏ ମାନେ ନାଇଁ କହିଲୁ ?

ଗୁରୁବାରୀ ଖାଲି ଟିକିଏ ମୁରୁକି ହସି ଆଖିଡ଼ୋଳା ଯୋଡ଼ିକୁ ପହଁରେଇ ନେଇ କହିଲା

—ହଁ, ଭାରି ଗେରସ୍ତ ହେଇଚ । ଆମେ ଖାଲି ନିଆ ଅନିଆ ସବୁ ତମର ମାନି ଯାଉଥିବୁ ।

ନଖିଅ ଅନାବାଦ ଅବାଦୀ କର ଗୁରୁବାସିର ମନ ଲାଖି ରୂପ ଦେବାକୁ ପୂରା ବର୍ଷଟିଏ ଲାଗିଗଲା । ହେଲେ ଝାଟି ମାଟିର କୁଡ଼ିଆ ଘରଟିକୁ ସତରେ ଖସେଇ ଆଣିଥିଲା ସ୍ୱର୍ଗ । ଆଉ ଗୁରୁବାସି ! ତା’ ଆନନ୍ଦ ଦେଖେ କିଏ ! ହସି ହସି ଗୁଣୁ ଗୁଣୁ ଗୀତ ଗାଇ ଗାଇ ସେ ଯେତେବେଳେ ନଖିଅ କବଳରୁ ଖସିଯାଇ, ଗୋବର ଡୋକେଇଟି କାଖେଇ ଧାଇଁ ଧାଇଁ ବିଲ୍‌ମଝିକି ପଳାଏ, ସେ ମଣେ ଯେମିତି ଗଡ଼ ଜିତି ଆସିଛି । ସେ କାହିଁକି ମାନନ୍ତା ନଖିଅର ବାରଣ ? ଭାରି ସିଆଣିଆ ସେ, ତାକୁ ଆଉ ଭଗବାନ ଗୋଡ଼ହାତ ଦେଇ ନାହାନ୍ତି—ଗୋଟାଏ ଲୋକ ଖଟି ଖଟି କଳାକାଠ ପଡ଼ିବ ଆଉ ସେ ଭାଲୁକୁଣୀ ପରି ଘର କୋଣରେ ବସିଥିବ । ତା’ ହେବ ନାହିଁ ଗୁରୁବାସି ଦେଇ, ଯେତିକି ହେଲା ସେତିକି । ଶ’ଶିଏ ଗୋବର ଆଣିଲେ ତ କୋଡ଼ିଏ ଫେରି ଘସି ହେବ—ସେତିକିର ଦାମ କଣ ଗୁରିପଇସା ହେବନାହିଁ ? ଗୋଡ ହାତ ଚଳୁ ଚଳୁ ଗୋଟାଏ କୁଡ଼ିଆଣୀ ପଣ କଣ ?

ନଖିଅ ଏବେ ଗୁରୁବାସିର ଏ ଘରକରଣା ପଣ ଦେଖି ଆବା କାବା ହେଇଯାଏ । କୋଉଠୁ ସାଧିଲା ଏତେ ସାଣୁଣା ।

ହସ, ଖୁସି, ସୁଖ, ଶରଧା ଭିତରେ ଗଡ଼ିଯାଉଥିଲା ତାଙ୍କର ଦିନ ଗୁଡ଼ିକ । କେଡ଼େ ମଜା କେଡ଼େ ମଉଜର ।

ହେଲେ ନଖିଅ ମନରେ ସବୁବେଳେ ଗୋଟିଏ ଭାବନା ବସା ବାନ୍ଧି ଥାଏ । ସେ ତା’ ଗୁରୁବାସି ପାଇଁ ସବୁ କରିଛି । ଆଉ କରିନାହିଁ କେବଳ ହାତକୁ ରୁପା କାଚ, ବଙ୍ଗଫଳ ହଳେ, ଆଉ ବେକକୁ ଚଇନ ଦି’ ସରି । ଯେତେବେଳେ ଗାଁ ଭିତରେ ସେ ଝିଅ ବୋହୂଙ୍କ ହାତରେ କାଚ, ବଙ୍ଗଫଳ ଦେଖେ ସେତେବେଳେ

ତା' ପ୍ରାଣରେ କମ୍ପନ ଖେଳିଯାଏ । କେତେ ସୁନ୍ଦର ଦିଶୁନାହାନ୍ତି ଏମାନେ ! ଗୁରୁବାରିଟି ମୋର ଏତକ ପାଇଲେ ସରଗ ପରି ଘରି ଦିଶନ୍ତା—ଆଉ ମୁହଁରେ ତା'ର ଫୁଟି ଉଠନ୍ତା ସରଗ ହସ ।

ପାଇଟିରୁ ଫେରି ଘରେ, ଗୁରୁବାରି ହାତରେ ପିତଳ ଖଡୁ ଦେଖି ତା' ମନ ଫିକା ପଡ଼ିଯାଏ । ଦିହ ମିହନ୍ତ କରି ଯାହା ପାଏ ସେଥିରୁ ବଳେଇ ପଇସା କାଳ ବିତିଲେ ବି ଗୁରୁବାରି ହାତରୁ ସେ ସଜ ବଦଳେଇ ପାରିବ ନାହିଁ । ହେଲେ ଯେମିତି ଇଚ୍ଛା, ସେମିତି ସେ ରୁପା ଅଳଙ୍କାରରେ ଗୁରୁବାରିକି ସଜେଇ ଗାଁ ମାଇପଙ୍କ ହିମକଚ୍ଛ କରିବ । ମନକଥା ମନରେ ଥାଏ । ସୁବିଧା ସୁଯୋଗ ଉଣ୍ଡୁଥାଏ । କାହାରି ସାଙ୍ଗେ ଯାଇଲେ ଦି'ଗୁରି ମାସ ଯାଇ ସହରଆଡେ ବୁଲି ଆସନ୍ତା । ଏତେ ଲୋକ ଏତେ ପଇସା ଇଏମେଇ ଏତେ ଦରବ ବୋହିଥାଉଛନ୍ତି, ସେ କ'ଣ ତା ଗୁରୁବାରି ପାଇଁ ଗହଣା କେଇସଜ କରିପାରନ୍ତା ନାହିଁ ?

ସେଥର ବଣି ସର୍ଦ୍ଦାର ଗାଁକୁ ଆସିଥାଏ । ନେଳିଆ କାମିଜ ଉପରେ ପାଟଲା ଗାମୁଛଟି ଡଅ କରି ପକେଇ ଟାଁ ମୁଣ୍ଡ ଗଛ ତଳେ ବସି ତା' ସର୍ଦ୍ଦାରି ଜୀବନର ବାହାଦୂରି ଗପୁଥାଏ । ବଡ ବାବୁଠୁଁ ଆରମ୍ଭ କରି ବଡ ସାହାବ ପର୍ଯ୍ୟନ୍ତ ତାକୁ କେମିତି ଭଲ ପାଅନ୍ତି । ସେଥର ଜମିନି ଇଞ୍ଜିନିୟରଙ୍କ ଅଫି ତା ବିଚକ୍ଷଣ କର୍ମ ଦକ୍ଷତାକୁ କେମିତି ପାଞ୍ଚଜଣଙ୍କ ଆଗରେ ତାରିଫ କଲା—ଗାଁର ନାଷ୍ଟମୀ କେତେଜଣ ବଣି ସର୍ଦ୍ଦାରର ଅନର୍ଗଳ ବକ୍ତୃତା ଶୁଣି ଯାଉ ଥାଆନ୍ତି । ନଖିଆ ପାଇଟି ବଢ଼େଇ ଫେରିଲାବେଳେ ବଣି ସର୍ଦ୍ଦାରଙ୍କୁ ଗୋଟିଏ ଜୁହାର ହୋଇ ପାଖରେ ବସିଲା । ସର୍ଦ୍ଦାର ହସି ହସି କହିଲା

—ଆରେ ନଖି ଯେ, କଣ ବାପ ଖବର କ'ଣ ? ଭଲରେ ଅଛୁତ ?

ନଖିଆ କଥା ନହସରେ କହିପକାଇଲା,

—ନାଇଁ ମଉସା, ମୋ ଜୀବନରେ ସୁଖ କାହିଁ ? ସବୁ ଦିନ ତ ନଅଣ୍ଟ ଅଣ୍ଟ, ବେଳକାଳ ଯାହା ପଡ଼ୁଛି ଯେତେ ରୁଣ୍ଡେଇ ସାଉଁଟି ଆଣିଲେ ତ ପେଟ ପୁରୁନାହିଁ । ଗଣ୍ଠି ଲୁଚବା ତ ଦୂରର କଥା । ହେଲେ ମଉସା, ଏତେ ଲୋକଙ୍କ ପ୍ରତି ସୁଦୟା କଲ ଏ ଗରିବଟା ପ୍ରତି କ'ଣ ଟିକିଏ କଲେ ହୁଅନ୍ତା ନାହିଁ ।

ସର୍ଦ୍ଦାର ତା' ସ୍ୱଭାବ ସୁଲଭ ହସ ଖଣ୍ଡିକ ହସି କହିଲା
—ମୁଁ କଣ କେବେ କାହାକୁ ମନା କରିଛି ଆରେ ନଖି ! ଠାକୁର ସିନା ସପନେଇଲେ ଭୋଗ ଖାଇବେ, ନ ହେଲେ ପୂଝାରୀ କୋଉଠି କଳେ ବଳେ ଯାଚି ଦେଇ ଆସିବାରେ ଦେଖିଚୁ ?

ନଖିଆ ମନ ଗୋଟାଏ ଅଜଣା ପୁଲକରେ ଦୋହଲି ଉଠିଲା । ସେ ଝଣି ସର୍ଦ୍ଦାରର ଗୋଡ଼ ଯୋଡାକୁ ଧରି ପକାଇ ନମ୍ର ହୋଇ ପଡିଯାଇ କହିଲା,

—ମଉସା, ସେଇଟା ମୋର ଅପରାଧ ହେଲଣି । ମୂର୍ଖ ଲୋକ ମୁଁ, ଦୋଷ ଧରିବ ନାହିଁ । କହିବ ଯଦି ଏଇଥର ତମ ସାଙ୍ଗରେ,

ଝଣି ସର୍ଦ୍ଦାର ନଖିଆ ହାତଧରି ଉଠେଇ ଦେଉ ଦେଉ କହିଲା
—ଆରେ ଉଠ ଉଠ—ମୁଁ କ'ଣ ତତେ ମନା କଲି ? ଯା, ଆଜିର-ବାରେ ମୋ ସାଙ୍ଗରେ ଯିବାକୁ ତିଆରି ହେବୁ । କଥା ପଦକରେ ତୁ ଗରିବଟା ଯଦି ଥାଇତି ହେବୁ, ସେଥିରେ କଣ ମୋର ଅଧର୍ମ ହେବ ?

ନଖିଆ ଆନନ୍ଦ ଆଉ ଦେଖେ କିଏ । ମନେ ମନେ ହିସାବ ଯୋଡ଼ିଲା ସେ । ଖୁବ୍ ବେଶି ହେଲେ ମାସ ଦୁଇଟାର କଥା ।

କେଇଟା ଧାନ କଣ ଗୁରୁବାରୀ ଏକଲା ଚଳିପାରିବ ନାହିଁ । ଧାନ, ଗୃହଜାତ ସବୁତ ଘରେ ଅଛି—ତେବେ ପଢ଼ିଲେ ପଢ଼ିଲେ ସେ ମୋଟେ ମଗିବ ନାହିଁ । ହଁ ତାକୁ ଏଣୁ ତେଣୁ କହୁ ମଗେଇ ଦେବା ଯେ !

ଗୁରୁବାରୀ ବହୁ ବୁଝା ସୁଝାରେ ମଗିଲା ସିନା, କିନ୍ତୁ ସେଇ ମଗିବା ହେଲା ତା' ଜୀବନର କାଳକଣ୍ଟକ । ନଖିଆ ତା' ପାଖରେ ଛଅମାସକୁ କବୁଲ କରି ଯାଇ ଯେତେବେଳେ ପାଞ୍ଚମାସ ଯାଏ ନ ଫେରିଲା, ଗୁରୁବାରୀ ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ପରିବାସରୁ ଯିଏ ଆସେ ପଚୁରେ—ଯିଏ ଯାଏ ତା ହାତରେ ଖବର ଦିଏ । ତେବେ କାହାରି ଠଉଁ ଗୁରୁବାରୀ ନଖିଆ ଖବର ପଦେ ପାଏନା । କିମିତି ସେ ବଞ୍ଚିବ ? କେମିତି ସେ ଦିନ କାଟିବ ? କି ଉପାୟରେ ଫେରେ ସେ ତା'ର ହଜା ଧନକୁ ଫେରି ପାଇବ ?

ସଦାନନ୍ଦ ବାବୁ ବି ସେଇ ଚିନ୍ତା କରୁଥିଲେ । କେମିତି ସେ ତାଙ୍କ ହଜା ଧନ ଫେରି ପାଇବେ । ବାପା ସେତିକ ଜାଗା ନଖିଆକୁ ଦାନ କରିଦେଇଛନ୍ତି । ଯଦିଓ ସେ ଦାନର କିଛିମାନେ ହୁଏନା, ତଥାପି ସେ ଘରଦ୍ୱାର କରି ରହିଚି ଯେତେବେଳେ ତାକୁ ସେ ଉଠାଉଛନ୍ତି କେତେବେ । ତେବେ ଯେମିତି ଇଚ୍ଛା ସେମିତି କୋଠା ଖଣ୍ଡେ କରିବାକୁ ତାଙ୍କର ଭାରି ଆଗ୍ରହ । ହେଉଚି ଏବେ କେମିତି ! ଏ ପାଖ ମାଟି ଗୁଡ଼ାକରେ ଭଲ ଇଟା ହେବ ନାହିଁ ବୋଲି ବିଶେଷଜ୍ଞ କହିଲେ । ଯୋଉ ମାଟିରେ ଭଲ ଇଟା ହୋଇପାରିବ, ସେ ମାଟିର ଅଧିକାରୀ ଏଇକ୍ଷଣି ନଖିଆ । ନା—ନା, ତାଙ୍କ ମାଟି ଉପରେ ନଖିଆର କି ଅଧିକାର ଅଛି । ତଥାପି ଘର ଖଣ୍ଡିକ ତା ଅସ୍ତିତ୍ୱର ଜୟଗାନ କରୁଛି । ମାନ କୋଠା କରିବାକୁ ହେବ । ତେବେ ?

ନଖିଆ ଚକିତ ହୋଇ ଅନେଇଲା, ତା' ଝାଟିମାଟି କୁଡଆର କଂକାଳ ଉପରେ ଇଠା ଭାଟିର ଲେଲିହାନ ଜିଭ ଲହ ଲହ ହେଉଛି । ସେ କିଛି ବୁଝି ପାରିଲା ନାହିଁ ।

—କିଏ, କିଏ ସ୍ଥା କଲା ଗୁରୁବାସି ?

—ତେମେ, ତେମେ ନିଜେ ସ୍ଥା କରିଚ । ଯେଉଁ ଅନାବାଦୀ କୁ ଆବାଦୀ କରିଥିଲ ମୋର ସୁଖ ସୁବିଧା ପାଇଁ, ସେଇ ଆବାଦୀ ଆଜି ପୁଣି ଅନାବାଦୀ ହେଉଛି । ଆଜ ଥରେ ତାକୁ କ'ଣ ଆବାଦୀ କରି ପାରିବ ?

—ଏସବୁ ତୁ କଣ କହୁଚୁ ଗୁରୁବାସି ?

—କିଛି ନୁହେଁ, ଆଗ କହତ ପାରିବ ଆବାଦ କରି ଆଉଥରେ ?

—ତୋ' ପାଇଁ ମୁଁ ସବୁ କରି ପାରିବି ।

—ହେଲେ ସେଦିନ ପରି ତମ ବାହୁରେ ଲହୁ ଅଛିତ ? ମୁଁ କାଲୁ ରହାଡ଼ୀଠାକୁ ଆଗଠାରୁ ଆହୁରି ଶାଣିଆ କରି ରଖିଚି ।

# ଓରମାନା ମେଣ୍ଟିଗଲା

କୁହୁଳା ନିଆଁ କୁହୁଳି କୁହୁଳି ହାଉକିନା ଜଳି ଉଠିଲା ପରି, ଶେଷକୁ କଥାଟା ଫୁଟିଆସି ହୋଇ ପଦାକୁ ବାହାରି ପଡ଼ିଲା । ଟିକେତେ ନ୍ୟାୟ ନିଷ୍ପତ୍ତି, ବହୁର ଅବଗୁର ପରେ ମୁଖିଆମାନେ ଠିକଣା କଲେ—ସିଏ ସବୁ ଗେହ୍ଲାପଣିଆ ଚଳିବ ନାହିଁ । ଆମେମାନେ ବଞ୍ଚି ଥାଉ ଥାଉ ଏମିତିଆ ଅନ୍ୟାୟକୁ ପ୍ରଶ୍ରୟ ଦେବୁ ନାହିଁ । ଆରେ ବାବୁ ନିଆଁକୁ କାନିରେ ଲୁଚେଇଲେ କି ଲୁଚେ । ହକ୍‌ତ ସେଇଦିନ ଆମ ଆଗରେ ଆସି କହି ଥାଆନ୍ତୁ, ମୋ ମାଇପ ଦାଉଡ଼ି ଲଗେଇ ମରିଚି । ସେଦିନ କୋଉ ବାପର ହେମନ୍ତ ପାଇ, ଫୁଟିକି ମାରି, ପଞ୍ଚୁଆତଙ୍କ ଆଗରେ ମିଛକୁ ସତ, ସତକୁ ମିଛ କରି କହି ଗୁଲିଗଲୁ 'ଶିବା ମା'ର ବାତ । ବେଳେ ବେଳେ ଧରେ । କାଲି ପାଣି ଗଡ଼ିଆରେ ଧଇଲା ଯେ, ସିଏ ସେଇଠି ପଡ଼ି ମରିଗଲା ।' ଆରେ ଏଠାକୁ କ'ଣ ମଗର ମୁଲକ କରି ଠଉରେଇଲୁଣି କିରେ । ବିରାଡ଼ି ଆଖିବୁଜି ଦୁଧ ପିଏ, ସିଏ ଭାବେ ଯେ ଜଗତଟାରେ ସେଇ ଗୁଲ୍ଲଖି, ନାଇଁରେ ବାପ । ଛାଉଁ ବଡ଼ା ଛାଉଁ ବଡ଼ା କେତେ ଅଛନ୍ତି ।

ହଳିଆ ବଚରା ଯୋଡ଼ହାତ ହୋଇ, ଦରବା ଖଣ୍ଡେ ଦାହରେ ପଡ଼େଇ, ପଞ୍ଚାୟତଙ୍କ ରାୟ ଶୁଣୁଥିଲା । ସେମାନଙ୍କ କଥା ଉପରେ କଥା କହିବାକୁ ଜିଭରେ ତାର ବଳ ନ ଥିଲା । ମୁଣ୍ଡଟା ତା'ର ଝୁଲୁଥିଲା ଚକପରି । ଦୁନିଆଟା ତା' ଆଖିକି ଦିଶୁଥିଲା ଇନ୍ଦ୍ରଜାଲ-ସମ ।

ହରି ରାଉତଙ୍କ କଥାରେ ଠୋକ ପକେଇ ନର ରାଉତେ ପିକା ଟାକୁ ଛେପରେ ନିଭଉ ନିଭଉ କହିଲେ,

—ଏ ଅରକ୍ଷିତ ଗୁଡାଙ୍କ କଥା ଦେଖ ହୋ ! ମୁଲ ଲାଗିଲେ ଭାତ ଖାଇବେ । ଆଗକୁ ନାହିଁ କି ପଛକୁ ନାହିଁ । ଏଗୁଡ଼ାକ ପେଟରେ ମାମଲତକାର ବନିଲେଣି । ମାଇକିନିଆ ଟା ଦଉଡ଼ ଝୁଲେଇ ମଲା, ସାତାଘର ବାପପୁଅ ଦି'ଟା ମିଳି, ମଡ଼ାଖାଇବେ ପୋତି ପକେଇ ସକାଳୁ ଅସି ଭଲେଇ ହେଲେ, କ'ଣ ନା ଶିବାମା ବାତ ବେଗରେ ମରିଗଲା । ଲଫଙ୍ଗା ଭଗିଆ ଟା ପେଟରେ ତା' ତରଫ ହୋଇ ସାକ୍ଷୀ ଦେଉଛି । ଠୋକାର ଗାଲ ଚିପି ଦେଲେ ଜନମ ଦୁଧ ବାହାରି ପଡ଼ିବ । ଭଡଙ୍ଗ କ'ଣ କମ !

ଭଗବାନ ହରିରାଉତଙ୍କ କଥା ସହି ପାରିଲା ନାହିଁ । ଧଡ଼୍କିନା ଚିପଡ଼ି କହିଲା,

—ମୁହିଁ ସମ୍ଭାଳି କଥା କୁହ ରାଉତେ । ମଣିଷର ବେଳ ଅବେଳ ଦେଖନାହିଁ । କିଏ ଅକାଳରେ ପଡ଼ି ତୁମକୁ ଡାକିବାକୁ ଗଲେ ତମେ କିଣ ସାଉଁଳେଇ ନକଲ ଦେଖ । ଖାଲି ବଡ଼ ବଡ଼ କଥା କୁଟେଇଁ । ସେଦିନ ରାତିରେ ହଳିଆ ଯାଇ ନଥିଲା ତମ ଅରକୁ ? ଆଜି ଏଇ ଠାକୁରାଣୀ ଥାନରେ ବସି ଯେଉଁମାନେ ବଡ଼ ବଡ଼ କଥା କହୁଚ, ସେମାନେ ହଲପ କରି କୁହତ, ହଳିଆ ସେଦିନ ରାତିରେ ସଭିଙ୍କ ଦୁଆରେ ଯାଇ ନେହୁରା ହୋଇ ନାହିଁ ? ବାବୁମାନଙ୍କ ନିଦରେ ଅଘାତ ଲାଗିବ ବୋଲି କେହିତ ଟିକେ ଘର ଛାଡ଼ି ପଦାକୁ ଅସିଲ ନାହିଁ । ବଚରାର ସ୍ତ୍ରୀଟା ପାଣି ପାଖରାରେ ପଡ଼ି ଡହଳ ବିକଳ ହେଉଥିଲା । ପୁଅ ତା'ର

ଭରସା ହେଲନାହିଁ । ଆଜି ଖାଲି ନାଶ ହଉଛଇ, ଭୁରୁଣ୍ଡ ମାର ଚବାଣି ପଳାଅ କଥା କହୁଚେଲି ଚଳିବ ?

ସଭିଟା ଯାକର ଲୋକେ ମଜନ ହୋଇଗଲେ । ହରସିଜିତ, ନରସିଜିତ, ଅଇଣ୍ଠୁ ଦାସ, ସପନା ଅଜା ହେରକାଙ୍କ ଅଖିରୁ ନିଅାଁ ଝଟକୁ ଥିଲା—ଏଁ; ଭଗିଆ ପେଟରେ ଗୋଟାଏ ମଣିଷ ପାଲଟି ଗଲାଣି । କାନ କାଟିଲେ ବଚନ ବାହାରୁ ନଥିଲା । ଅଜି ଦ' ହରପ ପାଠ ପଢି ଅସି ଭଡଙ୍ଗ କାଢୁଛି । ସଣ୍ଡିପୁଅ ଅ'ନ୍ତାଟା ପେଟରେ ଏତେ ଏତେ କଥା କହୁ ଚୁଲିଯିବ ଆମ ଅଗରେ ।

ସପନା ଅଜା ଚୁଲାଖ ଲୋକ । ଦେଖିଲେ, ମାମଲାଟା ତାଙ୍କ ମୋଡିଲାଣି । କଥାଟାକୁ ଅଜ ଗୋଟାଏ ବାଙ୍କକୁ ତଡ ନଦେଲେ ଫଳ ଭଲ ହେବନାହିଁ । ସେ ସଭିଙ୍କୁ ଥମେଇ କହିଲେ,—ବୁଝିଲ ବାପ ଭଗି ! ମାମଲତ ଏମିତ ହୁଏନାହିଁ । ତମେ ପିଲାଲୋକ । ତାଡିଲା ଲହୁ ଠେବ ଗଳ ହୋଇ ଫୁଟୁଛି । ଆମର ମାମଲତ କରି କରି ଅସି ବାଳ ପାଚିଲା । ଏଇ ଠାକୁରାଣୀ ଥାନରେ ଗାଁର କେତେ ଗୁରୁତର କଥା ମୁଁ ଗାଏବ୍ କରି ଦେଇଚି । କେତେ ଜୁଜୁଡା ଘର ବସେଇଚି । ଟିକିଏ ଧୈର୍ଯ୍ୟଧର । ହଳିଆର ଏଁ ଲୋକା କଥାଟାଯେ ! ନାଇଁର ମାଇପ ତା'ର ରସି ଦେଇ ମରିଚି । ଜୀବନ ବିକଳରେ ବଚରୁ କହୁଚି ବାତ ବେଣରେ ମରିଗଲା । ମୁଁ କ'ଣ ଅଜ ଯେ କଥା ବୁଝୁନେଇଁ ! ତେବେ ଏଇ ଘୁର କଥାଟା ପାଇଁ ଏତେ ଗୋଳ ଘାଣ୍ଟ କାହିଁକି ? କଥାଟା ଜଡଯାଇ ସରକାରି ଘରେ ପହୁଞ୍ଚିବ ଯେତେବେଳେ ଗଣ୍ଡା ଗଣ୍ଡା ନାଲି ପଗଡିଆ ଛୁଟି ଅସିବେ ସେଇଦୁ ଗଣ୍ଡା ଗଣ୍ଡା ଠେଣା ହୋଇ ଯିବ । ତା' ଅଗରୁ ସବୁ ଏଇଟି ମେଣ୍ଟାମାଣ୍ଟ କରିଦେଲେ, ସୁଲୁଖୁ ରୁରେ ତ ସବୁ ତୁଟିଯିବ ।

ଭଗବାନ ବୁଝିଲା କଥା ନହସରେ ସପନା ଅଜା ଗୋଟାଏ ଗୁରୁତର କଥାକୁ ଚପା ପକେଇ ଦେଇ ଯାଉଚି । କହିଲା,

—କିନ୍ତୁ ତମେ ମିନା ବିଶ୍ୱାସ କରିବ ନାହିଁ ସପନା ଅଜା ! ମୁଁ ପରି ଦ' ଆଖିରେ ଦେଖିଚି । ହଲିଆ ଭାଇ ମତେ ନିଜେ ଡାକି ନେଇ ଯାଇଥିଲା । ଶିବାମା ସେତେବେଳକୁ ପୋଖରୀ ହୁଡ଼ାରେ ପଡ଼ି ଛଟ ପଟ ହେଉଚି । ମୁଁ ଆଉ ହଲିଆ ଭାଇ ଧରିହେଁ ଟେକାଟେକି କରି ଘର ଭିତରକୁ ଆଣିଲୁ । ଅଧଘଣ୍ଟା ପରେ ଜୀବନ ଛାଡ଼ିଗଲା ।

ସପନା ଅଜା କହିଲେ,

—ତୁ ବୁଝିନୁ ଭଗବାନ । ହଲିଆ ଭାରି ଗୁଲିଖି ଲୋକ । ମାଇପ ବେକରୁ ଦଉଡ଼ି କାଟି ପୋଖରୀ ତୁଠରେ ଶୋଇ ପକେଇଚି । ପେଞ୍ଚ ଅଙ୍କ ପେଞ୍ଚ ବୁଝିବାକୁ ତୋ'ର ସାମର୍ଥ କାହିଁ ? ତୋ' ଘର-ପାଖ ପଡ଼ିଶା ଗୋବିନ୍ଦ ନାଆକକୁ ପଚାରୁନଉଁ । କିରେ ଗୋବିନ୍ଦା ! କ'ଣ ଦେଖିଚୁ ଏ ଧର୍ମ ଥାନରେ ସତ ସତ କହିଯା ।

ଗୋବିନ୍ଦ କହିବାକୁ ଆ ଆ ମା ମା ହେଉଥିଲା । ହରି ରାଉତେ ଡିମା ଡ଼ିମା ଆଖି କାଢି ଗୋବିନ୍ଦ ନାଆକ ଆଡକୁ ଅନାଇଲେ ।

ସପନାଅଜା କହଲେ—କହିଯା, କହିଯା, ଅଟକିଲୁ କାହିଁକି?

ଗୋବିନ୍ଦ ନାଆକ ଗଲା ଖଙ୍କାରି କହିଲା,

—ମିଛ ମୁଁ କହିବି ନାହିଁ, ପଞ୍ଚ ପରମେଶ୍ୱର ବସିଛନ୍ତି । ଦେବତା ଥାନ । କା' ନାଁରେ ଉଡ଼େଇ ବୁଡେଇ କହିବାକୁ କି ମିଳିବ ମତେ । ମୁଁ ସେତେବେଳେ ଖାଇସାରି ଶୋଇବାକୁ ଯାଉଥିଲି । ଧନିଆ ମା' ଧୂଆଁ ପତରରୁ କାତରି ବକଟେ ଛଡେଇ ପିକା ବନେଇବାକୁ ଯାଉଥେଲା । କ'ଣ ଗୋଟାଏ ଗଁ ଗଁ ଶବଦ ଶୁଣି

ମତେ ଡାକ ପକେଇଲା । ମୁଁ ଉଠିଯାଇ ଜଳା କବାଟି ବାଟେ ଅନେଇ ଦେଖିଲି ହଳିଆ ଓଳ ଓପରେ ଚଢ଼ି ଦାଆଟାଏ ଧରି କ'ଣ ଗୋଟାଏ କାଟୁଛି । ଭୁସ୍‌କିନା କ'ଣ ଗୋଟାଏ ପଡ଼ିଲା । ମୁଁ କବାଟ ଆଡ଼େଇ ବାରିପିଣ୍ଡା ପାଖରେ ଛିଡାହେଇ ଦେଖିଲି, ହଳିଆ ତା' ମାଇପକୁ କାନ୍ଧରେ ପକେଇ ପୋଖରୀ ହୁଡ଼ ଆଡକୁ ଦଉଡୁଛି । ଜାଣିଲି, ପରମେ ମରମେ ରହିଲି । ସାଇପଡ଼ିଶା କଥା, ଆଜି ତମର କାଲି ଆମର ଲାଗି ରହିଛି । ପାଞ୍ଚ କାନରେ ପକେଇ କି ଲାଭ । ମୁଁ ତ ଆଉ ଜାଣି ନଥିଲି ସେ ଗାଆଁ ଭାଇଙ୍କୁ ହେଣ୍ଡିଦେବ ବୋଲି ।

ହଳିଆ ଯୋଡହାତ ହୋଇ କହିଲା,

—ମିଛକଥା ସାଆନ୍ତେ, ନିପଟ ମିଛକଥା । ଅରେ ଗୋବନ୍ଦ ତୁ କମିତ ଯୁ। କହୁଚୁରେ, ଧରମ ତତେ ସହିବ ? ପରକୁ ଉଡେଇ ବୁଡ଼େଇ ଦେଇ କି ଲାଭ ପାଇବୁ ।

ଗୋବନ୍ଦ କଣ କହିବାକୁ ଯାଉଥିଲା, ସପନା ଅଜା ତାକୁ ଥମେଇ ଦେଇ କହିଲେ,

—ଥାଉ ଥାଉ । ତୁଇ ଏକା ଭାରି ସତଆଟା, ଗାଆଁ ଗୋଟାକ ମିଛୁଆ ହୋଇଗଲେ । ଶୁଣିଲ ଭଗବାନ, ସର୍ଷୀ ସାବୁତାଙ୍କୁ ବ ଫାଙ୍କି ଉଡେଇ ଦେବାକୁ ବସିଛି । ଭଲରେ ଭଲରେ କହୁଛି କଥାଟାକୁ ଗାଆଁରେ ଗାଆଁରେ ମେଣ୍ଟାମେଣ୍ଟି କରିଦିଏ, ନୋଇଲେ କୋଟ କଚେରୀକି ଦଉଡ଼ି ଦଉଡ଼ି ଗୋଡରୁ ଦଶି ଛିଣ୍ଡିଯିବ ।

ଭଗବାନ ଟିକିଏ ଗଚିଯାଇ କହିଲା,

—ତେବେ ହଳିଆ ଭାଇକି କ'ଣ କରିବାକୁ କହୁଛ ସାଫ୍ ସାଫ୍ ଖୋଲି କହି ଦଉନା ? ସିଏତ ଗାଁ ଭାଇଙ୍କ କଥାରୁ ବାହାର ଯିବାକୁ କହୁନାହିଁ ।

ହରିଭକ୍ତ କହିଲେ,

—ହଁ, ଏତେବେଳକେ ଯେ ବାଟକୁ ଆସିଲା । ସେତେବେଳକୁ ତ ଏଇ ଏତକ ମାନି ନେଇଥିଲେ ମାମଲତ ଫଏସଲା ହୋଇ-ଯାଇଥାନ୍ତାଣି । କହେ ସପନି, ହଳିଆ ବିଚରା ଗରିବ ଲୋକ; ମୂଲ ଲାଗିଲେ ଭାତ ଖାଏ । ତା' ଶକ୍ୟକୁ ଅନେଇ ଗୋଟାକଟା ଫଏ-ସଲା କରିଦିଅ ।

ସପନି ଅଜା ଗୁମ୍ ହୋଇ ଟିକିଏ ବସିଲେ । ତାଙ୍କ ପାକଲା ମୁଣ୍ଡଟା ଭିତରେ ହଳିଆ ମାମଲାଟା ମୀମାଂସା ହୋଇ ପାରୁ ନ ଥିଲା । ସେ ବାଟ ଖୋଜୁଥିଲେ, କେଉଁ ଔଷଦ ପ୍ରୟୋଗ କଲେ ଠିକ୍ କାଟୁକରିବ । ପଞ୍ଚୁଆତ ବି ଖୁସ୍ ହେବେ, ଅଫିମଖିଆ ଖର୍ଚ୍ଚଟା ବି ଉଠିଯିବ । ନରି ଭକ୍ତ କାନ ପାଖରେ ଫୁସ୍ ଫୁସ୍‌କ କ'ଣ ଦି' ଚାରି ପଦ କହି ଆରମ୍ଭ କଲେ,

—ହଁ, ହଳଧର, ଆମେ ଜାଣୁଚୁ ତେମେ ପଞ୍ଚୁଆତଙ୍କ ଦାବୀ ମେଣ୍ଟେଇବାକୁ ଅସମର୍ଥ ହବ । ତଥାପି ପାଞ୍ଚ ଭାଇଙ୍କ ଆଖଡ଼ା ଅନିଅ କରିଚ, ଅପଯଶ ଅର୍ଜିଚ, ଗାଆଁ ନାଁ ବଦ୍‌ନାମ କରେଇଚ, ଏ ସବୁକୁ ବିଚାରି ଜଗୁରି ଦେଖିଲୁ ଯେ, ଠାକୁରାଣୀଙ୍କ ଗାଦୀ ପାଇଁ କୋଡ଼ିଏଟି ଟଙ୍କା ଦେଲେ କଥାଟାକୁ ଆମେ ଘୋଡ଼ାଇ ଦବୁଁ ।

ହଳଧର ଚମକି ପଡ଼ିଲା । ତା' ମୁଣ୍ଡରେ ସତେକି ଚେନ୍ଦୁଲିଆ ବିଛାଟାଏ ପଶି କାମୁଡ଼ିଚି । କୋଡ଼ିଏ ଟଙ୍କା ତ ଦୂରର କଥା, ସକାଳୁ ସଞ୍ଜଯାଏ ପିଟିଲେ କୋଡ଼ିଏଟି ପଇସା ବି ତା' ଖୋସଣୀରୁ ବାହାରିବ ନାହିଁ । ତା' ଉପରେ ପୁଣି ମିଛ କଥାଟାକୁ ମୋଟା କରି ସାକ୍ଷୀ ସାବୁତା ସଜେଇ, ତାକୁ ଫାନ୍ଦରେ ପକେଇବାକୁ ବସିଚନ୍ତି । ମନ ଭିତରେ କିଏ ସତେକି ତା'ର ନିଆଁ ହୁଳାଏ ଜାଳି ଦେଲା ।

ନା ନା ସେ ପଞ୍ଚୁଆତଙ୍କ କଥା ମାନିବ ନାହିଁ । ଏମାନେ ନ୍ୟାୟୁ ଖାତିର କରନ୍ତି ନାହିଁ । ମିଛକୁ ସତ, ସତକୁ ମିଛ କରିବାରେ ଯେଉଁମାନଙ୍କର ଏତେ ଟିକିଏ ଇଲମ୍ ଏଲମ ହୁଏ ନାହିଁ, ତାଙ୍କ କଥା ସେ ଶୁଣିବ କାହିଁକି ? ଆପଣା କରମ ଆଦର ଘରେ ବସିବା ଯାହା ଯେତେବେଳେ ହେବ ଦେଖାଯିବ । ସେ ଉଠି ପଡି କହିଲା, —ମୁଁ ଏ ସବୁ ଅଖାତିର ମାନିବ ନାହିଁ । ତମେ ସବୁ ମେଣ୍ଟ ବାନ୍ଧି ମତେ ଫାନ୍ଦରେ ପକେଇବାକୁ ବସିଚ । ମୁଁ ତମମାନଙ୍କ କଥା ଶୁଣିବି ନାହିଁ, କରମରେ ଯାହାଥିବ, ହେବ ।

ହଳିଆ ଚାଲିଗଲା, ସଭା ଲଗାଠାକର ମୁଖିଆମାନଙ୍କ ନାକ-କାଣ ତଳକୁ କରି ଦେଇ । ସେ ଧୂର୍ତ୍ତ ସହଜେ କିପରି ! ବଇଁଶୀ ମଲିକ ଚଉକୀଦାର ବସି ବସି ସବୁ ଶୁଣୁ ଥିଲା । ନରି ରାଉତ ତାକୁ ଡାକି କହିଲେ,

—ଶୁଣିଲୁ ବଇଁଶୀ, ଏଣିକି ତୋ' ଦେଖିଲା କାମ କର, ଗାଆଁ ଯାକ ତ ସମସ୍ତେ ସାକ୍ଷୀ ଅଛନ୍ତି । ଗୋଟି ଗୋଟି କରି ସବୁ କହିବେ । ହଳିଆ ଫେରେ ଗୋଠାଏ ମଣିଷ ହେଲାଣି, ସିଏ ଏଠି ପଞ୍ଚୁ-ପରମେଶ୍ୱରଙ୍କୁ ଫାଙ୍କି ଦେଇ ଚାଲିଯିବ ।

ସଭା ମଉଳି ପଡ଼ିଲା । ରାତି ସେତେବେଳକୁ ଛ'ଘଡି । ସମସ୍ତେ ଯେ ଯାହା ଘରକୁ ଲେଉଟି ଗଲେ । ଯେମିତି ଗୋଟିଏ ଅଶାନ୍ତ ଝଡ ବହୁଥିଲା ସେ ଠାକୁରାଣୀ ଆନଠାରେ ।

\+ + + +

ସକାଳ ହେଉ ନ ହେଉଣୁ ଗାଁ ମୁଣ୍ଡରେ ଦେଖା ଦେଲେ ଦି' ଚାରି ଜଣ ନାଲି ପଗଡ଼ିଆ । ହରି ରାଉତ ଖୁସି ହେଲେ । ସପନି

ଅଜା ସେମାନଙ୍କୁ ପାଖେଇଟି ଅଣିଲେ । ନର ସଜଡେ ଆଗେ ଆଗେ ଚାଲିଲେ ହଳିଆ ଘର ଆଡକୁ ।

କବାଟ ଫିଟିନାଇଁ, ଗାଈ ବାଛୁରୀ ବାହାର ନାହାନ୍ତି । ଘରଟା ସିମିତ ମାଡ଼ି ମାଡି ପଡୁଚି ।

ଡାକିଲେ ଡାକେ, ଦି' ଡାକେ, ତିନି ଡାକେ । କାହାର ସୋର ଶବଦ ନାଇଁ ।

ହର ସଜଡେ କହିଲେ,

—ଶଳାଟା କ'ଣ କମ୍ ମଗର୍ କି । ଚୋର, ଫେରେ; ଚୋର ଉପରେ ହେମାଯୋର । ଆରେ ହଳିଆ, ପୁଲିସ ବାବୁ ଅସିଚନ୍ତି, ତୋ'ର କ'ଣ ଗଜ଼ ଭାଙ୍ଗିବ ନାଇଁ ?

ହଳିଆ କବାଟ ଫିଟେଇଲା ନାହିଁ । ପୋଲିସ୍ ହୁକୁମ୍ ଦେଲେ କବାଟ ଭାଙ୍ଗିବା ପାଇଁ । କବାଟ ଭଡ଼ା ହେଲା । ଭିତରକୁ ପଶି ଦେଖିଲେ—ହଳିଆ ଝୁଲୁଚି ଖଣ୍ଡେ ରସିରେ । ସମସ୍ତଙ୍କ ଆଖି କପାଳକୁ ଉଠିଗଲା । ପୋଲିସ୍ ପଛକୁ ଫେର ଅନେଇଲେ, ଅଧେ ଲୋକ ପଳେଇ ଯାଇଚନ୍ତି । ଖାଲି ମୁଖିଆ ମୁଖିଆ କେଇଜଣ ବଳ ବଳ କରି ହଳିଆର ମୃତ ଦେହଟାକୁ ଅନେଇଚନ୍ତି ।

---

# ଭୋକ

ଫୁଲଜୁଆଁ ନୀଳ ଆକାଶରେ ଚନ୍ଦ୍ର ଉଠିଛି । ଜହ୍ନ ତଳେ ଦୂର୍ଣ୍ଣ କେଦାର ଉପରେ ରୁପେଲି ଲହରୀର ଝର ଝରୁଛି । ଧାନ ଶିଶାର ସଂଘର୍ଷ ସୃଷ୍ଟି କରୁଛି ଏକ ଅଭିନବ ମର୍ମ୍ମର ଶବ୍ଦ ।

ରାତି ତିନି ପହର । ନିର୍ଜ୍ଜନ ପ୍ରାନ୍ତର ଭିତରେ ଦୁଇଟି ଛାୟା ମୂର୍ତ୍ତି ଅସ୍ପଷ୍ଟ । ଧୀରେ ଧୀରେ ଆଗେଇଚନ୍ତି ଆଗୁଆ ଦୁନିଆର ସଇନ ପର ।

ନଈ କୂଳ । ସେଇଠି ଅଟକି ଗଲେ ଛାୟାମୂର୍ତ୍ତି ଦୁଇଟି । ଭରା ନଈରେ ଚପଳ ପବନ ନାଚ କରୁଥିଲା କଲ କଲ ଗୀତ:ଗାଇ ।

—ଛି ସେରନ୍ତି । ଏମିତି ଉଙ୍କଟିଆ ମଣ କଲେ ଚଳିବ, କହନା ? ସବୁଦିନତ ମୁଁ ଆଉ ତୋର ଅଞ୍ଚଳ ନିଧି ହୋଇ ରହି ପାରିବି ନାହିଁ ।

କୋହ ଉଠୁଥିଲା ସେରନ୍ତିର । ଖୁବ୍ ଜୋରରେ ରୋକିବାକୁ ଯାଇ କହିଲା,

—ସବୁ ଚଳିବ ପୁଣି କିଛୁ ଚଳିବ ନାହିଁ ।

—ଫେର୍ ସେଇ ଏକାଜିଦ୍ ସେରନ୍ତି ! ଦେଖୁନୁ ଘରେ ମାଲପା ଟିକିଏ ନାହିଁ ଦାନ୍ତରେ ଲଗେଇବାକୁ । ମୁଣ୍ଡବାଲ ତୋର ଝୋଟେଟୁଁ ବଳି ଗଲଣି । ବେଳେ ଚୁଲି ଜଳିଲେ ଆଉ ବେଳେ ଚୁଲିକି ନୁଣ୍ଡା ଯାଉନି । ତେବେ ବି ତୋର ଏକା ଜିଦ୍ । ବରଜୁଆ କହିଲା ସେରନ୍ତି ଆଖିରୁ ଲୁହ ପୋଛି ଦେଉ ଦେଉ ।

ଅଦୂରରେ ଗୁଳିଆ ଘରଟି ଯେମିତି ଲୁଚି ଲୁଚି ସବୁକଥା ଶୁଣୁଥିଲା । ହୁଏତ ଅଦୂରର କେତେ ତରୁଣ ତରୁଣୀଙ୍କର କୋହ ସେ ଶୁଣିଥିବ । ସେଇ ଜୀର୍ଣ୍ଣ କୁଡ଼ିଆଟି ବୁକୁ ଉପରେ କେତେ ଦିନ କଟିଗଲାଣି । ନମିତା ତା'ର କେଉଁ କାଳରୁ ହୁଏତ ତା'ର ମାୟା ମୋହ ତୁଟେଇ ବିଦା ହୋଇ ଗଲାଣି । କିନ୍ତୁ ସେ ଏ ଯାଏ ମୁଣ୍ଡ ଟେକି ରହିଛି । ନୂଆ ଦୁନିଆର ରଙ୍ଗଢ଼ଙ୍ଗ ଦେଖି ସେ ଆବା କାବା ହେଉଛି ।

ସେବନ୍ତୀ ବରଣ୍ଡା ଖୁଣ୍ଟ ଉପରୁ ଓଦା ମୁହଁଟାକୁ ଉଠେଇ ବାଜଣିଆ କଣ୍ଠରେ କହିଲା,

—ଆମର ଏଇ କୁଡ଼ିଆ ଘର ଗୃହପଟେ ମା'ଲକ୍ଷ୍ମୀ ଖେଳ କରୁଚନ୍ତି । ଧନ ଭଣ୍ଡାର ଆମର ଦୁଆରେ ମୁକୁଳା ହୋଇ ପଡ଼ିଛି । ତଥାପି ତମେ ଧାଇଁ ଯିବାକୁ ବସିଚ ଦୂର ଦେଶକୁ ।

—ବାଇଆଣୀଟା ମୋର ! ଆମର କୁଡ଼ିଆ ଗୃହପଟରେ ମା' ଲକ୍ଷ୍ମୀ ବିରାଜମାନ କଲେ ତ ଆମର ଦୁଃଖ ଘୁଞ୍ଚିବ ନାହିଁ । ଆମ ପେଟ ତ ପୂରିବ ନାହିଁ । ବରଣ୍ଡା ସେବନ୍ତୀରେ ନୁଖୁରା ବାଳ କେରାକରେ ଅଙ୍ଗୁଳି ଚଳାଉ ଚଳାଉ କହିଲା,

—ପେଟ ପୂରୁ ନ ପୂରୁ, ଚୁଲି ଜଳୁ ନ ଜଳୁ । ଦିନ ବଖତରେ ବଖତେ ଲୁଣ ଲଙ୍କା ଖାଇ ପେଜ ମୁନ୍ଦାଏ ପିଇ ମୁଁ ଯେଉଁ ସୁଆଦ ପାଉଚି, ତମେ ଆଖିଆଗରୁ ଚାଲିଗଲେ ହଜାରେ ଶରୀ ସୁଖରେ ବି ମୋ ମନ ମାନିବନି । ନା ତମେ ଯାଅନି, ମୋ ରାଣ ତ । ସେବନ୍ତୀ ବରଣ୍ଡା ଖୁଣ୍ଟ ଉପରେ ମୁଣ୍ଡ ରଖି ଫୁଲି ଫୁଲି କାନ୍ଦି ଉଠିଲା ।

ଜହ୍ନ ସେମିତି ହସୁଥିଲା । ପବନ ସେମିତି ନାଚୁଥିଲା । ଲହରୀ ମାଳା ସେମିତି ଘୋଡ଼ ଦଉଡ଼ ଖେଳୁଥିଲେ । କେହି ଏ ନିରୀହ

ପକ୍ଷୀ-ପକ୍ଷିଣୀ ଭୁଇଁଟି ପାଇଁ ଆଖିରୁ ଲୁହ ବନ୍ଦୁଏ ଗଡ଼ଉ ନ ଥିଲେ । ସମସ୍ତେ ଯେମିତି ନିତଦିନ ଏହିପରି କେତେ ଘଟଣା ଅଙ୍ଗେ ନିଭେଇ ପାଷାଣଠୁଁ ଅହୁର ଟାଣ ପାଲଟି ଯାଇଛନ୍ତି ।

"ସ୍ୱାମୀ ପାଖରୁ ଚାଲିଯିବେ ।" ସେରନ୍ତି ଅନ୍ତରରେ ପ୍ରବଳ ଝଡ଼ ଉଠିଛି । ଅସୀମ ସାଗର ମଝିରେ ନଙ୍ଗରହୀନ ପୋତ ଝଡ଼ରେ ପଡ଼ିଥିବା ଭଳି ତା' ଅନ୍ତର ଦୋହଲୁଛି । ନାଁ, ସେ କୌଣସି ପ୍ରକାର ସ୍ୱାମୀଙ୍କୁ ସଙ୍ଗଛଡ଼ା କରିବ ନାହିଁ । କେତେ-ବେଳେ କେଉଁ କଥା । ହାନି ଲାଭ, ଦହ ମୃତ୍ୟୁ ଅଛି । ଅଣ୍ଡିରା ଚଣ୍ଡିରା ସେମାନେ; ବିଦେଶ ଭୂଇଁରେ କିଏ ସାହା ଭରସା ହେବ ?

—ଦେଖ୍ ସେରନ୍ତି, ବେଳ ଗଡ଼ି ଯାଉଛି । ଉଚ୍ଛୁର ହୋଇ ଯାଉଛି । ରାତି ପାହିଗଲେ ଅନୁକୂଳ ପେଗୁଆଖିଆ ହୋଇଯିବ । ତୁ ଲେଉଟି ଯା' ମୋ ସଙ୍ଗରେ ଆଉ ଗୋଳ କରନା । ମୁଁ ତୋ ଶୁଖିଲା ମୁହଁରେ ହସ ଚହଟେଇ ମାସ ଚାରିଟା ପରେ ବାହୁଡ଼ି ଆସିବି ଯେ! ଯା' ତୁ । ସୁମ ଅପାକୁ କହିଛି ସେ ତୋ ତତ୍ତ୍ୱ ନେଉଥିବ । ଘରର ହାନି ଲାଭ ବୁଝାସୁଝା କରୁଥିବ ।

ସେରନ୍ତି ଲୋଟିପଡ଼ିଲା ବରହ୍ମା ପାଦ ତଳେ । ଅଖି ଲୁହରେ ଭିଜେଇ ଦେଲା ତା' ପାଦ ଯୋଡ଼ିକୁ । ଥରିଲା କଣ୍ଠରେ କହିଲା,

—ଦେଖୁଚ ଧାନ କିଆରୀ କେମିତି ଛାତିଫୁଲେଇ ନାଚୁଛି ?

—ଥରେ ପା' କହିଲି ସେ ପରିର । ମୋର ଦୁଆରେ ସୁନା ଖଣି ଦେଖି ମୁଁ ଉହଲ ବିକଳ ହେଲେ ବି ପାଇ ପାରିବି ନାହିଁ । ଭୋକିଲା ମଣିଷ ମୁହଁରୁ ବଢ଼ା ଭାତ ଛଡ଼େଇ ନେଲାପରି, କାଲି ସକାଳେ ସେମାନେ ଧାନ କିଆରୀକୁ ସଫା କରିଦେବେ । ଅମ

କୁଡ଼ିଆ ବଙ୍କଠିକ ସେମିତ ନାସ୍ଥିଆରେ ପଡ଼ିଥିବ । ଅମ ଝୋଟିକିଲା ପେଟ ଭେମିଛ ଅଭିତି ପାଉଟି ହେଉଥିବ । କେହି ଶୁଣିବେ ନାହିଁ କି କେହି ଜାଣିବେ ନାହିଁ ।

ସେରନ୍ଧ୍ରର କେବଳ କୋହ ଉଠୁଥିଲା ।

ଗୋଟିଏ ଛାୟାମୂର୍ତ୍ତି ଧୀରେ ଶିଥିଳ ବନ୍ଧନରୁ ମୁକ୍ତ ହୋଇ ଦୂରେଇ ଯାଉଥିଲା ଦୂରକୁ ।

ଆଉ ଗୋଟିଏ ଛାୟା ମୂର୍ତ୍ତି ବୁକୁଫଟା ବେଦନା ଘେନି ବ୍ୟଥିତ ପଦରେ ଜୀର୍ଣ୍ଣ କୁଡ଼ିଆର ଛାଟି ଆଡ଼େଇ ଭିତରକୁ ପଶିଲା । ନିଃସଙ୍ଗ, ଶୂନ୍ୟ । ସତେ ଯେମିତି ସରନ୍ଧ୍ର ଗୁଞ୍ଜଳ ମୁଠାକ ଯୋଗୀ ଥାଳରେ ଓଜାଡ଼ି ଦେଇ ଆସିଛ ।

ସେତବେଳ ଯାଏ ନୀଳ ଅକାଶରେ ଗୁନ୍ଧ ଡୁବି ନ ଥିଲା । ଭସ କେଦାରରୁ ଉଭି ନ ଥିଲା ମର୍ମହତ ସଙ୍ଗୀତ ।

# ବେନାମୀ

ହୁମ୍ମୁକା ମେଘର ହୁମ୍ମୁକା ରଡ଼ରେ ଯେତେବେଳେ ଝାଁ ଦାଣ୍ଡ ଉଚ୍ଛୁଳି ପଡୁଥିଲା, ଘର ଘରକେ ଛାଟି କବାଟ ଝିଙ୍କି ଖାଉଥିଲା ଘଡ଼ ଘଡ଼ି ଚଡ଼ ଚଡ଼ି ନାଦରେ କୋଳର ପିଲା ମା କୁ ଯାବୁଡ଼ି ଧରୁଥିଲା, ସେତେବେଳେ ପରଡ଼ା ଖାଇ ରୁକୁଣୀ ନାମ୍ନୀର ସାନ ବୋହୂ ଦହ ଦୁଃଖ ପାଉଥିଲା। ବଡ ବୋହୂଟା ଭିନ ଅଲଗା ହୋଇ ସାନ ପୁଅ କୁସୁନିଆଁଟାକୁ କୋଳରେ ଯାକି ଧରି ତାଙ୍କ ଘର ଓଳିଆ ଭାଡି ଉପରେ କନ୍ଥାଟା ବିଛେଇ ଦେଇ ମିଛୁଟାରେ କୁନ୍ଥାଉଥିଲା ଶୋଇ ଶୋଇ। ଶାଶୁ ବୁଢ଼ୀ ବରୁସି ସାନ ବୋହୂଟି ପାଖେ ଜଗି ବସି, ତା' ବିକଳ ଗଞ୍ଜଣା ସହି ନ ପାରି ଡକା ପାରୁଥିଲା, —ଭଣ୍ଟ ଦାସ ହୁଅ, ଏଣେ ଟିକିଏ ଆ' ଭଲା। ଦେଖୁଛୁ ସାନଝିଅଟା ଦୁଃଖ ପାଉଚି, ମେଘ ପବନର ଦାଉଦାଉଆ ବାଦ ବେଳେ ତୁ କି ଓରମାନା ମେଣ୍ଟେଇଲୁ। ହେଲେ ବଡ଼ ବୋହୂ କାନରେ କଥା ଗୁଡ଼ାକ ଏ ବାଟେ ପଶି ସେ ବାଟେ ବାହାରି ଯାଉଥାଏ। ଶାଶୁ ବରୁସି ମୁଣ୍ଡ କୋଡ଼ି ହୋଇ କଣ୍ଠ ଦରଜ ହେବା ଛଡ଼ା ଆଉ କିଛି ଫଳ ଫଳିଲା ନାହିଁ। ପୁଅ ଦି'ଟାଯାକ ତ ସବୁ ଦିନ ବିଦେଶୀଆ। କପାଳକୁ ଏଡ଼େ ଖୁମାଣୀ ବଡ଼ ବୋହୂଟା ଜୁଟିଲା ଯେ, କୁଟା ଖଣ୍ଡିକିତ ଦି'ଖଣ୍ଡ କରିବ ନାହିଁ, ଫେରେ ବାଦରୁ ସି'ଖିଏ ପେଟରେ ପୂରେଇଚି।

ରାତି ସେତେବେଳକୁ ପହରକରୁ ବଳିଗଲାଣି। ଶାଶୁ ବୁଢ଼ୀ ବରୁସି ଆଉ କିଛି ବାଟ ନ ପାଇ ମେଘରେ ଭିଜି ଭିଜି ଯାଇ

ପଡଶା ଘର କବାଟରେ ହାତ ମାରିଲା । କେହି ଶୁଣିଲେ ନାହିଁ । ଶେଷକୁ ଆଉ କିଛି ବାଟ ନ ପାଇ ଏତେ ପାଟି କରି କହିଲା,—ସାନ ବୋହୂର କଣ ପିଲା ଟିଲ ହେବ ଯେ, ସେ ମଯୂର ପରି ଘରେ ଗଡୁଛି, ଏ ଅବେଳରେ ତୁମେ ସବୁ କେହି ସାହା ନ' ହେଲେ ଅଡଶା ପଡଶା ହେଇ ଆଉ କ'ଣ କରିବ ?

ହେଲେ ଅରଣ୍ୟ ରୋଦନ ସାର ହେଲା । ଏ ଯୋଉ ଯାଗ, ଏ ଯେଉଁ ବେଳ, କା' ଯୁଗ ଭାସି ଯାଉଛି ଯେ ନ'ଗଲେ ନଚଳେ । ବୁଢୀ ବଗୁସି ଗୋଟି ପଣ ଥରୁ ଥାଏ, ଗୋଡ ହାତ କୋହଲ ମାରି ନେଲାଣି । ପାଟି ଠାଉ ଠାଉ ବାଜିଲାଣି, ବଙ୍କୁଲା ପଛକୁ ଘଡ ଘଡି ମଣିଷ କଲିଜାକୁ ଶୀତଳ କରି ଦେଉଛି । ବୋହୂଟାର ଅବସ୍ଥା ତହୁଁ ବଳି । କ'ଣ କରିବ ? କାହାକୁ ଡାକିବ ସେ ଏ ଅବେଳରେ ? ମେଙ୍କି ଅପା ଶୁଳୁଣୀ ଘର ଗାଁ ସେ ମୁଣ୍ଡକୁ । ଯିବାକୁ ଶକ୍ୟ ନାହିଁ । ତଥାପି ବୁଢୀ ଗୋଡ ବଢ଼ାଇଲା । ଏ ପାକଲା ବାଳରେ ବି ତା ଦୁଃଖ ମେଣ୍ଟିଲା ନାହିଁ । ଯୋଡା ଯୋଡା ପୁଅ ଯୋଡା ଯୋଡ଼ା ବୋହୂ ଥାଇ ତା'ର କ'ଣ କରିବେ ?

ବଗୁସି ମେଙ୍କି ଅପା ! କି ଘଡମୂଳରେ ତା'ର ଜନ୍ମ ହେଲାଣି, ତା'ପରି ପରଉପକାରୀ କିଏ ହେବ ? ଗାଁ ଯାକର ସେ ଅପା, ବାପର ଅପା, ପୁଅର ଅପା, ମାମୁଁର ଅପା, ଦାଦାର ଅପା । ସେ ଡାକଟା ଯେମିତ ସାର୍ବଜନୀନ । ଲୋକଟାବ ସେମିତ ସମସ୍ତଙ୍କର । ତା ତିନି କୁଳରେ କେହି ନାହାନ୍ତି । ଅପରର ପାଇଟି କରେ, ଖାଏ । କେବଳ ଭାଲର ପୁରୁଣା ଗୁଳିଆ ଘର ଖଣ୍ଡିକ ତା' ମୁଣ୍ଡ ଗୁଞ୍ଜିବାକୁ ଅଜିବ ଜାଇ ରହିଛି । ମେଙ୍କି ଅପା ଠାରୁ ଯଦ୍ୟପି ସେ ଅଧିକ ଦୁର୍ବଳ ଅଉରି ଅସାର ହେଇ ପଡ଼ିଲାଣି, ତଥାପି ସେ ମେଙ୍କି ଅପାକୁ ଆଶ୍ରୟ ଦେଇଛି । ମେଙ୍କି ଅପା ଯେବେ ସେ ଘରକୁ ବୋହୂ

ହୋଇ ଆସିଥିଲା । ହେଲେ ସେତେବେଳେ ସେ ଘର ଥିଲା ଯୌବନ୍ମୀ । ଲୋକବାକଙ୍କ ଗହଳି ଚହଳିରେ ଘର ଉଚ୍ଛୁଳି ପଡୁଥିଲା । ଲାଗେ ଲାଗେ ଗୁହ ବଖାରି ଘର । ସିନ୍ଦୁକ ବାକ୍ସ, କଂସା, ବାସନ ଝଣଝଣ, ଠଣ ଠଣରେ ସାରା ସାଇ କର୍ଣ୍ଣ ଉଠୁଥିଲା । ସ୍ୱାମୀ ତା'ର ଥିଲା ଚୌହଦ୍ଦା ମର୍ଦ୍ଦ, କଳା ମଚ୍ ମଚ୍ ଦେହରୁ ତାର ମାଛି ଖସି ପଡୁଥିଲା । ହେଲେ ଦଇବ ସହିଲା ନାହିଁ ତାର ସୁଖ ଶିରୀ । ହାଣି କପାଳୀ କପାଳରେ କ'ଣ ବିଧାତା ଏତେ ସୁଖ ଲେଖିଚି ? ବୋହୂ ହୋଇ ଆସିବାର ପାଞ୍ଚଟା ବର୍ଷ ନ' ପୂରଣୁ ସୁନାର ସଂସାର ତାର ଚୂନା ହୋଇଗଲା । ଟାଁଟାଉଠର ପଧାନ ବୁଦ୍ଧିରେ ପଡ଼ି, ଭାଇ ଭାଇ ଭିତରେ କଳି ଉ କବଲ ହୋଇ, ମୁଣ୍ଡ ଫଟା ଫଟି ପର୍ଯ୍ୟନ୍ତ ହେଲେ, ଲହୁ ଝରି ଗାଁ ମାଟିକି କାଦୁଅ କରି ଦେଲା । ମାଲି ମକଦ୍ଦମାରେ ଜମିବାଡ଼ି, କଂସା, ବାସନ, ସିନ୍ଦୁକ ବାକ୍ସ ବନ୍ଧା ପଡ଼ିଲା । ସେଥିରେ ଦୁଃଖ ନ ଥିଲା ମେଙ୍କି ଅପାର । ଖାତିର କରି ନଥିଲା ମେଙ୍କି ଅପା । କିନ୍ତୁ ଯେଉଁଦିନ ତା ପୋଷଣାହାରୀ ଗେରସ୍ତ ଆରପୁରକୁ ବାଟକାଟିଲା ହାଡ଼ାବାନ୍ତିରେ, ସେଦିନୁ ମେଙ୍କି ଅପା ଆଖିରୁ ଝରିପଡ଼ିଲା ଅଶ୍ରୁର ଅଶୁଖା ଝରଣା । ସେତେବେଳେ ଦେହରେ ତାର ଭରାଯୌବନର କୁଆରିଆ ତରଙ୍ଗ । କେତେ ଥଟ୍ଟା ପରିହାସ, ଠାହୁଠାପରି ସେ ନ'ସହିଚି ଦିହକ ଭିତରେ । ଦିଅର ଦେଢ଼ଶୁରମାନେ କେହି ଟିକିଏ ହେଲେ ତା'ଆଡେ ହେଟନଜରରେ ଅନେଇଲେ ନାହିଁ । ଶେଷକୁ ସେ ଘରୁ ଗୋଡ଼ କାଢ଼ିଲା ପେଟର ଜାଳା ସହି ନପାରି । ବାର ମୁହଁରୁ ବାରକଥା ଚୁପ୍‌ଚାପ୍, ଫୁସ୍‌ଫାସ୍ ହୋଇ ବାହାରିଲା । ହେଲେ ମେଙ୍କି ଅପା ସେ ସବୁ କିଛି ଶୁଣିଲା ନାହିଁ । ସବୁକୁ ସେ ପିଇଯାଇ ସମସ୍ତଙ୍କ ଘରେ ଘର ମଣିଷ ପରି ପାଇଟି କରି ପରକୁ ଆପଣାର କଲା । ସେହିଦିନୁ ଆଜିଯାଏ ଗାଁଯାକର ଲୋକେ ଯେ

ସେ ଉପକାର କରୁଣି, ସେକଥା ଭାବିଲେ ଭାବ ହୁଏନି । ଅଥଚ ଆଜି ବି କେହି ତା'ପ୍ରତି ଏତେ ଟିକିଏ କରୁଣା ପ୍ରଦର୍ଶନ କରନ୍ତି ନାହିଁ । ମୁଣ୍ଡର ବାଳ ପାଚି ଧୋଠ ହେଲଣି, ଦେହର ହାଡ ପୋରହା ହୋଇ ଅସିଲଣି, ଅଗ ଦାନ୍ତ ଗୁଡାକ ଝଡି ପଡ଼ିଲଣି । ତଥାପି ରଥ ଭାର ଟାଳୁଚି । ଅଜବ ଯୋଗୀ, ଭିକାରୀ, ଭୋକି, ରଙ୍କିଙ୍କ ପାଇଁ ବୃକ୍ଷତଳେ ତାର କରୁଣାର ନିର୍ଝରିଣୀ ବହି ଟାଳୁଚି ।

ମେଙ୍କି ଅପା ତା' ଭାଡ଼ି ଉପର ଗୋଟାଏ ବଡ଼କୁ ବସି ଭାବି ଟାଳିଥିଲା ତା' ଅତୀତ ଦିନ ଗୁଡାକୁ । ମେଘ ଝରୁଚି ଅବସାମ ଗତିରେ । ଟାଳି ଖଣ୍ଡିକ ଛୁଆ ହୋଇ ପାରିନାହିଁ ଏ ବର୍ଷ ... ଅମଳ ବେଳେ ପୋଡା ଜରଟା ହେଲା ଯେ କାହାର ଭୂଇଁରେ ଯାଇ ଛୁଡା ହୋଇ ଛଣ ପାଞ୍ଚବୋଝ ଆଣିବାକୁ ତା'ର ବଳ ନଥିଲା । ଜର ଛାଡ଼ିଲା ବେଳକୁ ଅଷାଢ଼ ମାସ ଆରମ୍ଭ ହୋଇ ଗଲାଣି । ଆଜି ଛଣ କିଏ ଦେଉଚି, କିଏ ଛାଇ ଦେଉଛି, ତା' ଟାଳି ଖଣ୍ଡିକ । କା'ର ବେଳକାଳ ମାଡ଼ି ଆସୁଚି ସଞ୍ଜି ଖଣ୍ଡିଟାର ଟାଳିଟା ଛପରବନ୍ଦୀ କରି ଦେବାକୁ । ଘର ଛୁଆଳିଏ ତା'ପିଲ୍ହାକୁ ଡରନ୍ତି । ନଇ ଗଣ୍ଡି ଗୁଡାକ ଏତେ ପାପସ୍ତି ହୋଇ ଗଲାଣି ଯେ, ଗୋଡ ରଖି ହେଉନି । ଗଲାସନ ଚକରି କୁଆଡେ ତା' ଘର ଛାଉଁ ଛାଉଁ ଗଳି ପଡ଼ିଥିଲା । ଏକହୁଁ ଆଁଷାଢ଼ ଆରମ୍ଭ ହୋଇ ଗଲାଣି । ଟୃପ, ବାସ କାମ ଖସି ଖସିଟି ହୋଇଥିଲେ କେଜାଣି ସମସ୍ତେ ମିଳିମିଶି ସଞ୍ଜିଟାର ଗୁହାରି ଶୁଣିଥାନ୍ତେ ।

ମେଙ୍କି ଅପା ଅନେଇ ଥିଲା ତା' ଭାଡି ତଳ ପାଣି ଲହଡ଼ିକୁ ! ଆଜି ଭାବୁଥିଲା ଗାଁ ଆକର କଥା । କାହାର ସେ କ'ଣ ନକରଚି ? ବେଳ, ଅବେଳ, ସତ, ଅସତ କିଛି ସେ ମାନି ନାହିଁ । କିଛି ସେ ବାରି ନାହିଁ । କା'ର ବାହାଘର, କା' ଝିଅ ଭାରନେଇ ଶାଶୁ

ଘରକୁ ଯିବ । କାହା ବୋହୂର ପିଲା ଜନମ ହେଉନାହିଁ, କା'ର ବଳଦ ଘର, କା'କୁ ହାଡ଼ା ବାନ୍ତି ହେଉଛୁ; ହିଁ'କ କଥାରେ ମେଙ୍କି ଅପାକୁ ଡକରା ପଡେ । ଭାତ ଖାଇ ବସିଥିଲେ ବି କଂସା ଛାଡ଼ିଦେଇ ସେ ଛୁଟିଯାଏ । ତାର ପରିଣତି କ'ଣ ଏଇଆ ? ମେଙ୍କି ଅପାର ଆଖିରୁ ଲୁହ ଦ'ବୁନ୍ଦା ଝରିପଡ଼ି ମେଘ ପାଣିର କଲିକାକୁ ତନ୍ତେଇ ଦେଲା । ତା' ମୁଣ୍ଡ ଗୁଞ୍ଜିବାର ଠାଇଁ ଖଣ୍ଡିକ ଆଜି ଉଜୁଡ଼ି ଯିବକି ! ଉତ୍ତର ପାଖ କାନ୍ଥଟା ପଡ଼ିବ ପଡ଼ିବ ହେଉଚି । ମେଘ ସାଙ୍ଗକୁ ନିଆଁଲଗା ପବନଟା ବି ବାଦ ସାଧୁଚି । ସାଇଁ ସାଇଁ ହୋଇ ଜଅ ଛଡ଼ା କୁଡ଼ିଆ ଖଣ୍ଡିକୁ ବି ବାହୁନେଇ ଯାଉଚି । କ'ଣ ସେ କରିବ ! ନିଜେ ଇନାମନ୍ତ୍ର ତନ୍ତ୍ର ସାରିଲାଣି । କେବଳ ଭାଉଜ ଉପରେ ଆଶା ନେଇଚି ବୋଲି ଯାହା ସନିପାତ ଧାରି ନାହିଁ । ଏମିତିଆ ଅବେଳରେ କା' ଓଳିତଳେ ଯାଇ ମୁଣ୍ଡ ଗୁଞ୍ଜିବ ? ନ ଯାଇ ବି ଗତିଗୋଚର କାହିଁ !

ବିଜୁଳିଟା ଚରକିନା ଖେଳିଗଲା । ସେଇ ଝାପସା ଆଲୁଅରେ ମେଙ୍କିଅପା ଦେଖିଲା ପଇଡାଘରର ରୁକୁଣୀ ନାନୀ ତା'ର ଘର ଭିତରକୁ ପଶି ଆସୁଛି । ମେଙ୍କି ଅପା ଚହଙ୍କି ପଡ଼ିଲା ।

—ଏ ଅବେଳରେ ତମେ କୁଆଡେ ?

—ସେକଥା ପଛେ ଅପା, ତୁ ଆଗେ ଆ' । ସାନ ବୋହୂଟା କଷ୍ଟ ପାଉଚି ସଞ୍ଜ ପହରୁ । ବଡ ବୋହୂଟା ଖୁମାଣ କରି ଶୋଇଚି। ଡାକି ଡାକି କଣ୍ଠ ଫାଟିଗଲେ ବି ଜବାବ ଦେଉ ନାହିଁ । ଅପା, ଏ ଅବେଳରେ ସାହା ନହେଲେ ମୁଁ ଭାସିଯିବି ।

ମେଙ୍କି ଅପା ଏତେ ଦୁଃଖରେ ବି ହସି ପକେଇଲା । ଏଇ ରୁକୁଣୀ ନାନୀ ! କ'ଣ ହେବ ସେଗୁଡ଼ା ଧରି । ଜଗରେ କର୍ମ

କମ୍ପି ଦିନେ ଯାଇ ଦୁଧ ଛଟାଙ୍କିଏ ମାଗିଥିଲା । ମୁହଁଟାକୁ ଟେରା ଟେରା କରି କହିଲା,

—ଇଏ ଯାଆଲୋ ! ଆଇଲା ଦୁଧ ପାଇଁ ।

ମୋ ନାତିଟାକୁତ ଖାଇବାକୁ ହେଉନାହିଁ । କୋଉ ଧିଅକରେ ଦୁଧ ଖାଇଥିଲୁବା ! ମେଙ୍କିଅପା ସେଦିନ କେତେ ନାଲି ଗ୍ଲଲି ହେଇ ନଥିଲା ତା ଦୁଆରେ । ହେଲେ ନିରାଶ ହେଇଥିଲା ଶେଷକୁ । ବଡ ବୋହୂ 'ଡ଼ାଆଣୀ ବୁଢୀ ଅସିଲା, ପୁଅକୁ ଲଗୁ' ବୋଲି ତା ଠେଙ୍ଗରେ ହାଣିଥିଲା । ସେଇଦିନୁ ମେଙ୍କି ଅପା ଆଉ ତାଙ୍କ ଦୁଆର ମାଡ଼ି ନଥିଲା । ଆଉ ଆଜି……

ବଜୁଲି ପରେ ଚଡଚଡ଼ିଠା ମେଙ୍କି-ଅପାର କଲିଜା ଥରେଇ ଦେଲା । ନାଁ, ଏ ଅବେଳାଠାରେ ସେକଥାଗୁଡ । ଭାବିବା ମଣିଷ ପଣିଆ କଥା ହେବନାହିଁ, ସେ ଉଠିଲା । କେବଳ ଧୀର ପଦଟିଏ ଉଚ୍ଚାରଣ କଲା—ଚାଲ !

ମେଘ ସେମିତି ବର୍ଷୁଥାଏ । ପବନ ସେମିତି ପିଟୁଥାଏ । ହେଲେ ମେଙ୍କି ଅପାର ସେଆଡେ ନଜର ନାହିଁ ଯେମିତି । ସେ ଚାଲିଥାଏ । ଯେମିତି ଝଡ ସହିତ ଲଢ଼େଇ କରିବାକୁ ତାର ଜନ୍ମ । ବିପଦ ସଂକୁଳ ପଥକୁ ମାଡ଼ି ମକଚି ଆଗେଇବା ତା' ଧର୍ମ ।

ପଇଡା ଘର ଦୁଆର ମୁହଁରେ ଗୋଡ ଦେଲା ବେଳକୁ ସାନ ବୋହୂଟା କାନ୍ଦ କାନ୍ଦ ଉଚ୍ଛନ୍ନ ହେଉଛି । ବଡ ବୋହୂଟା ଦୁଆର-ବନ୍ଧ ଧରି ଠିଆ ହେଇ କହୁଚି,

—ପୁଅ 'ଜନ୍ମ କରିବାକୁ ବଳ ନଥିଲାତ ପେଟରେ ସାଇଁଥିଲୁ କାହିଁକି ?

ମେଙ୍କି ଅପା ଶୁଣିଲା । ତୁଁ କ ଚୁଁ କିଛି କହିଲା ନାହିଁ । ନଟେ ନଟେ ଯାଇ ଉଠିଲା ସାନବୋହୂ ପାଖରେ । ଶାଶୂ ବଡ ଘରୁ ଲୁଗା ପାଲଟି ଆସିଲାବେଳକୁ ପୁଅଟିଏ ତଳେ ପଡି କୁଆଁ କୁଆଁ ହେଉଛି । ମେଙ୍କି ଅପା ମୁହଁରେ ବିଜୟୀର ହସ । ସେ ସତେଡକି ଗଡ ଜିତଛି । ତା' ଛିଣ୍ଡିଲା ଲୁଗାପ୍ରତି ତାର ନିଘାନାହିଁ । ତା' ଥରିଲା ଦାହ ପ୍ରତି ସେ ଦୃଷ୍ଟି ପକାଇନି । ତଥାପି ତା' ମୁହଁରେ ହସର ଉଚ୍ଛୁଳା ବନ୍ୟା ।

ରୁକୁଣୀ ନାନୀ ହାତକୁ ଚୁଅଟିକି ଟେକି ଦେଇ କହିଲା, —ନାତିଟିଏ ହେଇଛି । ଏଥର ତମ ବୋହୂ ଆଉ ନାତିକି ସମାଳ, ମୋ କାମ ସରିଲା । ମୁଁ ଯାଉଛି ।

ମେଙ୍କି ଅପା ଝଡ ପରି ଅସିଥିଲା, ଝଡ ପରି ବାହାରି ଗଲା । ରୁକୁଣୀ ନାନୀ ଅନେଇ ଥିଲା ତା' ଯିବା ବାଟକୁ । କୋଉଠିକି ଗଲା ମେଙ୍କି ଅପା ? ଘରେ ତ ତାର ଅଣ୍ଟିଏ ପାଣି ଲହସି ଭାଙ୍ଗୁଛି । ରାତିକ ଏଠି ରହି ଯାଇଥିଲେ କ'ଣ ହୋଇ ନଥାନ୍ତା ? ଯେତେ-ହେଲେ ଉପକାରୀ ମଣିଷଟାଏ । ଅଟକାଇବାକୁ ଇଚ୍ଛା ହେଉଥିଲେ ବି ମୁହଁ ଖୋଲି ସେ କିଛି କହି ପାରିଲା ନାହିଁ । ମେଙ୍କି ଅପା ଚାଲିଗଲା, ଅନ୍ଧାର ସହିତ ମିଶିଯାଇ । ପବନ ନାଚୁଚି, ବିଜୁଳି ଚମକୁଚି ।

ରୁକୁଣୀ ନାନୀ ଚହଙ୍କି ପଡିଲା । ଫେର ଚଡ଼କଟାଏ ପଡିଛି । ବୋଧେ ନିକଟରେ କେଉଁଠି । ନ ହେଲେ କାନରୁ ଅତଡା ଖସି ପଡ଼ି ଆଆନ୍ତା କହିଁକି ? ଭାବନା ତାର ଭାଙ୍ଗିଗଲା । ଚୁଅଟା ତଳେ କି କ'ଣ ରାହା ଧରି କାନ୍ଦୁଚି । ରୁକୁଣୀ ନାନୀ ଚଞ୍ଚଳ ହେଇ ପଡିଲା ।

ଅର ଦିନ ସକାଳୁ ରୁକ୍ମୁଣୀ ନାନୀ ଶୁଣିଲା, ମେଙ୍କି ଅପା ପୋଖରୀ ହୁଡା ତାଳଗଛ ମୂଳେ ମରି ଶୋଇଛି । ତଡବଡ଼ଠା ଯେତେବେଳେ ତାଳଗଛ ଉପରେ ପଡିଲା, ମେଙ୍କି ଅପା ସେତେବେଳେ ଓସଇଠି ହେଇଥିଲା । ସେ ବଡ ବୋହୂକୁ ଦାବ-ଦାଗି କରି କହିଲା,

—ତୁ କାହାରି ଆଗରେ କହିବୁ ନାହିଁ ଯେମିତି ମେଙ୍କି ଅପା ଆମ ଘରକୁ ଆସିଥିଲା ବୋଲି । ବୁଝି ଖବରଦାର୍ !

---

# ଏକ ଘରକିଆ

ବଉଶୋଇ କେନାର ମୁଣ୍ଡ ବୁଲେଇ ଦେଲା । ଚଉଦପଗ ତାକୁ ଅନ୍ଧକାର ଦଶିଲା । ବାହ୍ମଣ ଭୋଜନୀ ଦେବାକୁ ହେବ । ଜାତି ଭାଇଙ୍କି ଭାତ ଦେବାକୁ ପଡ଼ିବ । ଖାଲି ସେତିକି ନୁହେଁ, ଅଙ୍ଗାୟାନ୍ୟ ପଇରିଂଶି ପାଠକ ପାଇଁ ବ୍ରାହ୍ମଣ ସେପେଇ କରେଇ-ବାକୁ ହେବ । ତେବେ ଯାଇ ପାତକ ଛୁଟିବ । ନ ହେଲେ ଗାଁ ବାଲା କେହି ତାକୁ ଛୁଇଁବେ ନାହିଁ । ଜାତି ଭାଇଙ୍କ ପାଖରେ ଅଠକ ରହିବ । ଗାଁରେ ଏକ ଘରକିଆ ରହିବାକୁ ହେବ । ତାହାର ସଙ୍ଗରେ କଥାବାର୍ତ୍ତା କରି ପାରିବ ନାହିଁ । ତାହାର ଘରକୁ ନିଆଁ ନୁଣ୍ଡାଏ ପାଇଁ ଯାଇ ପାରିବ ନାହିଁ । ଗାଈ ପାଳି ତାକୁ ଅଠକ, ଗାଁର ଅନ୍ୟାନ୍ୟ ଭଲ ମନ୍ଦ କାମରେ ସେ ଯୋଗ ଦେଇ ପାରିବ ନାହିଁ ।

ବାଛୁରିଠାକୁ ପଘାରେ ବାନ୍ଧି ଖଟେଇ ପକେଇ ଥିଲା । ଦନ୍ତ ଘାତରେ ସେ ମରିଛି । କମ୍ କଥା ନୁହେଁ । ପାପ, ମହାପାପ । ଅନ୍ଧ ନର୍କରେ ଘାଣ୍ଟି ହେବାକୁ ହେବ । ଅଗାଧୁ ମିଶ୍ରେ ସବୁ ଗୋଟି ଗୋଟି କରି ବୁଝେଇ ଦେଇଛନ୍ତି । ଗରମ ତେଲ କଡେଇ ଜଳୁ ଥିବ, ଯମଦୂତମାନେ ଚମ ଦଉଡିରେ ବାନ୍ଧି ନେଇ ଯିବେ । ଖଣ୍ଡ ଖଣ୍ଡ କାଟି ମାଛ ପରି ସେଇ ତେଲ କଡେଇରେ ପକେଇ ଛାଣିବେ । ବଉଶୋଇ ଦେହ ଶୀତେଇ ଉଠୁଛି । ସେ ଚମକି ପଡୁଛି ଥରକୁ ଥର ।

ନରପୁର ଗାଁକୁ ପାପ ଲାଗିଛି । ସେଥିପାଇଁ ବଶୋଇ ଦାୟୀ । ସେ ତାଙ୍କ ଗାଁର ଇଜତ୍ ତଳେ ପକେଇଛି । ଗାଁ ବାଲାଏ ଅନ୍ୟ ଲୋକଙ୍କ ଆଗରେ ମୁଣ୍ଡ ଟେକି କଥା କହି ପାରିବେ ନାହିଁ । ସମସ୍ତେ କହିବେ-ତମେ ଦୋଷୀ ଗୁଡ଼ାକ ।

ସେଇଥିପାଇଁ ବୁଢା ଟୋକା ସମସ୍ତେ ବଶୋଇ ଉପରକୁ ଖଡ୍ଗହସ୍ତ । କିଆଁ ବାଣ ହୋଇ ରହିଛନ୍ତି । ଭଲ ରକମ ପ୍ରାୟଶ୍ଚିତ ନ ହେଲେ ସହଜରେ [illegible] ନାହିଁ ।

ବଶୋଇ ଘରେ ପହଞ୍ଚିଲା । ଦୁଲେଇ ଶୁଖିଲା ମନରେ ତା'ର ପଥ ଅନୁସରଣ କରିଛି । ଘରେ ଚୁଲି ଲାଗିନି । ପେଟରେ ହାଲୁସ ପଶି ଯାଇଛି । କାହାରିକି ଭୋକ ନାହିଁ ।

ବଶୋଇ ସିଧା [illegible] ଭିତରକୁ ପଶିଗଲା । କେଉଁ କାଳର ପୁରୁଣା ଘରଟା ଚେପେଟେଇ ପଡ଼ିଲାଣି । ଗତବର୍ଷ ପଇସା ଅଭାବରୁ ଛୁଆଁ ହୋଇ ପାରି ନାହିଁ । [illegible] ହେଲେ ଘରେ ପାଣି ଝରୁଛି । ବାଉ ଅଡର କାନ୍ଥଟା [illegible] ହେଉଛି । ସାପ ବେଙ୍ଗ ସେଥିରେ ବସବାସ କଲେଣି । ଦୁଲେଇ ବନମାଟି ଗୋବର ଦେଇ ଯେତେ ଲିପା ପୋଛ କଲେବି ଦୁଇ ଦିନ ପରେ ଯୋଉ କଥାକୁ ସେଇ କଥା । ଫାଟ ଫେରେ ଆଁ ହୋଇ ଯାଉଛି ।

ମଥାନ କାଠଟା ମଝିରୁ ଜାଉଁଆ ହୋଇ ଯାଇଛି । ବାଉଁଶ ଗୁଡ଼ାକ ତଳକୁ ଓହଳି ହୋଇ ରହିଲା ପରି ରହିଲାଣି । ବଶୋଇ ନଇ ଗଣ୍ଡିଏ ଟଣ୍ଡିଏ ବାନ୍ଧି କୌଣସି ପ୍ରକାର ର'ଠ' ଭଳି ଅଟେକେଇ ରଖିଛି ।

ବଶୋଇ ଘର ଭିତରକୁ ଯାଇ ଦେଖିଲା-ସେ ଦଶ ଗଉଣୀଆ ଓଳିଆଟା ଆଜି ଯାଏ ବି ଖଣ୍ଡିଆ ହୋଇ ନାହିଁ । ବହୁ ଦୁଃଖ

କଷ୍ଟରେ ଦାନ କାଟି ସୁଦ୍ଧା ଝୋଲଅଟିକୁ ଖଣ୍ଡିଆ କରି ନାହିଁ । ସେଇ ତାଙ୍କର ଶେଷ ସମ୍ବଳ । ଗଲାସନ ବଶୋଇ ମଞ୍ଜୁସା ଖଟି ଯେଉଁ ଦୈଶ ଗ୍ରୁଳଶ ଗୌଣୀ ଧାନ ଘରକୁ ଅଣିଥିଲା, ଏ ଦଶ ଗଉଣୀଆ ଝୋଲଆଟି ସେଇଥିରୁ ଗଢି ଉଠିଛି ।

ଅନେଇଲା ଘଡ଼ିଏ ତାକୁ । ଉଠେଇଲା ଦ' ହାତରେ । ପୁଣି ତଳେ ରଖି ତା' ଉପରେ ବସିଲା । ମୁଣ୍ଡରେ ହାତ ଦଖି ଘଡ଼ିଏ ଭାବିଲା ଆକାଶ ପାତାଳ । ଦୁଲେଇ ଛୁଣ୍ଡା ଲୁଗା ଖଣ୍ଡକରେ ନିଜର ଦେହକୁ ଲୁଚେଇବାର ଚେଷ୍ଟା କରୁ କରୁ ସେଇଠିକି ଅସି ପଚାରିଲା,
—ସଭାରେ କ'ଣ କହିଲେ ?

ବଶୋଇ ଭୁମ୍ ମାରି ବସିଥିଲା । ଚମକିପଡ଼ି କହିଲା,

—ଏଁ, ସଭାରେ ? ସଭାରେ କହିଲେ ପ୍ରାୟଶ୍ଚିତ ହେବାକୁ ହେବ । ଜାତି ଭାଇ, ବାହ୍ମଣ, ଗାଁଲୋକ ସମସ୍ତଙ୍କୁ ଖୋଇବାକୁ ପଡ଼ିବ ; ତେବେ ଯାଇ ପାତକ ଛୁଟିବ । ନ ହେଲେ ଯମ ଦୂତ...... ......ଇଲେ ବୋପା ଲୋ.............ସତେ ଯେମିତି ଅଗାଟ ମିଶ୍ରେ କହିଥିବା କଥା ତା' ଆଖି ଆଗରେ ଜଳ ଜଳ ହୋଇ ଦିଶିଗଲା । ସେ ଝୋଲଅ ଉପରୁ ଡେଇଁ ପଡ଼ି ଦୁଲେଇ ପଣତ ତଳେ ମୁହଁ ଲୁଚେଇଲା ।

—ମତେ ଲୁଚା ଦୁଲେଇ ! ହେଇ ଅଗଣନ ଯମ ଦୂତ ମୋତେ ଆଡ଼କୁ ମାଡି ଆସୁଚନ୍ତି । ହାତରେ ଶକ୍ତ ଶକ୍ତ ଛୁରୀ । ବିକଟାଳ ବେଶ । ନେଇଯିବେ ମତେ ସେମାନେ । ଟିକି ଟିକି କରି କାଟି ଫୁଟିଲା ତେଲ କଡେଇକି ଫୋପାଡି ଦେବେ ।

ଦୁଲେଇ ଅଶ୍ୱାସନା ଦେଲା,

—ଥିର ହୁଅ, ଘର କର ସବୁ କଥା ସହିବାକୁ ହୁଏ । କେତେ

କୁଅଡ଼ର ବାଅ ବତାସ ବହିଗଲେ ବି ମୁଣ୍ଡ ଠେକି ଛୁଡ଼ା ହେବାକୁ ପଡ଼େ । ପ୍ରାୟଶ୍ଚିତ ହେବାକୁ କହୁଚନ୍ତି ସେମାନେ । ଗାଁ ଭାଇଙ୍କ କଥା ମାନିବାକୁ ପଡ଼ିବ । ଏ ଓଳିଆ ଠା ବିକିଦିଅ । ମୋ ପାଖରେ ଯେଉଁ ଦଣ୍ଡିଗୁଣାଟି ଥିଲା ସେତକ ବିକିଦିଅ । ସେଇ ସେତକରେ ଯାହା ମିଳୁଚି ଅଳପ ବହୁତରେ ପ୍ରାୟଶ୍ଚିତ ହେଇପଡ଼ୁ ।

ବଶୋଇ ମନ ମାନିଲା ନାହିଁ । କେତେ ରକତ ପାଣିକଣ୍ଟ ଓଳିଆ ସେଇଟି । ସେ ତାକୁ ବିକି ପାରିବ ନାହିଁ । ଦୁଲେଇ ବୋହୁ ହେଇ ଅସିଲାବେଳେ ଦଣ୍ଡିଗୁଣାଟି ଅଣିଥିଲା ବାପଘରୁ । ଆଉ ଯେଉଁ ଅଠଣୀ ମାଳ, ଚମ୍ପାକଢ଼ି ମାଳ ଦୁଇଟି ଅଣିଥିଲା, ସେ ଦୁଇଟି କେବେ ଠାରୁ ବିକା ସରିଲାଣି । ଅଛି କେବଳ ସେଇ ଦଣ୍ଡିଗୁଣାଟି । ଯାହାକୁ ନାକରେ ପିନ୍ଧିଲେ ଦୁଲେଇ ଝଲସି ଉଠେ । ମୁହଁଟି ତା'ର କେଡ଼େ ସୁନ୍ଦର ଦିଶିଯାଏ ସତେ ! ସେ ସେଇଟିକି ତା'ଠାରୁ ଛଡ଼େଇ ନେଇ ପାରିବ ନାହିଁ । ଲାଗୁ ପଛେ ତାକୁ ପାତକ, ଘାଣ୍ଟି ହେଉ ପଛେ ସେ ଅନ୍ଧ ନର୍କରେ । କିନ୍ତୁ ଜୀବ ଥାଉ ଥାଉ ସେ ଦୁଲେଇର ଶିରୀ ଛୁଟେଇ ଦେଇ ପାରିବ ନାହିଁ ।

ଦାଣ୍ଡଆଉ ଅଗାଧୁ ମିଶ୍ରେ ଡାକିଲେ, ଗାଁ ଲୋକେ ପଠେଇ ଚନ୍ତି । ବୁଝେଇ ଶୁଝେଇ ମଙ୍ଗେଇବେ ସେ ବଶୋଇକି । ଅଧିକା କିଛି ଅଣ୍ଟାଗୁଞ୍ଜା ମିଳିଯିବାର ଆଶା ବି ଅଛି ମିଶ୍ରଙ୍କର । ହେଲା ଏବେ ଟଙ୍କାଏ ଅଠଣା, ସେଇ ସେତକ ଅସେ କୁଆଡୁ !

ବଶୋଇ ପହଞ୍ଚିଲା, ଶୁଖିଲା ମନ, ଦରମରା ଜୀବନଟାକୁ ଧରି । ଅଗାଧୁ ମିଶ୍ରେ ପାଖରେ ବସାଇଲେ । ଗୋଟିଏ ଚକ-ଚକିଆ ମୁଦ୍ରାର ଛବି ନାଚିଉଠିଲା ତାଙ୍କ ଆଖି ଆଗରେ । ଷୋଳଣା ପଇସା । ଅଫିମ ଅଠଣାର ଆଣିଲେ ଅତି ନିକୁଛରେ ଗୁଡ଼ିଦନ

ଚଳିବ । ଆଜି ଅଠଣାର ଗଲାବେଳକୁ ଦୋକାନରୁ କିଛି ସଉଦା କରି ନେବେ । ଆସିଲା ବେଳେ ମିଶ୍ରାଣୀ କହୁଥିଲେ—
ତେଲ୍ ଟୀନାରୁ କିଗିଡ଼ା ସରିଲାଣି । ହାଣ୍ଡିଫୁଟା, ନକମଦିଚ ଦ'ଦାନ ହେବ କେଉଁଥିରେ ପଡ଼ୁନାହିଁ । ଲୁଣ ଆଉ ଟିପେ ଖଣ୍ଡେ କାଠୁଆରେ ଲାଗିଛି । ନାଁ, ଯେମିତି ଇଚ୍ଛା ସେମିତି ଠଙ୍କାଟେ ଝଡ଼େଇବାକୁ ହେବ ବଣେଇ ଠଉଁ ।

ମିଶ୍ରେ ଗଲା ଖଙ୍କାରି କହିଲେ,—

—କର୍ମ ଜେନା ପୁଅ, ସବୁ କର୍ମର ଫଳ । କର୍ମ ବାମ ନ ହେଲେ ମଶାଟିଏ ବି କାମୁଡ଼ିବ ନାହିଁ । ଏ ଯେଉଁ ପାତକ, ଏଥିରୁ ନିସ୍ତ-ରିବା କାଠିକର ପାଠ । ମୁଁ ଜାଣେ ତମର ଦୁଃଖୀ ଘର । ଦୁଃଖ କରି ଅଣିଲେ ଚୁଲିରେ ହାଣ୍ଡି ବସେ । ମତେ ଯେତେବେଳେ ଗାଁ ବାଲାଏ ଡାକି ପଚାରିଲେ, କ'ଣ କରାଯିବ ମିଶ୍ର ଅପଣେ । ବଣେଇ ତ ଏମିତି ଅପକର୍ମଟାଏ କରି ପକେଇଲା । ପୁରାଣ ଖୋଲି ଦେଖନ୍ତୁ, କ'ଣ କରିବାକୁ ପାବୁଛି ତାକୁ ।

ପୁରାଣ ଖୋଲି ଦେଖିଲି । କ'ଣ କହିବି ଜେନାପୁଅ । ଆଖିତ ମୋର ଖୋସି ହୋଇଗଲା । ପାଁ'ଶ ଠଙ୍କାର ମାମଲତ । ପୁରୁସ୍ତମ ଯିବାକୁ ପଡ଼ିବ । ସବୁ ଠାକୁରଙ୍କୁ ଭୋଗ ଲଗେଇ ସାରି ଫେରି ଆସି, ଗାଁରେ ପୁଣି ବ୍ରାହ୍ମଣ ଭୋଜନ ଦେବାକୁ ହେବ, ଜାତି ଭାଇ, ଟୋଁର ଅନ୍ୟାନ୍ୟ ପାଠକ ସମସ୍ତଙ୍କୁ ଖୁଆଇବାକୁ ପଡ଼ିବ । ତେବେ ଯାଇ ପାତକ ଛୁଟିବ । ମୋ ଅକଲ ତ ଗୁଡୁମ୍ ହୋଇଗଲା । ତୋ' ପରି ମୂଲିଆ ମୁଣ୍ଡ ଯୁ ପାରନ୍ତା କେମିତି ? ଭାବିଲି ଘଡ଼ିଏ । କଥାଟା ବାହାରେ ପ୍ରକାଶ କରି ଦେଲେ ତ ତୋର ଆଉ ଚୁଲି ଚୁଲା ରହିବ ନାହିଁ । ସବୁ ଗୁଡ଼ାକ ତ ଅବୁଝିକ ମଣିଷ । କିଏ ଦୁଇ କୁଳରୁ ଗଲେ ତାଙ୍କର କ'ଣ ଯାଉଛି । ମତେ ଗୋଟାଏ ଫନ୍ଦ

ଧଣ୍ଣିଲା । ତତେତ ତ ପେଟରେ ବଞ୍ଚାଇବାକୁ ହେବ । ତୋ’ ପେଟରେ ମୋ ପାଇଁ କ’ଣ ଥାଏ କେଜାଣି, ମୋ ଅନ୍ତରରେ କିନ୍ତୁ ତୋ’ ପରି ନିମିଗୁା ଲୋକ ପ୍ରତି କେବେ ଅହନ୍ତା ନଥାଏ । ଭାବିଲି କଥାଟା ଟିକିଏ ବଢାଇକି ନ କହିଲେ ତୋ’ ନାଁ ସାତ ପାଞ୍ଚିରୁ ପୋଛି ହୋଇ ଯାଉଛି । ସେଇଥିରୁ ପୁରସ୍ତମ ଯିବା କଥାଟା ଏକା ଢଲେକେ ଘୋଡେଇ ପକେଇଲି । ଯେଉଁ କେତେଟା କର୍ମ ନିହାତି ନ କଲେ ନ ଚଲେ, ସେଇ ସେତକ କଥା ତୁଣ୍ଡ ଖୋଲି କହିବାକୁ ପଡ଼ିଲା । ପାପକଥା ଜେନା ପୁଅ, ଲୁଚେଇଲେ କି ଚଲେ ?

ବଶୋଇ ମନ ଧ୍ୟାନ ଦେଇ ଶୁଣୁଥିଲା । କୃତ୍ୟକୃତ୍ୟ ହେଲା-ପରି କହିଲା,

—ସବୁ ଆପଣଙ୍କ ଦୟା ମିଶ୍ରେ ଆପଣେ !

ମିଶ୍ରଙ୍କ ପାନଖିଆ ନାଲି ଦାନ୍ତ ଦ’ଧାଡି ଟିକିଏ ପଦାକୁ ବାହାରି ପଡ଼ିଲା । ସେ ବଶୋଇକୁ ଆଶ୍ୱାସନା ଦେବାକୁ ଯାଇ କହିଲେ,

—ନାହିଁ ହେ ଜେନା ପୁଅ, ମୋର ଅଉ ଦୟା କ’ଣ ! ମୁଁ କିନ୍ତୁ ଦୁଃଖୀ ରଙ୍କିଙ୍କ ଦୁଃଖ ଏ ଦ’ଆଖିରେ ଦେଖି ପରେ ନାହିଁ । କେହି ସିନା ମତେ ବୁଝନ୍ତି ନାହିଁ, କିନ୍ତୁ ସେପରି ରାଗ ରୁଷ କାହାର ପ୍ରତି ନ ଥାଏ ।

—ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । ଧନ ଜନର ବଢ଼ନ୍ତି ହେଉ ।

ମିଶ୍ରେ ନିଜର ଟିକିଏ ପ୍ରଶଂସାରେ ଫୁଲିଯାଇ କହିଲେ,

—ମୁଣ୍ଡ ଉପରେ ତୋର କାମଟି । କେମିତି ଭଲରେ ଭଲରେ ସମାଧା ହେବ । ଯୋଗାଡଯନ୍ତରେ ଲାଗିପଡ଼ । ଦରକାର ପଡିଲେ ମୋର ବି ସାହାଯ୍ୟ ନେଉଥିବୁ ।

ବଶୋଇ ଗୁମ୍‌ମାର ବସିଥିଲା । ମିନିଶ . କହି ସାରିଲା ଉତ୍ତାରୁ କହିଲା,

—ଆଜ୍ଞା ମିଶ୍ରେ ଆପଣେ, କେତେ ଟଙ୍କା ଯୋଗାଡ଼ କଲେ ମୁଁ ଏ କାମଟିରୁ ଉଦ୍ଧୁରି ପାରିବି ?

ମିଶ୍ରେ ଟିକିଏ ଚିନ୍ତା କଲେ । କହିଲେ,

—ତା’ ପକ୍ଷରେ ଷାଠିଏରୁ କମରେ ହେବ ନାହିଁ ।

ବଶୋଇର ଆଖି କପାଳକୁ ଉଠିଗଲା । ଷାଠିଏ ଟଙ୍କା ? ମୂଣ୍ଡାମୁଣ୍ଡି ତିନିକୋଡ଼ି । ଗଲାଆଠ ଆଉ ଦଣ୍ଡିଗୁଣା ଧାହିଙ୍କି ବିକିଲେ ଟଙ୍କା ପନ୍ଦରଠାରୁ ବେଶି ହେବ ନାହିଁ । ଆଉ ଦ’ କୋଡ଼ି ପାଞ୍ଚଟଙ୍କା ଆସିବ କୁଆଡୁ ? ଦାନ୍ତରେ ତିରଣି ଧରି ସେ ମିଶ୍ରଙ୍କ ଗୋଡ ତଳେ ଲମ୍ବ ହୋଇ ପଡିଗଲା ।

—ଭସିଯିବି ମୁଁ ମିଶ୍ର ଆପଣେ । ମତେ ଏଥିରୁ ନ ଉଦ୍ଧାରିଲେ ମୋର ଆଉ ଗାହନ୍ଥବର୍ଣ୍ଣ ରହିବ ନାହିଁ । ତିନି କୋଡ଼ି ଟଙ୍କା ମୁଁ ମୋ ଧାହିକ ଭିତରେ ଯୋଗାଡ କରି ପାରିବି ନାହିଁ । ମତେ ବୁଦ୍ଧି ବତେଇ ଦିଅ । ମୁଁ କେମିତି ଏଥିରୁ ଉଧୁରିବି ।

ମିଶ୍ରେ ଦଣ୍ଡେ ଗୁମ୍‌ମାରି ବସିଯାଇ କହିଲେ,

—ମୋର ଆଉ ଉପାୟ କ’ଣ କହ ! ସେଇ କଥା ମୁଁ ଜାଣେ ବୋଲିତ ଆଗରୁ ସବୁ କମେଇ କମେଇ ଏତିକାରେ ରଖିଛି । ଏଥିରୁ ଆଉ କିଛି କମେଇ ହେବ ନାହିଁ । ଏତିକ ତତେ ଯେମିତି ପାରି ସେମିତି ଯୋଗାଡ କରିବାକୁ ପଡିବ । ନ’ ହେଲେ ଆଖିର ବେଳକୁ ବେକରେ ହାଡ ବାନ୍ଧି ଦୁଆର ଦୁଆର ବୁଲି ଖପରା ପତେଇ ମାଗି ସେତିକି ଟଙ୍କା ଭରଣା କରିବାକୁ ପଡିବ । ବୁଝିଲୁ କେଜାପୁଅ ?

ବଉଶୋଇ ଯେମିତି ନୂଆ ଜୀବନ ପାଇଲା । ଅଉ ଥରେ ପଚ୍ଚରିଲା,

—କ'ଣ କହିଲେ ମିଶ୍ର ଅପଣେ ? ହାତମାଲ ବେକରେ ପକେଇ ମାଗିବାର ବାଟ ଅଛି ? କୋଟି ପରମାୟୁ ଭଗବାନ ଦିଅନ୍ତୁ ତମ୍ଭକୁ । ମୁଁ ଅଜଠୁଁ ବାହାରିଲି ଦୁଆର ଦୁଆର ଘର ଘର ବୁଲି ମାଗିବାକୁ । ପ୍ରାୟଶ୍ଚିତ୍ତ ହେବ, ଦୋଷ ଛଡ଼େଇବ । ଅଉ ଅଉ ମାନଙ୍କ ପରି ମଣିଷରେ ଗଣିତା ହେବ ।

ବଉଶୋଇ ଉଠି ଯାଉଥିଲା । ମିଶ୍ରେ ଅଟେକେଇ ପାଉଣା ମାଗିଲେ । ଏତେ ଗୁଡାଏ ବକିବା ପାଇଁ ସେ କ'ଣ ବୃଥାରେ ଆସିଥିଲେ ?

ବଉଶୋଇ ନେହୁରା ହେଲା । ଗୋଟିଏ ବୋଲି ପଇସା ନାହିଁ ତା' ପାଖରେ । ସେ ମାଗି ଯାଚି ଫେରିଲେ ତାଙ୍କ ମନ ବୋଧ କରିଦେବ ବୋଲି କହିଲା ।

କିନ୍ତୁ ମିଶ୍ରେ କ'ଣ ଛାଡ଼ିବା ଜନ୍ତୁ ! ଅଫିମ କରଟେଟା ଖୋଲି ଦେଖିଲେ, ରତିଏ ବ ନାହିଁ । ଖୋଷଣୀ ଅଣ୍ଡାଳିଲେ, ମାତ୍ର ଗୋଟିଏ ଦୋ' ପଇସି । ସେତିକରେ କ ହୁଏ ? ବାଟ ଖୋଜିଲେ, କଳ କଳ ହୋଇ ଦାଣିଗଲା । ସେ ବଉଶୋଇଙ୍କୁ ଡରେଇଲେ, ଯଦି ତମ ପାଉଣା ଗଣ୍ଡାକ ଅଜି ନ ପାଇବ, ତେବେ ସବୁ ହାଟ କରି ଦେବ । ତତେ ପୁରସ୍ତମ ପର୍ଯ୍ୟନ୍ତ ନ ଦଉଡ଼େଇ ସହଜରେ ଛାଡ଼ିବ ନାହିଁ ।

ବଉଶୋଇ ଦଉଡ଼ି ଦଉଡ଼ି ଦୁଲେଇ ପାଖକୁ ଗଲା, ତାକୁ ସବୁ କଥା ଗୋଟି ଗୋଟି କରି କହିଲା । ଦୁଲେଇ ତା' ଗାଞ୍ଜିଆ ଫିଟେଇ କେତେ ଦିନର ସାଇତା ପଇସା ମୁଠକ ବାହାର କଲା ।

ସେତକ ବଟେର ଦେଲା ବଶୋଇ ହାତକୁ । ବଶୋଇ ସେତକ ମିଶ୍ରଙ୍କ ପାଦତଳେ ଥୋଇ ବେକରେ ଗାମୁଛା ଗୁଡେଇ ନମ୍ କରି ଶୋଇଗଲା,

—ଆଉ ଦେଇ ପାରିବି ନାହିଁ, ଏତକରେ ସନ୍ତୁଷ୍ଟ ହୁଅନ୍ତୁ ।

ମିଶ୍ରେ ପଇସାତକ ଉଠେଇ ନେଇ ଗଣିଲେ । ସାତଣା ଦ' ପଇସା । ପୁଣି ଥରେ ତାଙ୍କୁ ନୂଆ କରି ହିସାବ ଯୋଡ଼ିବାକୁ ପଡ଼ିଲା । କେଉଁଥିରୁ କେଇ ପଇସାରି ନେଲେ ଠିକ୍ ହେବ । ମିଶ୍ରେ ଉଠି ଠିଆ ହେଲେ । ବଶୋଇ ଘର ଭିତରକୁ ଗୁଲିଗଲା ।

ଦୁଲେଇ କବାଟ ପାଖରେ ଠିଆ ହୋଇ ସବୁ ଶୁଣୁ ଥିଲା । ବଶୋଇ ତା' ପାଖରେ ପହଞ୍ଚି କହିଲା,

—ମାଗିବାକୁ ଯାଉଚି । ପ୍ରାୟଶ୍ଚିତ୍ତ ପାଇଁ ଟଙ୍କା ଯୋଗାଡ କରି ପାରିଲେ ଫେରି ଆସିବି । ଯଦି ତୋ' ଚଳିବା ପାଇଁ ଅଘଟ ଘଟ ହୁଏ ତେବେ ଏ ଓଳିଅଟି ଭାଙ୍ଗି ଖାଉଥିବୁ । ଭୋକ ଉପାସରେ ରହିବୁ ନାହିଁ ।

ଦୁଲେଇ ଆଖିପତା ବୁଡେଇ ଲୁହ ଝରି ପଡିଲା । ମନା କରିବାର ଆଉ କିଛି ବାଟ ନଥିଲା ।

ବଶୋଇ ଛିଣ୍ଡା ଲୁଗା ଖଣ୍ଡେ ପିନ୍ଧି, ଆଉ ଖଣ୍ଡେ କାନ୍ଧରେ ପକେଇ, ଭାତ ହାଣ୍ଡି ଉପରୁ ପଲମଠାଏ ଅଣି ପଦାକୁ ବାହାରି ପଡ଼ିଲା । ଗଲା ବେଳକୁ ଦୁଲେଇକି ଯାବତା କରିଗଲା

—ତୁହି ଖବର ଦାର, ଖୁବ୍ ସାବଧାନରେ ଚଳାଚଳ କରୁଥିବୁ । କାହାରି ସଙ୍ଗରେ ଅପଡ ହେବୁ ନାହିଁ । ଆମର ଏଇଖିଣା ବପଦ ବେଲ, ଆଉ ଦ' ତନି ମାସ ଭିତରେ ଟିଲାଟିଏ ହେବ । ମୁଁ ସେତେବେଲକୁ ଆସି ସାରିଥିବ ।

ବଟେଶାଇ ପଦାକୁ ଗୋଡ଼ ବଢ଼େଇଲା । ଖୁଣ୍ଟାରୁ ପଘାଟି ଫିଟେଇ ନେଇ ବେଙ୍କରେ ବାନ୍ଧିଲା । ନମେ ନମେ ଯାଇ ଗୋରୁ ମଡାଖାଇରୁ ହାଡ ଦି' ତିନି ଖଣ୍ଡ ମାଳ କରି କାନ୍ଧରେ ପକେଇଲା, ଦୋଷୀ ଭସ, ସମସ୍ତେ ତାକୁ ଦୂର୍ ଦୂର୍ କଲେ ।

ଦିନ ପରେ ଦିନ ଗଡ଼ିଲା, ବଟେଶାଇର ଗାଁ ପରେ ଗାଁ ମଗା ଚାଲିଲା । ଦୁଆରେ ଦୁଆରେ ପଲମ ପଡ଼େଇବା ତା'ର ଗୋଟାଏ ଅଭ୍ୟାସ ହୋଇ ପଡ଼ିଲା । ମୁଣ୍ଡରେ ବାଳ, ମୁହଁରେ ଦାଢ଼ୀ ବଢ଼ି ସେ ଗୋଟାଏ ବିକଟାଳ ରୂପ ଧାରଣ କଲା । ପିଲାଏ ଦୂରରୁ ଦେଖି ଡରି ପଳେଇଲେ, ଗାଁ କୁକୁର ଗୁଡ଼ାକ ଭେଉ ଭେଉ କରି ତା' ପଛରେ ଗୋଡ଼େଇଲେ । ସିଆଣିଆ ପିଲାଏ ପାଗଳା କହି ଟେକା ପଥର ଫିଙ୍ଗିବା ଆରମ୍ଭ କଲେ ।

ବଟେଶାଇ ସବୁ ସହିଲା । ସହିବା ପାଇଁ ତାର ଜନ୍ମ ଏ ବସୁନ୍ଧରା ଉପରେ । ପାପୀ ସେ ଯେତେବେଳେ ସବୁ ତାକୁ ମୁଣ୍ଡପାତି ସହିବାକୁ ପଡ଼ିବ ।

ଦିନ ବେଳଟା କୌଣସି ପ୍ରକାର କଟି ଯାଏ ବଟେଶାଇର, କିନ୍ତୁ ରାତି ହେଲେ ତାର କାଳ ଆସେ । କେହି ତାକୁ ପିଣ୍ଡା ପହଣ୍ଡରେ ଠାଇଁ ଦିଅନ୍ତି ନାହିଁ । ଚୋର ଠକ୍‌ସବ ମାନେ ଅଜି କାଲି କେତେ ରୂପ ଭେକ ଧରି ଗାଁ ଗାଁ ବୁଲୁଚନ୍ତି । ନର ମାୟା ନାରାୟଣେ ଅଗୋଚର । କିଏ ଜାଣେ ଏ କ'ଣ ହୋଇଥିବ । ବଟେଶାଇ ଯା' ହେଉନା କାହିଁକି ସେ ଯେଉଁ ଭେକ ଧରିଚି, ସେଥିରେ ତାକୁ ଛୁଇଁବା ଲେଖୁ ନାହିଁ । ପିଣ୍ଡାରେ ଜାଗା ଦେଇ ସକାଳୁ ଗୋବର ପାଣି ପକେଇ ଲିପିବାକୁ କା'ର ଡର ଅଛି ?

ବଟର ରାତି ବଖତକୁ କୋଉଦିନ ଦିଟା ଖାଇବାକୁ ପାଏ, କୋଉଦିନ ଦଲ ଗଡ଼ିଆରୁ ଦଲ ଅଞ୍ଜେଇ ପେଟେ ପଙ୍କୁଆ ପାଣି

ପିଇ, ଅରମା ବଣରେ ସାପ, ବେଙ୍ଗ, ପୋକ, ଯୋଉଙ୍କ ସାଙ୍ଗରେ ଗଛ ଗିଅ ଉପରେ ମୁଣ୍ଡ ଦେଇ ଶୋଇପଡ଼େ ।

ଏମିତ ବାହାରେ ବୁଲି ଅପନ୍ତରା ବଣରେ ପଡ଼ି ତା'ର ଦି'ମାସ କଟି ଗଲାଣି । ସେ ଏ ଯାଏ ପଦରଟି ଟଙ୍କା ବି ସଞ୍ଜୁଳି କରି ପାରିନାହିଁ । ତାକୁ ଭାରି କାନ୍ଦ ମାଡୁଛି ଘୁଲେଇ କଥା ଭାବି । ଏକଲା ମଣିଷ । ଏକାହିଁ ପୋଖରୀ । ତା'ପରେ ଘର ଗୋଟାଙ୍କର ଯାଇଛି । ଏଇ ସବୁ ହିନସ୍ତା କଥା ଭାବି ଭାବି ବିଶୋଇ ଥକିତ ହୋଇପଡ଼େ । ଭାବନାର ଶେଷ ସୀମାରେ ପହଞ୍ଚି ପାରେନି ।

ଯେଉଁ ଦିନରୁ ବିଶୋଇ ଘରୁ ଗୋଡ଼ କାଢ଼ିଲା, ସେଇ ଦିନରୁ ଗାଁବାଲାଙ୍କ ମନରେ ଗୋଟାଏ ଖଟକା ଲାଗିଛି । ସେମାନେ ମନେ ମନେ ଭାବିଚନ୍ତି ବିଶୋଇ ଡରେ ପଳାଇ ଯାଇଛି ବୋଧେ । କେତେ ଲୋକ କେତେକଥା ଭାବୁଚନ୍ତି । ସଞ୍ଜବେଳେ ଭାଗବତ ଟୁଙ୍ଗୀରେ ଘମାଘୋଟ ଆଲୋଚନା ଚାଲିଛି । ଏ ବଡ଼ ଅନ୍ୟାୟ କଥା । ଗାଁଟାକୁ ପାପ ପଙ୍କରେ ଗୋଳେଇ ଦେଇ ବିଶୋଇ ଛୁ' ମାରିଛି । ଅଗାଧୁ ମିଶ୍ରେ ଥରେ ଅଧେ ତା' ଆଡ଼ିଆ ହୋଇ ଅସଲ କଥାଟା ସମସ୍ତଙ୍କୁ କହିଥିଲେ । ମାତ୍ର ଦିନକୁ ଦିନ ଦିନ ଗଡ଼ିଲା । ସେ ଗୁଡ଼ ଅଲଗା ହେଲେ । ସାଢ଼େ ସାତଣା ପଇସା ପାଇ ଆଉ କେତେ ଦିନ ଲଢ଼ନ୍ତେ ?

ସେଦିନ ଭାଗବତ ଟୁଙ୍ଗୀରେ ଗୋଟାଏ ମସ୍ତବଡ଼ ସଭ ବସିଲା । ସାରା ଗାଁର ମୁରୁଖା ମୁରୁଖା ଲୋକ ଆସି ରୁଣ୍ଡ ହେଲେ । ବିଚାର ଚାଲିଲା । କେତେ ଯୁକ୍ତିତର୍କ :ବାଦ ବିବାଦ ପରେ ସ୍ଥିର ହେଲା—ବିଶୋଇ ମାଇପକୁ ଏକ ଘରକିଆ ରଖା-ଯାଉ । ସେଇ ହେଉଛି ଅସଲ୍ ଜାଣି ଚତୁରୀ । ସବୁ ଜାଣି କରୁ

ଜାଣି ନାହିଁ । ଆଉ କେହି କେହି କହିଲେ—ରାତି ଅଧରେ ଯେତେବେଳେ କଣା ଗର୍ଜୁଥାଏ, ସେତେବେଳେ ବଣୋଇର ଘର କବାଟ ମୁକୁଳା ହେବାର ଶବ୍ଦ ଶୁଣାଯାଏ । ଆଉ କିଏ କହିଲା—ମୁଁ ଦିନେ ପରିସ୍ରା କରି ଉଠିଥିଲି । ଗୋଟାଏ ଛାୟାମୂର୍ତ୍ତି ଡଗ ଡଗ ହୋଇ ବଣୋଇ ଘର ଭିତରକୁ ପଶିଗଲା । ତା' ମନେ ମନେ ବଲେଇ ଆଖିବୁଜି ଦୁଧ ପିଉଛି । ଗାଁ'ବାଲାଏ କିଛି ଜାଣି ପାରୁ ନାହାନ୍ତି ।

ଆଉଜଣେ ବାହାରିପଡି କହିଲା—ସଫାତ କହିଦେବି, ବଣୋଇ ଧନ ରଖିଛି କୋଉଠି ଲୁଚି ଛପି ଥାଏ । ରାତି ହେଲେ ଘରକୁ ଆସେ । ଆଉ ଏତେ ଖୋଳ ପର୍ବତ ମାରି ମୂଷା କଥାରୁ କ'ଣ ମିଳିବ ?

ଶେଷରେ ସ୍ଥିର ହେଲା, ବଣୋଇ ମାଇପକୁ ଏକଘରକିଆ ରଖାଯାଉ । ଜାଣି ଚତୁସ୍ପ ଟେ । ସବୁ ପେଟରେ ପୂରେଇଛି । କଥା କହିଲା ବେଳକୁ ଗୋଟିଏ ଯାକ ତୁଳସୀ । ଲୁହ ଅସରାଏ ବର୍ଷି ପକେଇ ଭଲେଇ ହୋଇ କହୁଛି "ମୁଁ କ'ଣ ଜାଣେ ସାଆନ୍ତେ, ସେ ସେଇଦିନୁ ତ କୁଆଡେ ଯାଇଚନ୍ତି ତାଙ୍କର ଦେଖା ଦର୍ଶନ ନାହିଁ ।" ଭାରି ଗୋଟାଏ ମଜନ ମୋହିଁ । କଦାଚିତ୍ କାମ କରିଦେଲେ ତ ବଲେ ଧଇତାକୁ ଡକେଇ ଆଣିବ, ଯିବ କୁଆଡେ ! !

ସମସ୍ତେ ମହାପ୍ରସାଦ ଛୁଇଁ ହଲପ କଲେ, କେହି ତା' ଘରକୁ ଯିବେନାହିଁ । କେହି ତା' ସହିତ ପାଟି ଫିଟେଇବେ ନାହିଁ । କେହି ତାକୁ ସାଇ ଘରକୁ ଛାଡ଼ିବେ ନାହିଁ । କେମିତି ସେ ଚଳୁଛି ଚଳୁ । ଦିନ ଅଠଠାରେ ତ ବଲେ ଜବତ୍ ହୋଇଯିବ ।

ତା' ପରଦିନଠୁଁ ସତକୁ ସତ ବାଳେଇ ଛୁଆଟିଏ ବି ତା' ଦୁଆର ମାଡିଲା ନାହିଁ । ଘରେତ ଏଣେ ଦାନା ନଥିଲା ଦୁଲେଇର ।

ଓଲଆଟି ଭାଙ୍ଗି ଖାଇସାରିଥିଲା । ମନେ ମନେ ଭାବିଥିଲା ଦାଣ୍ଡି ଗୁଣ୍ଡାଟି ତାହାର ହାତରେ ପଡ଼େଇ ବଳେଇ ଆଣିବ । ଯାହା ଆଠ ଦଶ ଟଙ୍କା ପାଇବ, ସେଇଥିରେ ହେଲେ ଦାନ ଭେଇଁଟା ଚଳେଇ ନେବ । ସେତକ ବି ହେଲାନାହିଁ । ଅକାଳ ଚଢ଼ଇ ପଡ଼ିଲା ଦୁଲେଇ ମୁଣ୍ଡରେ ।

× × × ×

ତିନି ମାସରେ କୋଡ଼ିଏଟି ଟଙ୍କା ସଜିଲ ହୋଇଥିଲା ବଣେଇର । ଆଉ ପଚିଶ ଟଙ୍କା ପୂରା କରିବା ଯାଏ ଥୟହୋଇ ରହି ପାରିଲାନି ସେ । ଦୁଲେଇ ମୁହଁ ଭସି ରହି ତା' ଆଖି ଆଗରେ ନାଚି ଯାଉଥିଲା । ଭାବିଲା ଯା' ପାରି ତା' ହେଉ, ସେ ଥରେ ଯାଇ ତା' ଦୁଲେଇକୁ ଦେଖି ଆସିବ । ତାପରେ ଯୋଉ କଥା ।

ଚାଲିଲା ବଣେଇ । ଅସରା ବାଟ । ଖରା ବଢ଼ୁଛି । ଦହ ହାଇଁ ମାରି ଯାଉଛି । ତଥାପି ପାଦ ତାର ପଡ଼ୁଛି ଆଗକୁ ଆଗକୁ ।

ଅଣନିଶ୍ୱାସୀ ହୋଇ ଛୁଟିଲା ବଣେଇ । ଥାନ ଜ୍ଞାନ ତା'ର ରହିଲା ନାହିଁ । ମୁହଁ ସଞ୍ଜ ବେଳେ ଯାଇ ପହଞ୍ଚିଲା ଗାଁରେ । ଭାଗବତ ଟୁଙ୍ଗୀରେ ଗାଁ ଗୋଟାକର ଲୋକ ବସି କ'ଣ ଫୁସୁର୍ ଫାସର ହେଉଥିଲେ । ସେଆଡ଼କୁ ନଜର ଦେଲାନି ବଣେଇ । କେହି ବି ଦେଖି ପାରିଲେ ନାହିଁ ତାକୁ । ଆଗ ଯାଇ ସେ ଦୁଲେଇକି ଦେଖିବ, ତା'ପରେ ଯୋଉକଥା ।

ଘର ପାଖରେ ପହଞ୍ଚି ଅବାକାବା ହୋଇ ଘଡ଼ିଏ ଠିଆହେଲା । ଦାଣ୍ଡ ଘରର କାନ୍ଥ ଫାଳଟା ଭୁଷୁଡ଼ି ପଡ଼ିଛି । ଘରର ବୋଉ କାଳର ପୁରୁଣା ଛପର ମେଘ ପବନର ଅତ୍ୟାଚାର ସହି ନପାରି ତଳେ ମୁହଁ ମାଡ଼ିହୋଇ ପଡ଼ିଛି । କିନ୍ତୁ ଦୁଲେଇ ?

ବଶୋଇ ମାଟି ଆଡେଇ, କାଠ ବାଉଁଶ ଅଡେଇ ଅଡେଇ ଘର ଭିତରେ ପଶିଥିଲା । କିନ୍ତୁ ଦୁଲେଇ କାହିଁ ? ଡାକିଲା, ଡ଼ାକେ ଦ' ଡାକେ, ତନ୍ନଡାକେ ହେଲେ କାହାର ସୋର ଶବଦ ନାହିଁ।

ବଶୋଇ ପାଗଳଙ୍କ ପରି ଖାନ୍ତୁ ଖୋଳେଇବାରେ ଲାଗିଲା ।

ଖଣ୍ଡେକ ପରେ ଖଣ୍ଡେ ମାଟି କାଢ଼ି ଖୋଳେଇବାକୁ ଲାଗିଲା ।

—ଦୁଲେଇ, ଦୁଲେଇ !!

ସେ ବାହ୍ୟ ଜ୍ଞାନ ଶୂନ୍ୟ ହୋଇ କେବଳ ଚିତ୍କାର କରି ଚାଲିଲା ।

—ଦୁଲେଇ, ଦୁଲେଇ !!

ହଠାତ୍ ତା' ଚିତ୍କାର ଥମିଗଲା । ସତେକି ତା' ଆଖି ଆଗରେ ମୃତ୍ୟୁ ଦୂତ ଆସି ଠିଆ ହୋଇ ପଡ଼ିଛି । ଜହ୍ନ ଆଲୁଅରେ ଦେଖିଲା, ମୁଣ୍ଡାଏ ଓଜନିଆ ମାଟିତଳେ ତା' କାଳି ଗାଈଟା ଶୋଇଛି । ଜିଭଟା ବାହାରି ପଡିଛି ପଦାକୁ । ଦେହଟାରୁ ପଚା ଗନ୍ଧ ବାହାରି ନାକରେ ବାଜୁଛି ।

ବଶୋଇ ଦେହସାରା କମ୍ପନ ଖେଳିଗଲା । ତା' ଆଖି ଆଗରେ ନାଚିଗଲା ମିଶ୍ରଙ୍କ ମୁହଁ । "ବ୍ରାହ୍ମଣ ଭୋଜନୀ ଦେବାକୁ ହେବ, ଗାଁ ଭାଇଙ୍କୁ ଖୁଆଇବାକୁ ହେବ, ପୁରସ୍ତ୍ରମ ଯିବାକୁ ହେବ, ତେବେ ଯାଇ ପାତକ ଛାଡ଼ିବ ।"

ବଶୋଇ ଦଣ୍ଡକେ ଭୁଲିଗଲା ସବୁ । ଦଣ୍ଡକେ ଭୁଲିଗଲା ତା' ଦୁଲେଇକୁ । ଯେମିତି ଚୋରଙ୍କ ପରି ଗୋଡ଼ ଚିପି ଚିପି ଆସିଥିଲା ଗାଁ ଭିତରକୁ, ସେମିତି ଗୋଡ଼ ଚିପି ଚିପି ଅତି ସନ୍ତର୍ପଣରେ ଛୁଟି ଚାଲେଇଲା ଗାଁ ବାହାରକୁ ।

# କଙ୍କାଳ ଆଖିରେ ଲୁହ

—ଏରେ ତୁ କାନ୍ଦୁଛୁ ରଥିଆ ଅଜା ! ଜୀବନରୁ ଅଧେ କଟେଇ ସାରିଲୁଣି ବୋଲି କହୁଥିଲୁ ଏଇ ହାଡ଼ ଗୁରଖଣ୍ଡରେ । ତୋ' ଜୀବନ କାଳ ଭିତରେ ତାହାଣି ହାଡ଼ର ଥାଳ କେବେ ପୂରି ନାହିଁ । ସହୁ ସହୁ ଲୁହ ଝୋର ପଥରଠାରୁ ଅଧିକ ଟାଣ ହେଇ ଯାଇଛି । ଆଜ ତୋ' ଆଖିରେ ଟପରେ ଲୁହ । କ'ଣ ହେଉଛି [illegible]ରେ ତୋର ଅଜା ! ବନଦଆ ଶଙ୍କିତ କଣ୍ଠରେ ପଚାରିଲା ।

ରଥିଆ ଗୁରୁଅଡୁ ଥରେ ଆଖି ପହଁରେଇ ଆଣିଲା । କୋଠା ଗୁଡ଼ାକ ସବୁଦିନ ପରି ମୁଣ୍ଡ ଟେକି ଅନେଇଛନ୍ତି । ରାସ୍ତାରେ ଗହଳି ଲାଗିଛି । କାହାରି କିଛି ଅଦଳ ବଦଳ ହୋଇନାହିଁ । କିନ୍ତୁ ରଥିଆ ଅନ୍ତରରୁ କୋ[illegible] ତନ୍ତ୍ରୀ ଛିଡ଼ି ଯାଇଛି । ବୀଣା ତା'ର ବେସୁରା । କେବଳ [illegible]ରୁଣି ମୂର୍ଚ୍ଛନା ତୋଳୁଛି ହାତ ମାରିଲା ବେଳକୁ । ଜୀବନର ଶେଷ ଭାଗରେ ସେ ଯେଉଁ ଆଘାତ ପାଇଛି ହୁଏତ ସେଇ ଆଘାତରେ ପଞ୍ଜରର ହାଡ଼ ବେଇଖଣ୍ଡ ଭାଙ୍ଗିପଡ଼ିବ । ସେ ଲୁହ ଜର ଜର ଆଖିରେ ଅନାଇ ରହିଲା ବନଦଆ ଆଡ଼େ ।

ବନଦଆ ରଥିଆର ଆଜି ଏପରି ଭାବାନ୍ତରର ଲକ୍ଷଣ କିଛି ବୁଝି ପାରିଲା ନାହିଁ । ଯେଉଁ ରଥିଆଅଜା ଟିକିଏ ନିରୋଳା ପାଇଲେ ତାକୁ ବୁଝାଏ,

—ବନଦଆରେ, ଜୀବନ ଆମର ବଡ଼ ଅସହଣୀ । ଅନ୍ତର୍ଯ୍ୟାମୀର ଆମ ପ୍ରତି ଏହା କଠୋର ପରୀକ୍ଷା । କେବେ ବିଚଳିତ ହେଇ ପଡ଼ିବୁ

କାନ୍ଦୁଛି । ତୁ ମୁଁ ଯେଉଁ ପଥର ପଥିକ, ସେ ପଥ କଣ୍ଟା ଝଁଟା ନହୁ ନୁହାଣୀରେ ପୂର୍ଣ୍ଣ । ସବୁ ମାଡ଼ିମକଟ ଆଗକୁ ପାଦ ବଢେଇବାକୁ ହେବ । ଗୋଡରେ ଅଗଣନ କଣ୍ଟା ଫୁଟିବ । ଗୋଡ ରକତ ସାଲୁ ବାଲୁ ହେବ । କିନ୍ତୁ କେବେ ଯେମିତି ଇସ୍ ବୋଲି ନ' କହୁ । ମୁହଁର ରଙ୍ଗ ଯେମିତି ନ ବଦଳେ । କିଏ ଅଛୁରେ ଆମର ଦୁନିଆରେ ? ଇସ୍ ବୋଇଲେ କି ମୁହଁରେ ଦୁଃଖର ଛାଇ ଫୁଟେଇଲେ କେହି ଆହା ବୋଲି ପଦେ କହିବେ ନାହିଁ । ମାଟି ଖୋଳି ପଙ୍କ ସବୁ ସହିବାକୁ ହେବ । ତେବେ ଯାଇ ଆମେ ଆଗ ବାଟରେ ଅଗେଇ ପାରିବା । ଏମିତିଆ କଥା ଯା'ର, ତା' ଆଖିରେ ଆଜି ଝୁରି ଲୁହ ! ମୁହଁରେ ବେଦନାର ଛାଇ ! ବନଦଅ କିଛି ଠିକଣା କରି ପାରିଲା ନାହିଁ । ଆଉ ଥରେ ପଚାରିଲା,

—କି ହେ ଅଜା, ତୋର ଆଜି କ'ଣ ହେଉଛି କହେ ? ଭୋକ କଲାଣି ଯଦି ନେ ଏ ମୁଢ଼ି ଗଣ୍ଡିକେ ପାଟିରେ ପକା ।

ରଥିଅର ଧୈର୍ଯ୍ୟ ବନ୍ଧ ଟିକିକ ଭୁଷୁଡ଼ି ପଡ଼ିଲା । ସେ କଇଁ କଇଁ ହୋଇ କାନ୍ଦି ପକେଇଲା ।

—ବନଦଅରେ, ଜୀବନରେ କେବେ ମୋ ଆଖିରୁ ଲୁହ ଝରିବ ବୋଲି ବିଶ୍ୱାସ କରି ନ ଥିଲି । କିନ୍ତୁ ସେ ମତେ କନ୍ଦେଇଲା ।

ବନଦଅ ବୁଢ଼ାକୁ ସାନ୍ତ୍ୱନା ଦେଇ ପଚାରିଲା,

—କିଏ ତତେ କନ୍ଦେଇଲାରେ ଅଜା ! ତୋର ତ ପୁଅ ମାଇପ କେହି ନାହାନ୍ତି । ତା' ଛଡ଼ା ତୋ ହାତିମାନଙ୍କ ଅବସ୍ଥା ତତେ କେବେ କନ୍ଦେଇ ପାରି ନ ଥିଲା । ଆଜି କ ବଡ ଠାକୁର ଲାଗୁଛି ତୋ ଆଖିରେ ଲୁହ ଦେଖି ।

ବୁଢ଼ା ଟିକିଏ ଧୈର୍ଯ୍ୟ ଫେରାଇ ଆଣି ସମସ୍ତ କଥାର ଖେଇ

ଗଛ ମୂଳେ ବସିଲା । ବାନଦାଆକୁ ପାଖରେ ବସେଇଲା । ଅଙ୍ଗୁଳି ବଢେଇଲା ସାମନା କୋଠା ଉପରକୁ ।

—ବୁଝିଲୁ ବାନଦାଆ । ସେଇ ଘରେ ସେ ରହେ । ଗୁର ବରଷ କି ପାଞ୍ଚ ବରଷ ହେବ ମୋଟେ । ନାଁ ତା'ର ଇଲା । ଇଅଁଳ ଛନ ଛନ, ନାଲ୍ ଟେହ ଟେହ । ଟିକି ଟିକି ହାତରେ କୁନି କୁନି ଅଙ୍ଗୁଳି ଗୁଡ଼ାଏ । ଫରୁଦ୍ଧା ଫୁରୁଦ୍ଧା ବାଳ କେଶକୁ ପବନରେ ଉଡେଇ ଉଡେଇ ସେ ଯେତେବେଳେ ମୋ ପାଖକୁ ଦଉଡ଼ି ଆସେ, ଦରୋଟି ଭାଷାରେ ଡାକ ଦକାଏ,

—ଏ ପାଗଲା ବୁଢା, ପାଗଲା ବୁଢା ! ତୁ ମତେ ସାଙ୍ଗରେ ନେବୁ ?

ମୁଁ ତା ପାଖକୁ ଅଗେଇ ଯାଏ । ତାକୁ କୋଳ କରିବାକୁ ହାତ ପତାଏ । ସେ ମୋ ଆଖିରୁ ଅପଦର କୌଣସି ସୂଚନା ନ ପାଇ କୋଳକୁ ଡେଇଁ ପଡେ । ମୁଁ ତା' ମୁହଁ ଉପରେ ମୋ ହାଡ୍ଆ ଅଙ୍ଗୁଠି କେଇଟା ଚଳେଇ କହେ,

—ନା ମା, ମୁଁ ତତେ ନେଇ ସମ୍ଭାଳିବ କୋଉଠି ? ତୁ ତୋ' ବାପା ବୋଉ ପାଖରେ ଅରାମରେ ଅଛୁ, ରହ ।

ସେ ମୋ ମଇଲା ଛିଣ୍ଡା କନା ପଟା ଅଣ୍ଡାଳେ, କହେ,

—ଦେଖାନ ଭଲ କରି । ଯୁ ଭିତରେ କୋଉଠି ମୁଣି ଲୁଚେଇ ରଖି ନାହୁଁ ତ ? ତା' ଟିକି ଟିକି ଅଙ୍ଗୁଳି ଗୁଳି ମୋ ଦେହ ସାରା ଅଣ୍ଡାଳି ଯାଏ । ଶେଷରେ ପାଏ ଗୋଟିଏ ପାକଲ୍ଲ ପିଜୁଳୀ । ତା' ମୁହଁରୁ ଖୁସି ଝରି ପଡେ ପଟୁରେ,

—ଯୁକୁ କାହା ପାଇଁ ରଖିବୁ ?

ମୁଁ ହସି ହସି କହେ,

—ତୋର ପାଇଁ ଆଣିଚ ପସ୍ତ ।

ସେ ଆନନ୍ଦରେ କୁହୁଳି ଉଠେ ।

—ସତ କହୁଚୁ ପାଗଲା ବୁଢା ! ସତେଚରେ ତୁ ମୋ ପାଇଁ ଏ ପିଜୁଳି ଅଣିଚୁ ? ତୁ ଭାରି ଭଲ୍ ପାଗଲା । ରୋଜ ରୋଜ ଅସିବୁ । ମୋ ପାଇଁ ପିଜୁଳି ଅଣିବୁ ମୁଁ ଖାଇବି, ଏଁ ?

ସେଇ ଦିନୁ ମୁଁ ନିତି ଆସେ ତା' ପାଖକୁ । ମାଗି ଯାଚି କରି ଯେଉଁ ଦିନ ଦି' ପଇସା ବେଶି ପାଇଥାଏ ସେ ଦିନ ଭଲ୍ ଜିନିଷ-ଟିଏ କିଣି ଅଣି ଥାଏ ତା' ପାଇଁ । ସେଦିନ ଇଲା ଏତେ ଖୁସି ହୁଏ ଯେ କହିନା, ତାଠୁ ବେଶି ଖୁସି ହୁଏ ମୁଁ । ଅନ୍ତର ମୋର ସ୍ନେହରେ ଭରି ଯାଏ । ମୁଁ କୋଟି ନିଧି ପାଇଲା ପରି କୋଳରେ କାଖରେ ଜାକି ଧରି ଇଲାକୁ ଗେଲ କରେ । ସେ କିଛି କହେନି ଲେମ୍ବୁ କି ପିଜୁଳିଟିଏ ଯାହା ଅଣିଥାଏ ତାକୁ ଛଡେଇ ଖୋଇ ଦିଏ । ସେ ମତେ ପଚୁରେ,

—ତୋ' ଘର କୋଉଠି ପାଗଲା ବୁଢା ? ଭଲ ନୁଗା ପିନ୍ଧୁନୁ ? ତୋର କନ ଭଲ ନୁଗା ନାଇଁ ? କହିବୁ ଯଦି ବାପା ନୁଗା ଅନି ଦେବ । ବାପାର କେତେ ନୁଗା, କେତେ ଜାମା ଅଛି । ଯେତେ ମାଗିବୁ ସେତେ ଦେବ ।

ମୁଁ ତା ବାଳ କେରକୁ ସାଉଁଳେଇ ଦେଉ ଦେଉ କହେ

—ମୋର ତୋ' ବାପା ଜାମା ପଠା କ'ଣ ହବ ? ଦିବୁ ଯଦି ତୋର ଜାମା ଖଣ୍ଡିକ ଦିଏ ।

ସେ ହସି ହସି ଗଡି ଯାଏ, କହେ,

—ଅରେ ପାଗଲା ବୁଢ଼ା, ତୁ ଟା ଏତେ ଓଲୁ ଅରେ । ମୋ ଜାମା କନ ତୋ' ଦଅକୁ ହବ ? ମୁଁ କେତୁକି ସାନଟି ଦେଖୁନୁ ବାପା ତୋର ପର ବଡ଼ ମଣିଷଟାଏ । ତା' ଜାମା ପତା ତୋ ଦଅକୁ ମାନିବ ଭଲ ।

ମୁଁ ମନା କରେ । ତାର ଦହର ଜାମା ପାଇଁ ତା' ପାଖରେ ଅଡ଼ି ବସେ । ସେ ତା' ଦହରୁ ଜାମା ଓହ୍ଲେଇ ମୋ ଉପରକୁ ଫୋପାଡ଼ି ଦେଇ କହେ,

—ହଇ ନେ । ମୋଲ ଏମିତ ଅଉଲ୍ କେତେ ଅଛୁ ।

ମୁଁ ଫେରେ ମୋର ହାତରେ ତା' ଦହରେ ଜାମା ପିନ୍ଧେଇ ଦଏ । ସେ ଖୁସ୍ ହେଇ ଘରକୁ ଗୃଲ୍ ଯାଏ ।

ପୁଣି ସକାଳ ହୁଏ । ମୁଁ ତାଙ୍କ ଦୁଅରେ ପହଞ୍ଚିଲେ; ସେ ଦୋ'ମହଲ ଉପରୁ ମତେ ଦେଖି "ପାଗଲ ବୁଢ଼ା, ପାଗଲ ବୁଢ଼ା" ଡାକ ଡାକ ତଳକୁ ଓହ୍ଲେଇ ଅସେ । ମୋ ଛିଣ୍ଡା ଝୁଲ୍ ଭିତରୁ କଦଳୀଟିଏ ଅଣ୍ଡାଳି କାଢ଼ି ନିଏ । ସେଇଥିରେ ଯେମିତ ତା'ର ତୃପ୍ତି ଭରି ରହୁଥାଏ ।

ଏମିତ ଦନ ପରେ ଦନ କଟେ । ସେ ମୋ ଶୁଷ୍କ ହୃଦୟକୁ ତଳେ ସ୍ନେହ ଓ ଅଶାର ଝରଣା ଫିଟେଇଦଏ । ମୁଁ ମୋ ଜୀବନର ସବୁ ଦୁଃଖ ଭୁଲ୍ ତାର ସ୍ନେହ ସୁଅରେ ମୋ ଜୀବନ ଡଙ୍ଗା ଭସେଇ ଦଏ । ଦନ କଟେ । ମୁଁ ଭୋକ, ଉପାସ, ରୋଗ, ଶୋକ ସବୁ ଭୁଲ୍ଯାଏ ।

କନ୍ତୁ ବଧାତା ମୋର ସେଇ ସୁଖ ଟିକକ ବ ଦେଖି ପାରିଲା ନାଇଁ ରେ, ପାରିଲା ନାଇଁ । ସେ ତାକୁ ଘେନଗଲା । ମୁଁ ଥରେ ଅଠଦନ ବେମାର ପଡ଼ ଯାଇଥିଲ୍ । ଅସି ଦେଖେତ ଅଗପରି

ଇଲା ଆଜ ଦୋ'ମହଲାରୁ ତଳକୁ ଓହ୍ଲେଇ ଆସୁନାହିଁ । ଏପାଖ ସେପାଖ ହେଲି । ଏଣେ ତେଣେ ଅନେଇଲି । ଗୃହକରଙ୍କ ଉପରୁ ଆସି ପଚାରିଲା,

—କାହାକୁ ଖୋଜୁଚୁ କିରେ ?

—ଇଲା କ'ଣ ନାହିଁକି ?

—ତୋ' ନା ?

—ପାଗଲା ବୁଢ଼ା

ସେ ଚହିଁକି ପଡ଼ିଲା । ବିସ୍ମିତ ହୋଇ କହିଲା,

—ତୋର ନାଁ ପାଗଲା ବୁଢ଼ା ? ଇଲା ମରିବା ଆଗରୁ କେତେ ଥର ତତେ ସେ ଖୋଜୁଥିଲା ରେ ! ଖାଲି ବାଲାବଲାଉଥାଏ—"ପାଗଲା ବୁଢ଼ା, ପାଗଲା ବୁଢ଼ା, କାଲି ମୋ ପାଇଁ କଦଳୀ ଆଣିବୁ । କାଲି କୋଉଠି ରହିଲୁ କିରେ ? ଆସିଲୁ ନାହିଁ ତ ? କାଲି ଆସିଲାବେଳେ ଗୋଟିଏ ପିଜୁଳି ଆଣିବୁ ।" ଇମିତ କେତେ କ'ଣ । ତା' ପାଇଁ କେତେ ଡାକ୍ତର ବଇଦ ଲାଗିଲେ । ପାରିଲେ ନାହିଁ । ସେ ନିଁମୋନିଆରେ ଚାଲିଗଲା ରେ ପାଗଲା ବୁଢ଼ା, ଚାଲିଗଲା !

ମୁଁ ଆଉ ସେଠି ଗୁଣ୍ଡିତ ପଥର କରି ଠିଆହୋଇ ରହି ପାରିଲି ନାହିଁ । ବର୍ଷ ବର୍ଷର ଠାଣୁଆ ଧୈର୍ଯ୍ୟବନ୍ଧ ମୋର ଭାଙ୍ଗି ପଡ଼ିଲା । ଜୀବନରେ ଏଇ ଗୋଟାଏ ମୋର ଶକ୍ତ ଆଘାତ । ଏମିତିଆ ଆଘାତ କେବେ କୋଉଠୁ ପାଇ ନ ଥିଲି । ଭେଣ୍ଡିଆ ଭେଣ୍ଡିଆ ପୁଅ ଦ'ଟା ମଲେ । ଜମିବାଡ଼ି ନିଲାମ ହେଇଗଲା । ସବୁ ସହି-ଥିଲି ଧାନକୁ କିଲି, ଗୁଣ୍ଡିକୁ ପଥର କରି ସବୁ ସହିଥିଲି । କେବେ ଆଖିରୁ ବୁନ୍ଦାଏ ଲୁହ ଗଡ଼େଇ ନ ଥିଲି ।

ତା' ପରେ ଅନାହାରରେ କଙ୍କାଳ ସାଜିଲା । ପେଟ ପିଠି-ସଙ୍ଗରେ ମିଶିଲା । ଲୋକେ ମାଡ଼ ଗାଳି ଦେଲେ । ସବୁ ହଜମ କରି ଯାଉଥିଲା । ଅନ୍ତ ଆଉ ପାରିଲା ନାହିଁ ରେ ପାରିଲା ନାହିଁ ।

ବୁଢ଼ା ବନଦିଆ ଉପରେ ଦଣ୍ଡ ବର୍ଷି କାଇଁ କାଇଁ ହୋଇ କାନ୍ଦି ଉଠିଲା ଯୋରରେ । ବନଦିଆ ଆଖିରୁ ତା'ର ଲୁହ ପୋଛି ଦେଲା । କିନ୍ତୁ ସେ ଅଶୁଖା ଝର । ଯେତେ ପୋଛିଲେ ବି ସେ ନ ଶୁଖି ଝରିବାକୁ ଚାହେଁ ।

# ଏକା ନାହୁ ଦ'ଖଣ୍ଡ

ଗହ୍ନସ୍ତ ବଳରୁ ହଳ ଫିଟେଇ ଠାଣ ଗାଟୁଆ ବେଳକୁ ବାହୁଡ଼ିଲା ଦନେଇ ଯେନା। ଜିଅ ଛଡା ବଳଦ ହଳକ ଧଇଁସଇଁ ହେଇ ଦଉଡୁଥିଲେ। ହଳ ବଳଦ ଫିଟେଇ ପକେଇ ଗୁହଳିଆ ଘରର ତାଟି କାଢ଼ି ଭିତରକୁ ପଶିଲା। କାହାର ସୋର ଶବଦ ନାହିଁ। ଭୋକରେ ଗୋଟିପଣ ଦନେଇ ଥରୁଥିଲା। ଲଙ୍ଗଳ ଦଉଡ଼ିଠା କାନ୍ଧରେ ପଡ଼ିଚି। ଦହଯାକ କାଦୁଅ ସାଲୁବାଲୁ। ଗଲେ ସବୁ କୁଆଡେ? ରାଗରେ ଜଳିଗଲା ଦନେଇ। ଆଖି ଯୋଡ଼ାକ ଟେଢ଼ିଗଲା। ଯେମିତି ପ୍ରଳୟଙ୍କରୀ କାଣ୍ଡଟାଏ ଘଟିଯିବ ନିମିଷକେ। ରୁକ୍ଷ ଗଳାରେ ଡାକ ପକାଇଲା,

—ହଳିଆ........ହଳିଆ.......... !!

ହଳିଆ ଦନେଇର ପାଞ୍ଚ ବରଷର ପୁଅ। ଘରେ ସ୍ତ୍ରୀ। ଆଉ ସାନ ଭାଇର ସଂସାର ଭିତରେ ସେ ଦ' ପ୍ରାଣୀ। ଏକା ଅନ୍ନରେ ଚଳନ୍ତି।

ହଳିଆ ଜବାବ ଦେଲା ନାହିଁ। ବାରଅଡୁ ଉଁ...ଉଁ...କାନ୍ଦଣା ସୁର ଟିକିଏ ବଡ କରି ଶୁଭିଲା। ଦନେଇ ବୁଝିପାରିଲା ଘରେ କିଛି ନା କିଛି ଗୋଟାଏ କନ୍ଦଳ ଘଟିଚି। ଦନେଇ ବାଡ଼ିପଟକୁ ବୁଲି ଯାଇ ଦେଖିଲା, ହଳିଆ ମାଆ ସୁଁ ସୁଁ ହୋଇ ଆଖିର ଲୁହ ଲୁଗା କାନିରେ ପୋଛୁଚି। ଦନେଇକୁ ଦେଖି କାନ୍ଦଣା ସ୍ୱର ପଞ୍ଚମକୁ

ଉଠିଗଲା । ଆଜି ସମାଳେ କିଏ ! ଭରା ନଈର ବନ୍ଧ ଭାଙ୍ଗି ଗଲାଣି ସତେକି ।

ଦାନେଇ ନିଜକୁ ଟିକିଏ ସମାଳି ନେଲା । ସ୍ୱରଟାକୁ ଅଳ୍ପ କଅଁଳିଆ କରି କହିଲା,—

—ହେଇଚି କ'ଣ ହଳିଆ ବୋଉ !

ହଳିଆ ବୋଉ ଗାଉଁ ଗାଉଁ ହେଇ କହିଲା,

—ମୁଁ ତମକୁ ସେଦିନୁ କାନେ କାନେ ଶିଖଉଚି । ତମେ ସପନା ପଛେ ଭଲେ ହେଇଯା । ଛା'ଟି ଆମର ଦରକାର ନାହିଁ । ଶାସ୍ତ୍ର କହୁଚି, ଯେତେ କନିଆ ସେତେ ବର, ଯେତେ ଭାଇ ସେତେ ଘର । ଶାସ୍ତ୍ର କଥା ଅନ୍ୟଥା ହେବାର ନୁହେଁ । ସେ ଭାଇ ବି ଏକା ଅଲଗା ରହିବା ବାଲା ନୁହେଁ । ମଉନ ମୁହାଁ ଓଟୋକା ଭାଗ-ଜଣେ ।

ଦାନେଇ ଅନ୍ତରରେ କୁହୁଳା ନିଆଁ ହାଉ ହାଉ ହେଇ ଜଳି ଉଠିଲା । ଯେମିତି ସେ ଗ୍ରାସ କରିବ ଏ ସାରା ଦୁନିଆଟାକୁ । କି ବେଳୁବ କରଚି ମଣିଷ ଏ ମାଇପି ଜାତିଟାର ହାତ ଧରି । ଏତେ ବଡଟେ ଖଣ୍ଡିଆ ଘର ଖଣ୍ଡେ । ଛେଳି ଗୁହାଳପରି । ଥାଳି କଂସା ଦି'ପଟ ଅଚ୍ଛି କି ନାହିଁ । ଢୋଉ କାଳର ଶିଳ, ପେଷା ହଳକ ପାକୁଆ ହୋଇଗଲାଣି । ମେଘ ବରଷିଲେ ଘରେ ଅଣ୍ଟିଏ ପାଣି । ଜମି ମାଣେ କି କଣେ କିଛି ନାହିଁ । ଛୁଆ ବକଟକୁ ଛାଡ଼ିଦେଲେ ଘରେ ମୋଟେ ଗୁରିଟା ମଣିଷ । ଏଇଥିରେ ମନ ଅମେଳ । ଘରେ ଘଡ଼ିକି ଘଡ଼ି କନ୍ଦଳ । ଖାଲି ଭଲେ ହବା । ମେଣ୍ଢା ଗୁହାଳ ମଝିରେ ବାଡ଼ ପୋତିବା । ଥାଳି ପଟେକ ଭାଙ୍ଗି ଫାଳେ ଫାଳେ ନେଇ ଚୁଲିଆରେ ଖାଇବା । ସେଇଥିରେ ତୃପ୍ତି । କିନ୍ତୁ ଏକା-ଠେଇଁ ରହି ହବନାହିଁ ।

ଘର ଆର ପାଖରେ ଆଜି ଜଣଙ୍କର କାନ୍ଦଣା ସ୍ୱର ଶୁଭିଲା । ମୃଣ୍ମ ଟେକି ଅନେଇଲା ପନେଇ । ସପନା ପାଖରେ ସାନବୋହୂ, ବର୍ଷାଶୁଚନ୍ଦ୍ର 'ତମେ ଏମିତି ମାଇଚିଆ ପ୍ରକୃତିର ହେଇ ବସି-ରହିଲେ ଚଳିବ ନାହିଁ । ସେ ବଡ ଭାଇ ହେଲେତ ଆଉ ବାଘ ଭାଲୁ ନୁହେଁ । ସେକି ଠୋକ ତାଙ୍କ ମୁହଁରେ ଜବାବ ଦବାକୁ ଏତେ ଡର କାହିଁକି ? ତମେ ଯଦି ଅଜାରେ ତାଙ୍କ ଠଣ୍ଡ ନ ଛିଣ୍ଡ ତେବେ ତମ ରାହା ତମର, ମୋ ରାହା ମୋର । ତମ ବଡ ଭାଉଜଙ୍କ ଗଞ୍ଜଣା ମୁଁ ସହି ପାରିବ ନାହିଁ କି ଏ ଘରେ ଆଉ ରହି ପାରିବ ନାହିଁ । କିରେ ବାବୁ, ତୁ ତ ଘରର ମଣିଷ, ମୁଁ ଘରରମଣିଷ । ମୁଁ ଭୋଜି ଠାଇଁଆଣି ପୋଇଲି ହେଇନାହିଁ ଯେ ମୋ ଉପରେ ସେ ରୋପ କଟେଇବ । ରାଣୀ ମେନ୍ତ୍ର ବସିବ ମୁଁ ପୋଇଲି ମେନ୍ତ୍ର ଫଜ ସକାଳେ ଖଟି ଖଟି ମୋ ମାଉଁସ ଲଗା ଦେହଟାକୁ କୁଟା ସରି କାହିଁକି କରିବ ? ସେ କ'ଣ ଏତେ ସୁଖୀ ଘର ଝିଅ ।

ସପନା କହିଲା, ଘର-କହିଲେ ତ ମେଣ୍ଟାଶାଳ । ମୃଷାମାଟି ଭର୍ତ୍ତି । ହାଣ୍ଡି ଅଟିକା ଦି' ଯୋଡା । ସେଥିରେ କି କାମ ଏମିତି କଷ ମରି ଯାଉଚୁ ଯେ ତୋ ସୁନା ଦେହ ଚୂନା ହୋଇ ଯାଉଚି । ମଣିଷ ବଳରୁ ଲାଗି ଲାଗି ଅସିଲା । ସେତେବେଳେ ବାସର ଗନ୍ଧ ସନ୍ଧ ନାହିଁ । ଭୋକରେ କଉଡ଼ି ଜଳୁଚୁ । ଯୁଆଙ୍କର କଣେନା ଯୁଆଙ୍କ ଲାଗିଚି ଭଳନେ ହବୁ ।

ସପନା ସ୍ତ୍ରୀ ନିଆଁ ହୁଳା ପରି ଜଳି ଉଠିଲା ।

—କ'ଣ କହିଲ ? ଫେରେ ସେଇ ମାଇଚିଆ ପଣିଆ ? ବଡଭାଇ ଲାଂଗୁଳ ଧରି ଦାଉଡୁଥାଅ । ମୁହଁ ଖୋଲି କଥା ପଦେ କହିବାକୁ ବହପ ନାହିଁ, ଖାଲି ମୋର ପାଖରେ ରୋପ କଟେଇ ଶିଖିଛ

କହି ନ' ପାରିବ ଯଦି ମୋ ଆଗରେ ସାଫ ସାଫ କହନା ମୁଁ ତାଙ୍କୁ ମୁହେଁ ମୁହେଁ ଶୁଣେଇ ଦେବ ।

ସୂର୍ଯ୍ୟ ମୁଣ୍ଡ ଉପରେ, ତାତି ବଢୁଛି । ଦନେଇ ନଙ୍ଗଳ ଦାଉଡି-ଟାକୁ ସେଇଠି ଫୋପାଡ଼ି ଦେଇ ମହାନ୍ତ ଘର ପୋଖରୀକୁ ଦଉଡ଼ି ଗଲା । ତତଲା ପାଣି ଦାହ ଜଳ ଯାଉଚି । ଆଷାଢରେ ମେଘ ନାହିଁ ଅପାଳକ, ଅନ୍ୟାୟ ବଢୁଚି ଦିନକୁ ଦିନ । ପୃଥିବୀରେ ଅନାଚାର ବଢି ଗଲାଣି ପାଣିପର, ଭଗବାନ ବଡ଼ଲୋକ । ସେ ଆଖି ଫାଡ଼ି ସବୁ ଦେଖୁଚନ୍ତି କେମିତି ସହନ୍ତେ ମଣିଷ ଗରବ ?

ଦାହ ହାତ ସେଇ ତାତଲା ପାଣିରେ ବୁଡ଼ୁଳ ପକେଇ ଦେଇ ଝାଳ ସର ସର ଦାହଟାକୁ ଚିରା ମଇଳା ଗାମୁଛା କାନିରେ ପୋଛି ପକେଇଲା । ତରବର ହୋଇ ଧାଇଁ ଆସିଲା ଘରକୁ । କୁଟାକେରାଏ ବଳଦ ହଳଙ୍କ ଆଗରେ ପକେଇଲା । ସେଇ ଯୋଡିକ ତା'ର ଜୀବନ । ତାଙ୍କଠୁଁ ବରଷକର ଦାନା ପାଉଛି ଦନେଇ, ତାଙ୍କୁ ଅଣଦେଖା କଲେ କ'ଣ ଚଳିବ !

ଭିତର ଶାଳେ ଦେଖିଲା ହାଣ୍ଡି ଗଡୁଛି । ପଖାଳ କଂସାଏ କି ତୋରାଣୀ ମନାଏ କିଛି ନାହିଁ । ଗୁଡ଼ଲ କଂଟେରେ ଅଧ ପାଇଲାଏ ହବ ଗୁଡ଼ଲ ପଡ଼ିଚି । ଟିଂକି ଚୁଲାରେ ଦାରକୁଟା ଗୁଡ଼ଲ ଗୁଡାକୁ କାଉ ଛୁଂଚୁର ବନରବସ୍ତ କରୁଛନ୍ତି । ଗୁଡ଼ଲ ଅଧ ପାଇଲିକ କଣ୍ଟରୁ କାଢି ନେଇ ଚୁଲିରେ ହାଣ୍ଡି ବସେଇଲା । ନା ଏ ମାଇପିଗୁଡ଼ାଂକୁ ଅନୁସରଣ କଲେ ଚଳିବନି । ଭୋକ ଉପା-ସରେ ମାରି ଦେବେ ଜୀବନକୁ ।

ସପନା ଡର ଡର ହୋଇ ଆସି ଭାଇ ପାଖରେ ପହଞ୍ଚିଲା । ଯେମିତି ଅନେକ କିଛି କହିବାକୁ ତିଆରି ହୋଇ ଆସିଚି ସେ । କିନ୍ତୁ ମୁହଁ ଖୋଲି କିଛି କହି ପାରୁ ନାହିଁ । ଦନେଇ ଅନେଇଲା

ତା' ମୁହଁକୁ, ଖୁସିରେ ଝାଉଁଳି ପଡ଼ୁଛି । ପାଖରେ ବସେଇ ଆଦରରେ ତା' ମୁହଁରେ ହାତ ବୁଲେଇ ଆଣିଲା ।

—ଭାରି ଠାଣି ଖିସ୍ ହେଉଚି ନୁହେଁରେ ସପନା ! !

ସପନା ସବୁ ଭୁଲିଗଲା । ତା' ମନ ଭିତରେ ଯେଉଁ ଠାଣି ପାଚିସିଟି ଗଢ଼ି ଉଠିଥିଲା, ସେ ଧୂଳି ଘର ପରି ଭାଇର କଥା ପଦ-କରେ ମିଳେଇଗଲା । ସପନା ଭାଇର ଆଖିଯୋଡ଼ିକୁ ଚାହିଁ ଲୁହ ଛଳ ଛଳ ହୋଇ ଆସିଲା ।

ଦଦେଇ କହିଲା, 'ଯିବୁଟି ସପନା, ବେଗି ବେଗି ଗାଧୋଇ ଆସିବୁ । ଭାତ ହୋଇ ଗଲାଣି । ଦି' ଭାଇଯାକ ବସି ଖାଇବା । ଭାରି ବାଧିତଅ ହୋଇଗଲାଣି । ଫେର୍ ଅଢ଼େଇ ପହରିଆ ହଳ ଘଡ଼ିଏ ମଦରଙ୍ଗା ଯୋଖିକି ନେବାକୁ ହେବ । ନ'ହେଲେ ସେ ଗୋଠାଏ ନେନ୍ତାରୁଆ ରହିଯିବ ।

ସପନା ସୁବୋଧ ପିଲାଟିପରି ଉଠି ବାରି ଗାଡ଼ିଆ ଆଡ଼କୁ ଧାଇଁଲା । ସ୍ତ୍ରୀ ତା'ର ଲୁଚି ବଡ଼ଭାଇ ଆଉ ସାନ ଭାଇର କଥା ଶୁଣୁଥିଲା । ସାନ ଭାଇଙ୍କ ପାଖରେ ଯାଇ ଦାନ୍ତ କଡ଼ମଡ଼ କରି କହିଲା,

—'ଭାରି ଭାଇ ସୁଆଗିଆ ତ ! ହଉ ତମେ ତମର ରହ ତମ ଭାଇଙ୍କି ଘେନି । ମୁଁ ମୋର ଚାଲିଲି । ଥମ ଥମ ହୋଇ ଖଣ୍ଡେ ବାଟ ଆଗେଇଗଲା ।

ସପନା ମୁଣ୍ଡରେ ହାତ ଦେଇ ସେଇଠି ସେମିତି ବସି ପଡ଼ିଲା । ଭଲ ଅଡୁଆରେ ପଡ଼ିଲା ମଣିଷ । ଏଣୁ ମାଇଲେ ବ୍ରହ୍ମହତ୍ୟା, ତେଣୁ ମାଇଲେ ଗୋ ହତ୍ୟା । ମା' ନ ଥିଲା, ସା' ନ ଥିଲା । ଏଡୁଟିରୁ ଏଡୁଟିଏ କରି ଆଣିଛି ଭାଇ ! ନିଜହାତରେ ଗୁହ ମୁତ

ପୋଷ୍ଟ କର ମଣିଷ କରଛି । ତା’ ମୁହଁରେ ଏତେ ଟାଣ କଥା କହିବ କେମିତି ? ଏଣେ ଏ ଭାର୍ଯ୍ୟା, ହାତ ଧର-ବାହା ହୋଇଛି ତା’ ବାପ ମା ତାର ହାତରେ ସଁପି ଦେଇ ତାଙ୍କୁ ନିଶ୍ଚିନ୍ତ ହୋଇଛନ୍ତି । ଜୀବନ ମରଣର ସାଥୀ । ଦୂରକୁ ଠେଲିଦେବ କେମିତି ? ଗୋଡ଼ରେ ଆଡ଼େଇ ଦେଲେ ଯେ ଅପରାଧ ।

ସପନା ଉଠିଲା । ସ୍ତ୍ରୀ ଅଙ୍ଗକୁ ଆଗେଇଯାଇ ନରମ କଣ୍ଠରେ କହିଲା ।

—ତତେ ନେହୁରା ହେଉଛି ତୁ ଆ’ ଭଲା ।

ସ୍ତ୍ରୀ ମାନ କରି ବସିଲା ।

—ଏଇ ଘଡ଼ିରେ ଯାଇ ଯଦି ଭାଇଙ୍କୁ ନ’କୁହ ତେବେ ମୁଁ ଆଉ ଏ ଘରକୁ ପଶିବି ନାହିଁ । ମହି ଅଗଣାରେ ଅଜା ଯଦି ବାଜ ନ ବସେ, ତେବେ ମୋ କଥା ମୋର, ତମ କଥା ତମର ।

ସପନା ପିଠିରେ ପାଞ୍ଚ ଆଙ୍ଗୁଳିଆ ମାଲପା ଚିହ୍ନ ସେମିତି ଜକ ଜକ କରୁଥାଏ । ସେ କନ୍ଦଳର ଶେଷ ନିଷ୍ପତ୍ତି ନ କରି ଗାଧୋଇ ଯାଇ ପାରିଲା ନାହିଁ । ଥରଥର ପାଦ ପକେଇ ବଡ଼ ଭାଇ ପାଖରେ ପହଞ୍ଚିଲା । ଦନେଇ ଭାତ ବାଢ଼ୁଛି । ସପନା ଅଙ୍ଗକୁ ଅନେଇ କହିଲା,

—‘କିରେ, କଉଠି ଅସିଲୁ ? ଯା’ ବେଗି ଗାଧୋଇ ପଡ଼ି ଧାଇଁଆ । ଖାଇବା ପର ! ଭୋକ ଲାଗିଲାଣି ।

ସପନା ଅଟଙ୍ଗଇ ଥଙ୍ଗେଇ କହିଲା,

—ଭାଇ, ମୁଁ ଭିନେହେବ । ତମ ସାଙ୍ଗରେ ଚଳି ପାରିବି ନାହିଁ । ଏତକ କହିଦେଇ ପାଖ ମାଠିଆରୁ ପାଣି ଗଡ଼େଇ ଢକଢକ କରି ନୋଟାଏ ପିଇଗଲା ।

ଦନେଇ ହାତ ଭାତହାଣ୍ଡି ଉପରେ ଅଟକି ଗଲା । ବଲବଲ କର ସପନା ଅଡ଼କୁ ଅନେଇଲା ସେ । ସପନା ଆଖି ଯୋଡ଼ାକ ତଳକୁ ନଇଁ ପଡ଼ିଛି । ସେ ସପନା ହାତ ଧର ପାଖକୁ ଟାଣି ଆଣିଲା ।

—ଆଗେ ଖାଇସାରେ । ତା' ପରେ ପଛେ ଭନେ ଡହବୁ ।

ଦ' ଭାଇ ଖାଇ ବସିଲେ । ହଳଅ କୋଡ଼ିଏ ଥିଲା, ଶଳ ପର ଆସି ଦୁହିଙ୍କ ମଝିରେ ବସି ପଡ଼ିଲା । ଦ' ଜାଅ ଯାକ ଦ' ଦୁଆର ଫାଙ୍କରୁ ଅନେଇ ଥାଆନ୍ତି ।

ସପନା ଭାତଗୁଣ୍ଡା ପାଟିକି ନେଉ ନେଉ ଅଟକି ଗଲା ।

—ନା ଭାଇ ଆଗ ଗୋଟାଏ ଫଇସଲା କର ଦଅ । ଘରେ ଅଡେମଙ୍ଗ ଅଶାନ୍ତି । ସବୁବେଳେ ଏମିତ ଖଟ ଖାଟ ମତେ ଭଲ ଲାଗୁନାହିଁ ।

ଦନେଇ ଦେଖିଲା ସପନାର ହେମତ ବେକୁ ବେଲ ବଡି ଯାଉଛି । ସେ ଚୁପ୍ ହୋଇ ବସି ପାରିଲା ନାହିଁ । ଭାତ ଥାଳିଟା ଦୂରକୁ ଠେଲି ଦେଇ ଗୋଟାଏ ଦୀର୍ଘ ନିଶ୍ୱାସ ପକେଇ କହିଲା,

—ହଁରେ ସପନି, ଆଜି ତୁ ମଣିଷ ହେଲୁ । ମୁଣ୍ଡକୁ ହାତ ପାଇଲା ଭନେ ନ' ହେବୁ କେମିତି । କିନ୍ତୁ ଭାଇ ଜାଣୁ ତ, ଆମର ସମ୍ବଳ ଭିତରେ ଏଇ ଟେମଣ୍ଡା ଗୁହାଳ ଦ' ବଖୁରିକ । ହଳିଏ ହଡା ବଳଦ । ହାଣ୍ଡି ମାଠିଆ ଦ' ପୁଞ୍ଜା । ଏଇ ଏତକ ପାଇଁ ଆମେ କାଲ କାଲକର ସମ୍ବନ୍ଧ ତୁଟେଇ ଦେଇ, ମାଇପଙ୍କ କଥାରେ ପଡ଼ି ଭନେ ହେବା । ଗାଁ ଲୋକେ ହସିବେ । କହିବେ ରାମ ଯୋନା ପୁଅ ଦ'ଟା ବାପ ମା'ଙ୍କ ନା' ପକେଇଲେ । ବାପ ମା ମଲତକାର ଥିଲା କନା ! ପୁଅ ଦ'ଟା କୀର୍ତ୍ତି କରିଗଲେ ।

ତତେ ଯେତେବେଳେ ତନି ବର୍ଷ, ସେତେବେଳେ ମା' ମରିଗଲା । ଅଠ ବରଷରେ ବାପ ମଲା । ମୁଁ ପରର ନାଗି ଝୋଲା

ମୁହଁରେ ଅଧାର ଦେଲ । ନା' ମୋର ଭାଇ—ମୋର ଲକ୍ଷ୍ମ ଏକା ନାହୁ ଦ'ଖଣ୍ଡ । ଯୁଆଙ୍କୁ ମଣିଷ କଲେ ମୋ ନାଁ ଘଣ୍ଟିବ । ସାଙ୍ଗଙ୍କୁ ଧନୁର୍ଦ୍ଧର ହେବ । ଟବଲ ପଢିଲେ ଘୁଡ ପତେଇ ପାଖରେ ଠିଆହେବ । କେତେ ଆଶା, କେତେ ଅଣ୍ଟ ବାନ୍ଧଥିଲ ମନରେ । ତୁ ବାହାଘ୍ରେଁବ୍ ହେବା ସାଙ୍ଗେ ସାଙ୍ଗେ ମୋର ସବୁ ଆଶା ମିଳେଇ ଗଲା । ଚୁଲ୍‌ରୁ ଦ' ଚୁଲ୍ କରବାକୁ ବସିଲୁଣି । ହେଲେ ସପନ, ଭଲକର ଚେତେ ଥରେ । ଠେକା ହାତରୁ ଖସିଲେ ଅଣ-ବାହୁଡ଼ା ।

ସପନ କଇଁ କଇଁ ହେଇ କାନ୍ଦ ପକେଇଲା । ଦନେଇ କୋଳରେ ମୁହଁ ଗୁଞ୍ଜି କହିଲା,

—ଭାଇ, ଅପରାଧ କରଚ । ଆଉ ଦନେ ଏମିତ କହିବନ ।

ଦନେଇ ଭାତ ଥାଳଟାକୁ ପାଖକୁ ଟାଣି ଆଣିଲା । ସପନ ହାତ-ଧର ଭାତ ଥାଳରେ ମାଡଦେଲା । ହଳିଆ କହିଲା, ଆ' ଦାଦା !

ତନହେଁ ଖାଇ ବସିଲେ । ଦନେଇ ହଳିଆକୁ କହିଲା,

—ଯିବୁଟି ତୋ' ଖୁଡ଼ୀଙ୍କ ଡାକି ଆଣିବୁ । କହିବୁ ତମେ ସାଇକି ଗଲେ ବାଣ୍ଟ କୁଣ୍ଟ ହେବ ।

ହଳିଆ ଦଉଡ ଗଲା । ଟିକି ମଣିଷ । ଦୁନିଆର ମାୟାଜାଲ ଭିତରେ ତା' ଗୋଡ଼ ପଶିନ କେବେ । କ'ଣ ସେ ବୁଝିବ ଦୁନିଆର ହାଲ । ବୋଉକୁ ତା'ର ଦେଖିଲା ଲୁହ ଭସେଇ ସେ କାନ୍ଦୁଚ । ଖୁଡ ଆଖିରେ ନିଆଁ ଜଳୁଚ । କିଛି ବୁଝି ପାରିଲା ନାଇଁ । ଏ ପାଖ ସେପାଖ ହେଇ ଦହିଙ୍କି କହିଲା,

—ବାପା ଡାକୁଚ । ଗଲେ ଭଙ୍କେ ହବ ।

ଦହେଁ ଜୀବନ ପାଇଲେ । ଜଣକ ଆଖିରୁ ଲୁହ ଶୁଖିଗଲା, ଜଣକ ଆଖିରୁ ନିଆଁ ଲିଭିଗଲା । ଯା' ହେଉ ଔଷଦ କାମ କରିଚ ।

ଦନେଇ ଶେଷ ଘରୁ ହାଣ୍ଡି ମାଠିଆ ତକ ବାହାର କଲା । ଝଠା ଭାଂଗି ଅଣି ଗାତ ଖୋଳି ମଝି ଅଗଣାରେ ପୋତିଲା । ସପନା ଜଳ ଜଳ କରି ଅନେଇ ଥାଏ । କିଛି କରିବାକୁ ବା କହିବାକୁ ତା' ମୁଣ୍ଡରୁ ବୁଦ୍ଧି ବାହାରିଲା ନାହିଁ ।

ଦନେଇ ଘରର ସବୁ ଜିନିଷ ଦ'ଭାଗ କଲା । ଛୁଣ୍ଡା କତରଠୁଁ ଛୁଣ୍ଡା ଝୁଅଁଣୀ ମୁଣ୍ଡି ପର୍ଯ୍ୟନ୍ତ କିଛି ବାଦ ପଡ଼ିଲା ନାହିଁ । ଦିହରୁ ଝାଳ ବର୍ଷଣ ପାଣିପରି ବହି ଯାଉଥାଏ । ହଳିଆଝା ବେଳେବେଳେ କହୁଥାଏ,—ବାବା ଏ କ'ଣ ହେଉଛି ?

ଦନେଇ ଶେଷ ବଖରାକୁ ହଳିଆ ମା'କୁ ଡାକି କହିଲା । —ହେଇ ଦେଖ, ଦ'ଠା ସମାନ ଭାଗ କରିଯାଇଛି । ତମ ମନ ଯଉଁ ଭାଗକୁ ମାନୁଛି ନିଅ । ସାନ ବୋହୂଙ୍କୁ ଡାକ । ତମେ ଗୋଟାଏ ଭାଗ ନେଇ ଦ'ଜଣ ଗୋଟାଏ ଘରେ ରୁହ । ଆମେ ଦ'ଭାଇ ହଳିଆକୁ ନେଇ ଗୋଟାଏ ଘରେ ରହୁଛୁ । ଭତେ ହେଇ କେତେ ବେଶୀ ଖାଇବ, ଆମେ ଦହେଁ ଦେଖିବୁ । ଦିନ ରାତି ସବୁବେଳେ ଭତେ ଦୁଅ ଭତେ ଦୁଅ ହେଉଥିଲ । ଏଥର ରୁହ କଳି କନ୍ଦଳ କିଛି ହବ ନାହିଁ ।

ହଳିଆ ବୋଉ ହଳିଆ ଖୁଡ଼ି ମୁହଁ ଚାହାଁଚାହିଁ ହେଲେ । ତାଙ୍କ ଗୃହାଣୀ କହୁଥିଲା—ଆମେତ ଏହା ଚାହିଁ ନ ଥିଲୁ ।

ଦନେଇ ବୁଝିପାରିଲା । କହିଲା,
—ଅନେଇଛ କ'ଣ ? ଭାଗେ ଉଠେଇ ନିଅ । ସୁଖରେ ରୁହ । ତମେ ଭାବିଥିଲ ଭାଇ ଭାଇ ଭିତରେ ଅମେଳ କରେଇ ମଜା ଦେଖିବାକୁ ନା ? କିନ୍ତୁ ସେ ନ ପଟେନ୍ତି । ଏ ହେଉଛନ୍ତି ରାମ-ଯେନା ପୁଅ । ବାପ ମଲାବେଳେ କହି ଯାଇଥିଲା—'ଦନେ-

ଇତରେ, ସବୁ ଢବବ କିନ୍ତୁ ଘରେ ବାଡ଼ ପୋଡବ ନାହିଁ ଟି ! ଅମର ଗୋଟାଏ କଥା । ଆମେ ଦ'ଭାଇ ଏକା ରକ୍ତ । ଅମର ଏକା ନାହୁ ଦ'ଖଣ୍ଡ ।

ହଳିଅ ମା ବାଡ଼ଯାକ ଉପାଡ଼ି ପକେଇଲା । ହଳିଅ ବାପ ଗୋଡ଼ତଳେ ପଡ଼ିଯାଇ କହିଲା 'ଅପରାଧ ଧରବନ । ମୁଁ ଅଜ୍ଞା-ଯାକେ ମଣିଷ ଚିହ୍ନି ନଥିଲି । ସପନି ସ୍ତ୍ରୀ ଉହାଡ଼ିଆରେ ଲୁଗା-କାଣି ଦେକରେ ଗୁଡ଼େଇ ନମ୍ ହେଇ ଶୋଇଲା । ହଳିଅ କହିଲା,

—'ବାବା, ଖୁଡ଼ି ଏଇଠି ଦଣ୍ଡବତ କରୁଚି ।

ଦନେଇ ସପନିକି କୋଳକୁ ଭିଡ଼ି ନେଲା ।

# ମୂକସାକ୍ଷୀ

ଗାଁ ମୁଣ୍ଡରେ ଥୁଣ୍ଟା ଗଛଟା । କେତେ ତା'ର ବୟସ କେହି ଜାଣେ । ଗାଁର ପୁରୁଖା ଲୋକେ କହନ୍ତି ,ଆମେ ପିଲା ବେଳରୁ ସେ ସେମିତି ଠିଆ ହେବାର ଦେଖୁଚୁ । ତା' ଇତିହାସ କାହା-ରିକି ଜଣା ନାହିଁ । ହୁଏତ ସେ କହି ପାରିବ ଗାଁ ଗୋଟାକର ଇତିହାସ । ମଣିଷ ଜାତିର ଇତିହାସ ।

କୋରଡରେ ପେଚା ରୁହନ୍ତି । ସାପ ବସା କରିଛନ୍ତି । ବାବନା ଭୂତ ବି ସେଠି ରୁହେ । ଶୁଣା କଥା ନୁହେଁ । ପୁରୁଖା ଲୋକେ ନିଜ ଆଖିରେ ଦେଖିଚନ୍ତି । ଫଳ ହେଲେ ସେ ଭୂଇଁ କେହି ମାଡ଼ନ୍ତି ନାହିଁ । ଗଛଟା ସେମିତି ଠିଆ ହୋଇଚି । ମୂକସାକ୍ଷୀ ପରି । କାଟି-ବାକୁ କାହାରି ସାହସ ହେଉନି । ବାବନା ଭୂତର ବସତି ସଇଚି । ଏତେ ବହପ କାହାର ? କୁରାଢ଼ୀ ଚୋଟ ବାଜିଲେ ସେ ଂଶ ନିଅଁଶ କରି ଦେବ ।

ଗାଁ ଗୋଟାକର ଅପଦୁଅ ବୋହୂ ମୁଣ୍ଡରେ ମୁଣ୍ଡେଇ ବାଧି ଯେଉଁଦିନ ଘରୁ ଗୋଡ଼ କାଢ଼ିଲା, ସେତେବେଳକୁ ଅଧରାତି । ଶା ସାଇଁ ସାଇଁ ଗର୍ଜୁଚି । କୋଳରେ ଚାରି ବରଷର ମନ୍ଦନାଟି । ୀତରେ ପାଟି ଠାଇ ଠାଇ ବାଜୁଚି । ଫୁଙ୍ଗୁଳା ଦେହଟାକୁ ଘୋଡେଇ-ବା ପାଇଁ ମା'ର କାନି ନିଅଣ୍ଟ । ଖାଲି ଦେହ ଲାଜ ଲୁଚେଇବା ପାଇଁ ଯେଉଁ ଚୋଟେ ଦରବା ଖଣ୍ଡିକ ଥିଲା, ସେତିକ ଧିର ମାନ ଖିବା ପାଇଁ ଅସମର୍ଥ ।

ଗାଁ ପଞ୍ଚାୟତଙ୍କ ଯୁକ୍ତିତର୍କ କଥା କଠାକଟି ପରେ ସାର ହେଲା ଯେ, ସୁଧୀର ଏ ଛୁଆଟା ଅଣବାବୁଆ । ରସିକା ଛଅ ବରଷ ହେଲା ବଡଦେଶରେ । ଠଙ୍କା ପଇସାର ପରର କଥା । ଚିଠି ପଦର ସୁଦ୍ଧା ଗନ୍ଧ ସନ୍ଧ ନାହିଁ । ମଲାଣି କି ଗଲାଣି ତା'ର ଠିକଣା ନାହିଁ । ସୁଧୀର ପୁଅ ହେଲା କେମିତି ? ଗାଁର କଳଙ୍କ । ବାହାଦୁର ପୁରର ମୁହଁ ତଳକୁ କରୁଛି ସୁଧୀ । ଆଜ ଅଉ ଗାଁ ମାନଙ୍କରେ ମୁହଁ ଦେଖେଇ ପାରୁନାହାନ୍ତି ବାହାଦୁର ପୁରର ଖାନ୍ ଦାନ୍ ଘର ଗୁଡ଼ାକ । ନାକ ନିଶ ତଳକୁ ହୋଇ ଯାଉଛି । କଳଙ୍କ ନିଅଁ ମୁଣ୍ଡା, ଯେତେ ଦୂରରେ ରଖା ଯାଇପାରେ ସେତେ ମଙ୍ଗଳ ।

ସୁଧୀ ନେହୁରା ହେଲା । ଗୋଡତଳେ ପଡ଼ିଲା । ସାଆନ୍ତଙ୍କର ସେହି ଏକ ଜିଦ୍ । "ନାଁ ଅଉ ନିମିଷେ ରଖିକର ନାହିଁ ।"

ସୁଧୀ ଲୁହ ଭରା ଆଖି ବୁଲେଇ ଆଣିଲା ଗାଁ ଗୋଠାକର ଲୋକଙ୍କ ଉପରେ । ସମସ୍ତେ ଅନେଇ ରହିଛନ୍ତି ସାଆନ୍ତଙ୍କ ମୁହଁକୁ । ଶ୍ରୀମୁଖରୁ ଯାହା ବାହାରି ଯାଇଛି ତା'ର ପ୍ରତିବାଦ କିଏ କରିବ ? କାହାରି ସେ ସାହସ ନାହିଁ । କାରଣ ଗାଁ ଗୋଠାକର ଲୋକ ସାଆନ୍ତଙ୍କ ଋଣ ଜାଲରେ ଛନ୍ଦହୋଇ ପଡିଛନ୍ତି ।

ଏକା ସୁରେଶ ବାବୁଙ୍କ ଆଖିରେ ଲୁହ ଜକେଇ ଆସିଲା । ସେ ସୁଧୀର ଅସହଣ ଗୁହାଣୀକୁ ହଜମ କରି ପାରିଲେ ନାହିଁ । କହିଲେ,

—ସାଆଁନ୍ତ ବାବୁ, ବିଚରା ଅସହାୟ । ସାହା ସହା କେହି ନାହାନ୍ତି । ଅମଡା ମାଡି କୁଆଡକୁ ଯିବ ?

ସାଆଁନ୍ତଙ୍କ ମାଗୁର ନିଶ ତଳେ ହସ ଖଣ୍ଡେ ଦିଶିଲା, କଳା ବଉଦ କୋଣରେ ବିଜୁଳି ପରି । ଯିଏ ସେ [illegible]

ଦାନ୍ତ ଶୀତେଇ ଉଠିଲା । ସାଅାଁନ୍ତସ୍ତ ସଜାଡ଼ି ହୋଇ ଚକା ଅସନ ପକାଇ ବସିଲେ । କହିଲେ,

—ସୁରେଶ ! ତୋର ପରି କଅଁଳ ଟୋକାଏ ସୁଧୀ ପାଇଁ ଅପତ୍ତି କରିବେ । କାରଣ ମଜାଲିସ୍ ଅଡ୍‌ଡାଟା ତମର ଭାଙ୍ଗି ଯାଉଛି । ଆରେ ବୁଡି ବୁଡି ପାଣି ପିଉଛ କାହିଁକି, ସଫା ସୁଧୀକି ଅଦର ନେଉନା । ସଫା ସଫା କହୁନା ମଦନା ଅମର ପୁଅ ।

ସୁଧୀ ଦାନ୍ତରେ ବିଜୁଳି ଖେଳିଗଲା । ଜମାଟେବନ୍ଧା ଲହୁ ତରଳି ଗଲା । ଭୋଟିପଣ ଥରିଲା, ତା ଗୋଡ ହାତ । ସୁରେଶ କମ୍ପି ଉଠିଲା ଦଣ୍ଡକେ । ସ୍ୱରଟା ଉଚ୍ଚା କରି କହିଲା

—ଟିକିଏ ଭାବି ଚିନ୍ତି କଥା କୁହନ୍ତୁ । ଅପଣଙ୍କ ପରି ମୋର ମଧ୍ୟ ବଂଶ ମର୍ଯ୍ୟାଦା ଅଛି । ମୁଁ ଖାନ୍ ଦାନ ଘରର ପିଲା ।

ସାଅାଁନ୍ତସ୍ତ ଗର୍ଜି ଉଠିଲେ ।

—ଗାଁ ଗୋଟକତ ଅଉ ଅଜା ନୁହନ୍ତି । ସୁଧୀର ଜମିବାଡି ମାଣେ କି କଣେ ନାହିଁ । ରୋଜଗାର ବି ଫଟା ଭଉଡିଟାଏ ହୁଏନି । ଏକ ଦୁଇ କରି ଛଅ ବର୍ଷ । କ'ଣ ଦାନେ ଅଧେ ହେଇଛି । ମାଇପିଟାଏ, ଫେର୍ ଗୁରବର୍ଷର ପୁଅଟିଏ । ଚଳୁଛି କେମିତି ହେ ! ଅମେ କ'ଣ ଅଉ ଏସବୁ ଅଗଁ ଅର । ତୋର ପରି ଗଜା ବଅସର ଟୋକା ତା' ନାକନାମ ବୁଝୁ ନଥିଲେ ସେ ଅଜଯାକେ ଏ ବସୁମତୀ ଉପରେ କାଇ ରହି ଆଅନ୍ତା ?

ସୁରେଶ ଅଉ କ'ଣ କହିବାକୁ ଯାଉଥିଲା । ଶିରେଇ ମହାପାତ୍ରେ ସେ ଅଡୁ କାଶି କାଶି ଅସିଲେ । ବାପା ଅସୁଛନ୍ତି । ବାପାଙ୍କୁ ପ୍ରାଣର ଡର ସୁରେଶର ।

ସାଅନ୍ତସ୍ତ ଡ଼ାକିଲେ,

—ଇଥିରେ ଅଛ ମହାପାତ୍ରେ ! ଲୋକେ ଅନ୍ଧ ହୋଇଗଲେ । ଅଦାଲତରେ ବାଟ ଫିଟିଗଲା । ଗାଁର ମୁଣ୍ଡ ଗୋଟାଏ ଏକା । ସାଆଁନ୍ତେ ଆଉ ମହାପାତ୍ରେ । ଇଏ ଦି'ଜଣ ଯୋଡ଼ ହୋଇଗଲେ ଯେତେ ସଙ୍ଗୀନ ମାମଲା ହେଉ ପଛେ ଦଣ୍ଡକେ ମଉଜି ଯିବ । ଆଖ ପାଖ ପାଞ୍ଚଖଣ୍ଡ ଗାଁର ନ୍ୟାୟ ନିଶାପରେ ଡ଼ାକର ପଡେ ଏହାଙ୍କୁ । ମାନ୍ ଅଛି, ଖାତିର ଅଛି । ବାହାଦୂର ସ୍ୱରର ରନୂଟିଏ ମହାପାତ୍ରେ । ବାଡ଼ି ଖଣ୍ଡିକୁ ଗାଣ୍ଡିତଳେ ମାଡ଼ିବସି ପାନକୁଟା ଠାକୁ ଟିକି ଉପରେ ଥୋଇ ଠକ୍ ଠକ୍ କରୁ କରୁ କହିଲେ,

—ସିଧୀ କଥା କ'ଣ ସାରଭଙ୍ଗ ହେଲା ।

ଅଗକୁହା ହରପଧାନ ଖଣ୍ଡିଆ ପିକାଠାକୁ କାନରେ ଖୋସୁ ଖୋସୁ କହିଲା

—ହାଃ...ହାଃ...ହାଃ...ହାଃ...ଆଜି ନୂଆକଥା ଶୁଣୁଚି ମହାପାତ୍ରେ ! ଆପଣ ଯୋଉ ମାମଲତରେ ହାକର ନାହାନ୍ତି ତା'ର ଫେର୍ ସାର ଭାଙ୍ଗ କରିବ କିଏ ?

ଚଞ୍ଚଳ ତା' ଆଖି ଯୋଡ଼ାକ ବୁଲି ଆସିଲା ସାଆନ୍ତଙ୍କ ଫୁଲିଲା ନିଶ ହଲକ ଉପରେ । ଛେପ ଢୋକି ପକେଇଲା । ଅଣ୍ଟାରୁ ଚିଲମଟା କାଢ଼ି ଦି'ଗର ଭରି ପକେଇଲା । ଏଇ ସର୍ବନାଶର ଗୋଡ଼ା । ସଞ୍ଜ ଆଗରୁ ଗୁରୁ ଗୁରୁ ଥର ଧୂପ ହୋଇଯାଇଚି ବୋଲି ସିନା ଏତେ ବଡ ଭୁଲଟାଏ ହୋଇଗଲା । ସ୍ୱୟଂ ସାଆନ୍ତେ କରିଜମାନ କରନ୍ତି ଅଥଚ ସେ ମହାପାତ୍ରଙ୍କ ବଢ଼େଇ ଗାନ କରୁଚି । ଅଜଥରେ ଅଟେନଇଲା ସାଆନ୍ତଙ୍କ ଅତେ । ଡେଇଁଲୁ ଗୃହାଣୀର ରେଷଣୀ ଗୋଟାଏ ପଡିଚି ତା' ଉପରେ । ହର ପଧାନର ନିଶା ଟୁଙ୍କ କଟିଗଲା ଦଣ୍ଡକେ । ମନେ ପଡ଼ିଲା ତା' ବୁଢା ଅଙ୍ଗୁଠି ଟିପ ଦିଆ ତମସୁକ ଖଣ୍ଡିକ ସାଆନ୍ତଙ୍କ ଲୁହା

ବାକ୍‌ସରେ ବନ୍ଦ ଅଛି । ଧାର ଠଙ୍କା କୋଉଏଠା କାଲିକି ଦୁଇଶ ହୋଇଯିବ । ସେ ଡର ଡର ଦ'ପାତ୍ରଙ୍କ ପଛକୁ ଧୁଞ୍ଚିଗଲା ।

ସାଆନ୍ତର କହିଲେ,

—ନାହିଁ ମହାପାତ୍ରେ ! ଝିଅଟି ଗାଁର ଗୋଟାଏ ଅମଙ୍ଗଳ ବସ୍ତୁ । ତାକୁ ରଖି କର ନାହିଁ । ଯେତେ ଚଞ୍ଚଳ ତଡ଼ି ଦିଆଯାଏ ସେତେ କୁଶଳ ।

ମହାପାତ୍ରେ ମୁଣ୍ଡ ହଲାଇ କହିଲେ,

—ମୁଁ ଜାଣେ ପର, ତମ ବସ୍ତୁରରେ ଏତେ ଟିକିଏ ଜଡ଼ ଲଡ଼ ହେବାର ନାହିଁ । ଅସଲ କାମ କେବେ ତମ ଦାହକରେ ହବ ନାହିଁ । ବୁଧୀକି ତଡ଼ି ନଦେଲେ ଗାଁର କୁଶଳ ନାହିଁ । ପାପର ଭାର ବଢ଼ିବ । ବାଢ଼, ଝାଞ୍ଜା ମଢ଼ି ଆସିବ ।

ସମସ୍ତେ ମାଛି ମରଗଲା ପରି ରହିଥାଆନ୍ତି । ଊଁ ଚୁଁ କାହାର ତୁଣ୍ଡରେ ନାହିଁ । ମହାପାତ୍ରେ ସଜାଡ଼ି ହୋଇ ବସି ବୁଧୀ ଆଡ଼କୁ ଅନେଇଲେ । ଛୁଆଟା ଶୀତରେ ଥର ଥର ହୋଇ ଥରୁଛି । ବୁଧୀ ଲାଜ ଲୁଚେଇବା ପାଇଁ ଦାରବା ଖଣ୍ଡିକ ଓଟାରି ଧରିଛି । ତାଙ୍କ ଚିତ୍ତରେ ଦୟା ହେଲା କି କ'ଣ କହିଲେ,

—ଆଲୋ ହେ ବୁଧି ! ମୁଁ ଯାହା ପଚାରିବି, ସବୁ ସତ ସତ କହେଇବୁ ?

ବୁଧୀ ଆଖି ଲୁହ କହୁଣୀରେ ପୋଛି ବାଇଲା ସ୍ୱରରେ କହିଲା,

—ମିଛ ମୁଁ କହିବି ନାହିଁ ସାଆନ୍ତେ ! ତମେ ମୋର ବାପ ସମାନ । ଯଦି ମିଛ କହେ, ମୋ ଛାତି ଫାଟିଯିବ ।

ସାଆନ୍ତର ହସିପକେଇଲେ । କହିଲେ,

—ଭାରି ସତ ଘର ଝିଅ ସତ !

ମହାପତ୍ରେ ପଚାରିଲେ—ବେଶ୍ ତୁ ତ କହୁଛୁ ମୁଁ ଗୋଟିଏ-ଯାକ ତୁଳସୀ ! ରସିକା ତ ଛଅ ବର୍ଷ ହେଲା ଗଲାଣି, ତୋର ଏ ପୁଅ ହେଲା କେମିତି ?

ରାଧି ଛାତି ଭିତରୁ ତତଲା ନିଶ୍ୱାସ ଦମକାଏ ବାହାରି ଗଲା । ଟିକିଏ ସଳଖି ଛିଡ଼ା ହୋଇ କହିଲା,

—ପଚାରିଲ ଯେତେବେଳେ ସାଆନ୍ତେ ସବୁ ଟିକି ନିଖି କରି କହିବି । ତମ ଆଗରେ ସବୁ ଯଦି ଫିଟେଇ ନ' କହିବି; ଆଉ ଶୁଣିବ କିଏ ? ଯେତେବେଳେ ମଦନା ବାପ ବିଦେଶ କରି ଯାଅନ୍ତି, ସେତେବେଳେ ସାଆନ୍ତରାଙ୍କର ଆମ ଉପରେ ଚୌଶିଏ ଟଙ୍କାର ତମସୁକ । ବେଳେ ଅ'ବେଳେ, ସବୁବେଳେ ସାଆନ୍ତରାଙ୍କ ପିଆଦା ଆମ ଘରକୁ ଧାଁ ଦଉଡ଼ କଲେ । ସେ ଆଉ ନିନ୍ଦ ସହି ନ ପାରି ଦିନେ ରାତିରେ ସମସ୍ତଙ୍କ ଅଜାଣାରେ ବିଦେଶା ବାହାରି ଗଲେ ।

ସେଠାରେ କାମ ଦାମ ମିଳିଲା ନାହିଁ । ଅଖିଆ ଅପିଆରେ ଚାରି ଲୋକଙ୍କ ହାତ ଓଠ ଧରି ଛଅ ମାସ କଟେଇଲେ । ଫେର୍ କୋଉ ମିଲ୍ ବାବୁ ଘରେ କାମ ଖଣ୍ଡେ ମିଳିଲା ଯେ ଖାଇ ପିଇ ପାଞ୍ଚଟଙ୍କା । ଅକୁଳ ଦରିଆରେ ଭାସିଯାଉଥିଲା ବେଳେ ମଣିଷ କୁଟା ଖଣ୍ଡିକୁ ବି ଅଶ୍ରା କରେ । ସେ ସେତିକିରେ ପଡ଼ିରହିଲେ । ମୁଁ ଧାନ ଓଳିଆଟି ଭାଙ୍ଗି ଦୁଃଖେ କଷ୍ଟେ ଚଳାଚଳ ହେଲି ।

ଦିନେ ମେଘ ଘଡ଼ଘଡ଼ି ଅନ୍ଧାର ରାତି । ମୁଁ କବାଟ କିଳି ଶୋଇଛି । ଅଚ୍ଛୁଆ ଘର ଖଣ୍ଡିକରୁ ପାଣି ଗଳି ଟୋପ୍ ଟୋପ୍ ପଡୁଛି । ମାଟି ତେଲ ଟିକିଏ ନାହିଁ ଡିବିରି ଲଗେଇବାକୁ । ବିଜୁଳି ଘଡଘଡ଼ି, ଛାତି ଥରିଯାଉଛି । ବାରି ଦୁଆର କବାଟରେ କିଏ ଠକ ଠକ୍ କରି ହାତମାରିଲା । ମୁଁ ଡରେ ଦରମରା ହୋଇଗଲି । କାନ

ଯାଉ ଶୁଣିଲି ଚାନ୍ଦା ପାଟି ପରି ଶୁଭୁଚି । ସ୍ଥତରେ ଦମ୍ଭଧରି କବାଟ ଖୋଲିଦେଲି । ମଦନା ବାପ ଗୋଟିପଣେ ଉନ୍ମତ୍ତ ଗ୍ରେରଟି ପରି ଦୁଆର ମୁହଁରେ ଛୁଡା ହୋଇଛନ୍ତି । ଭିତରକୁ ଅସିଲେ, କହିଲେ, —ପାଟିଗୋଲ କରନା ରାଧୀ ! ସାଆନ୍ତରା ଶୁଣିଲେ ସକାଳୁ ଧାଇଁ ଆସିବେ । ମୋଟେ ମାସ ଗୁଡ଼ାଏ ହେବ କାମ କରିଚି । ହେଇ ନିଏ ଦଶଟା ଟଙ୍କା ରଖ । ଖୁବ୍ ହୁସିଆର । କଥାଟା ଯେମିତ ଫୁଟିଅଯା ନ'ହୁଏ । ତୁଡ଼ି କାନରୁ ଛଅ କାନ ନ'ଜାଣେ ।

ନାଗେ ନାଗେ ଝଡ଼ ବରଷା ଗୁଡ଼ଦିନ ଲାଗି ରହିଲା । କେହି ଏ ଦୁଆରୁ ସେ ଦୁଆରକୁ ଯାଇ ପାରିଲେ ନାହିଁ । ମଦନା-ବାପ ସେ ଗୁଡ଼ଦିନ ଯାଙ୍କ ଘରେ ରହିଲେ । ପାଞ୍ଚ ଦିନ ରାତିରେ ଫେର୍ ଲୁଚି ଲୁଚି ଘରୁ ବାହାରିଗଲେ । ସେଇଥର ମଦାନା ମୋ ପେଟରେ ରହିଲା ।

ମଦନା ଜନମ ହେଲା ପରେ ସେ ବରଷରେ ଥରେ ଦି'ଥର ସେମିତ ଅସନ୍ତି । କୋଡ଼ିଏ ତିରିଶ ଟଙ୍କା କରି ଦେଇ ଯାଆନ୍ତି । ଅଡ଼ଶା ପଡ଼ଶା କେହି ତାର ଟେର୍ ପାଆନ୍ତି ନାହିଁ । ମୁଁ ବି କାହାରିକି ଜଣେଇ ଦିଏନା । ନହେଲେ ସାଆନ୍ତରା ବାରୁ ଶିକାର୍ ବାଘ ପରି ଝାମ୍ପି ପଡ଼ନ୍ତେ । ଏତିକି କହି ରାଧି ଅସହାୟ ଚାହାଣୀଟା ସମସ୍ତଙ୍କ ଉପରେ ବୁଲାଇ ଅଣିଲା ।

ମହାପାତ୍ରେ ପାନ କୁଟାରୁ ପାନଡ଼କ ପାଟିକି ପକାଇଦେଇ ପାକୁଆ ପାଟିଟାକୁ ବୁଲେଇ ଅଣି କହିଲେ,

—ହଇହେ ! ବଜ୍ଜାତ ମାଇକିନିଆଟା ତ ଭାରି ହାରମଜାଦ । ଗାଁରେ ଯୋଉଷ ଫୁଟିଲେ ଆଉ ଗାଁକୁ ବାସନା ଯାଉଚି । ଆଜ ରସିକା ଗାଁରେ ରହି ରାତାରାତି କଲିକତା ଯାଉଚି କେହି ତା'ର ଟେର ପାଉନି । କାନ ଫେର ଯା' ଶୁଣିଲା । ନାଁ ନାଁ ଏଇ ଦଣ୍ଡକ

ଭିତରେ ତାଙ୍କୁ ତଡ଼ିଦିଅ ଗାଁରୁ । ଯଦି ନଯାଉଛି ଗଳାରେ ଧକ୍କା ମାରି ବାହାର କରିଦିଅ ।

ସାଅନ୍ତରା ହସି ହସି କହିଲେ,

—ଦେଖୁଚ ମହାପାତ୍ରେ ! ମାଇପିଟା, ସ୍ତ୍ରୀ'ର ଫେରେ ପେଟରେ ହାତ ଗୋଡ଼ । ଭାବଚି ଗାଁଗୋଟାକୁ ଭୁଲେଇ ଦେବ । ତା' ଆଖିରେ ସମସ୍ତେ ଜାଣି ମଦନା ପରି ଦୁଧଖିଆ ଶିଶୁ ।

ସିଏ କାହାରିଠାରୁ କିଛି ଆଶା, ଆଶ୍ୱାସନା ନପାଇ ପୁଅଟିକୁ କାଖରେ ଯାକି ଧୀରେ ଧୀରେ ଆଗକୁ ପାଦ ପକାଇଲା । ପଞ୍ଚାୟତ ସିଦ୍ଧ । ଅମାନ୍ୟ କରି ହେବ ନାହିଁ ।

ସାଅନ୍ତରାଙ୍କ ମୁହଁରେ କୁଟିଳ ହସ ଖଣ୍ଡିଏ ଫୁଟି ଉଠିଲା । ସେ ମହାପାତ୍ରଙ୍କ କାନ ପାଖରେ ମୁଁହ ରଖି ଫୁସ୍ ଫୁସ୍ କରି କହିଲେ,
—ବୁଝିଲ ମହାପାତ୍ରେ, ଆଉ ମୋଟେ ଦିନ ପନ୍ଦରଟାର ମାମଲତି ବାକି ଥିଲା । ସେଇଠୁ ତା' ତମସୁକଟାର ମିଆଦ ପୂରି ଯାଇ ଥାଆନ୍ତା । ମୁଁ କଣ ଫାଙ୍କା ଆକାଶଟାକୁ ଅନେଇ ଥାଆନ୍ତି । ତା'ରି ତ ଘର ତଳି ଖଣ୍ଡିକ ଛଡ଼ା ଆଉ କିଛି ନାହିଁ । ସେ ଯଦି ଘରୁ ବାହାରି ଯାଇ ନଥାନ୍ତା, ମୁଁ ସେତିକ ଦଖଲ କରିଥାନ୍ତି କେମିତି ? ଆଇନ ଅଦାଲତ ତ ଫେରେ ଅଛି ।

ମହାପାତ୍ରେ ସାଅନ୍ତରାଙ୍କ ପିଠି ଥାପୁଡ଼େଇ କହିଲେ,
—ବୁଦ୍ଧିର କାମ କରିଚ ସାଅନ୍ତରା ! ନହେଲେ ତ କଳ ଜଳ କରି ଅନେଇ ଥାଆନ୍ତ ।

ରାତିର ଘୁଡ଼ି ଅରି ଉଠିଲା । ବାଉନା ଭୂତ ଏଇ ଗଛଟାରେ ରହେ ବୋଲି ଲୋକେ କହନ୍ତି । ଫେରେ ପୁଅଟି କୋଳରେ । କରିବ କ'ଣ !! ଗୋଡ଼ ଆଉ ଆଗକୁ ଚଳିଲା ନାହିଁ । ପଛକୁ

ଫେରି ଚାହିଁଲା । ସାଆନ୍ତାଙ୍କ ଜଳନ୍ତା ଆଖି ନାଚି ଉଠିଲା ତା ଆଖିରେ । ଅନ୍ତର ଗୋଟାକ ତାର ଥରି ଉଠିଲା । ନାଁ ଆଉ ସେ ଫେରି ଯାଇ ପାରିବ ନାହିଁ । ଜଗଦୀଶ ନାଁ ତୁଣ୍ଡରେ ଧରି ଆଗକୁ ପାଦ ବଢେଇଲା ।

ହେଇ ସେଇ ଥୁଣ୍ଟା ବରଗଛ ମୂଳେ କାହାର ଛାଇ ଦିଶୁଛି । ହାମ୍ପୁଲା ମୁଣ୍ଡ । ଖରି ଚାଲି । କେମିତି ଗୋଟାଏ ଖେଁ...ଖେଁ... ଶବ୍ଦ । ରାଧିର ରକ୍ତ ହେମ ହୋଇଗଲା । ସେ ପୁଅଟିକି ଯାକି ଧରିଲା ଦି'ହାତରେ । କିନ୍ତୁ ଛାଇଟା ତାରି ଆଡକୁ ଆସୁଛି । ଗୋଡ଼ ଥରି ଉଠିଲା ତା'ର ଥର ଥର ହୋଇ । ଜୋରରେ ପୁଅକୁ ଚାପି ଧରିଲା ସେ ଛାତି ଉପରେ । ଅନ୍ତର ଭିତରେ ଝଡ଼ ବହିଗଲା । ଆଖି ଆଗରେ ନାଚି ଉଠିଲା ଗୋଟାଏ ଭୟଙ୍କର ରୂପ । ମୁଣ୍ଡ ବୁଲେଇ ତଳେ କଚାଡ଼ି ହୋଇ ପଡ଼ିଲା ସେ ।

ଛାଇଟା ପାଖକୁ ଧାଇଁ ଆସିଲା । ଦି'ହାତରେ ରାଧିର ମୁଣ୍ଡ ଟେକି ଧରି କହିଲା,

—କିଏ, କିଏ ତୁ ମା ! ମତେ ଭୟ କରନା । ମୁଁ ଏଇ ଗାଁର ରସିକ ଜେନା । କଲିକତାରୁ ଫେରୁଛି ।

ଆକାଶରେ ଦଶମୀ ଚନ୍ଦ୍ର ମେଘ ଫାଙ୍କରୁ ଉଙ୍କି ମାରି ଚାହିଁ ଦେଲା । କାଶି କାଶି ବେଦମ ହୋଇ ପଡ଼ିଲା ରସିକା । ଏଁ ଏ ଯେ ରାଧି ମୁହଁ ପରି ଦିଶୁଛି । ତେବେ କଣ...? ତେବେ କ'ଣ ଏ ରାଧି ? ଏଁ ପୁଅଟିଏ ଯେ କୋଳରେ ! ମଦନା ! ମଦନା ! ଏଇ ଦେଖେ ବାପ ତୋ ପାଇଁ ଖେଳଣା ଆଣିଛି, ମିଠେଇ ଆଣିଛି । ଆଉରି କେତେ କଣ ଆଣିଛିରେ । ଉଠ ବାପ, ମୋ କୋଳକୁ ଆ ! ରାଧି ମୁଁ ଆସିଛି ପରା । ମୋଆଡକୁ ଥରେ ଅନା । କିଣ ରାଗ କରିଛୁ ମୋ ଉପରେ ରାଧି ? ଲଏବୁଜୁଇଥରାଏ ଟଙ୍କା ଆଣିଛି ।

ଆଜ୍ ସାଆନ୍ତରା ଟଙ୍କା ରଖିବନି । ସୁଧ, ଅସଲ ଚୁକ୍ତ କରିଦେବ । ଉଠ୍ ରାଧି ! ଉଠ୍ !

ହାତ ମାରି ଦେଖିଲା । ସବୁ ହେମାଳ । ପୁଅ ମା'ର ବକ୍ଷରେ ମୁହଁ ଗୁଞ୍ଜି ଅଶ୍ରାମରେ ଶୋଇଯାଇଛି ।

ରସିକା ଫେରେ କାଶି ଉଠିଲା । ଖାଲି ମୁଣ୍ଡା ମୁଣ୍ଡା ରକତ ପଡୁଛି । କାଶ ଉପରେ କାଶ । ରସିକା ଆଉ ଦମ ନେଇ ପାରିଲା ନାହିଁ ।

× × × ×

ସକାଳ ହେଲା । ଗାଁ ମୁଣ୍ଡରେ ସେଇ ଥୁଣ୍ଟା ବରଗଛ ମୂଳରେ ଦେଖାଗଲା ମଦନାର ମୁଣ୍ଡ ବିହୀନ ଗଣ୍ଡିଟା ପଡ଼ିଛି । ଛିଟ କନାର ଜାମା ଦି'ଖଣ୍ଡ ବରଗଛଠୁଁ ଟିକିଏ ଛଡାରେ ପଡ଼ିଛି । ଆଉ କାହାରି ଚିହ୍ନ ବର୍ଣ୍ଣ ନାହିଁ । ଲୋକେ କହିଲେ ରାଧି ପୁଅର ତଣ୍ଟି ଚିପି ବାବନା ଭୂତ ଲହୁ ପିଇ ଯାଇଛି । ଗଛଟା ଯେମିତି ଥିଲା ସେମିତି ଛୁଡ଼ା ହୋଇଛି । ଅଦମ କାଳର ନିୟମର କିଛି ବ୍ୟତିକ୍ରମ ହୋଇ ନାହିଁ ।

# ବନ୍ଧନ

ଅନ୍ଧକାର······ନିବିଡ଼ ଅନ୍ଧକାର ।

କୂଳ କିନାରା କିଛି ଦିଶୁନି । ପୁଅ ବଡ଼ୁଚି ଦାନା ପାଇଁ । ଭାର୍ଯ୍ୟା ଶୋଇଛି ରୋଗ ଶେଯରେ । ପିଅଦା ଦୁଆର ମୁହଁରେ ଡାକୁଛି, ଖଜଣା ଦେଇ ଆସିବୁ ଦୁରୁଗା । ବାରକୁ ବାର ମୁଁ ତୋ ଦୁଆର ମୁହଁକୁ ଦଉଡ଼ି ପାରିବିନି ।

ଦୁରୁଗା ହାତ ଯୋଡ଼ିକରି ବେଷ୍ଟନୀ ଭିତରେ ମୁଣ୍ଡଟାକୁ ପୁରେଇ ଶପୁଛି । ଚୂନା ହୋଇ ଯାଆନ୍ତା ଯଦି ମଣିଷ ବର୍ତ୍ତି ଯାଆନ୍ତା ଦୁର୍ଚ୍ଛିନାରୁ । ଯମର ଚମ ଦଉଡ଼ି ପରି ସମସ୍ତେ ଟାଣୁଚନ୍ତି ଗୁରିଆଡ଼ୁ । ପଲେ ପଲେ ମାଉଁସ ବାଣ୍ଟି ପଡ଼ିବ ନାହିଁ ।

—ମନ୍ଦେ ପାଣି ! ଭାରି ଶୋଷ କରୁଛି ।

ଦୁରୁଗା ଅନେଇଲା । ଚମ୍ପାର ସେ ଫୁଟନ୍ତା ଆଭା ମଉଳି ପଡ଼ିଛି । ଚପଳ ହସ ଲୁଚି ଯାଇଛି । ଅସ୍ଥି ! କେବଳ ଅସ୍ଥିର ସମଷ୍ଟି । କଙ୍କାଳ ମୂର୍ତ୍ତିଟିଏ ପଡ଼ି ରହିଛି ବିଛଣାରେ । ବିଗତ ଜୀବନର ଦିନ ଗୁଡ଼ିକ ଦୁରୁଗା ମନରେ ମମତା ଛୁଆଁଇଲା । ଦୁରୁଗା ଉଠିଗଲା ପାଣି ମାଠିଆ ପାଖକୁ ।

—ନାଁ···ମର···ମର ସବୁ ଗୋଟି ଗୋଟି ହୋଇ । ଫଟା କପାଳ ସମସ୍ତଙ୍କର । ଫୁଟା ବାଟେ ପାଣି ସବୁ ନିଗିଡ଼ି ଯାଇଛି । ଟୋପାଏ ବି ପାଣି ନାହିଁ ।

—କିରେ ଦୁରୁଗା ! ଶୁଭୁ ନାହିଁ କିରେ ? ତୋ' ବାପର ଗୃହର ନା ତୋର ମ ? ତୋ' ଦୁଆର ମୁହଁରେ କେତେ କାଲି ଗୋଡ ଭାଙ୍ଗି ଛୁଞ୍ଚା ହେବ ?

ଅସହ୍ୟ ! ଅତି ଅସହ୍ୟ । ଗୃହଆଡୁ ମୃନିଆ ତାର ଅସି ଦାହରେ ଭୁକି ଯାଉଛି । ଯନ୍ତ୍ରଣା ସହିବାର ନୁହେ । ବରଂ ମରଣ ଶ୍ରେୟ । ଦୁରୁଗା ନଙ୍ଗଳ ଦାଉଡ଼ିଟା କୁଆଳୀରୁ ଫିଟେଇ ଅଣିଲା । ଏଇ ଶେଷ ଉପାୟ ।

ଚମ୍ପା ଥର ଥର ଥରୁଥିଲା । ବଛଣା ଛାଡ଼ି ଉଠିବାର ବଳ ନାହିଁ । ଦୁରୁଗାର ଏ ଅଶୋଭନ କାଣ୍ଡ ତା' ଆଖିରେ ନିଆଁ ଜଳେଇ ଦେଲା ।

—ଏ କ'ଣ କରୁଚ ? ମଣିଷ ଭାଙ୍ଗିଲେ କଣ ଏଇଆ କରେ ?

ଦୁରୁଗା ବାଧା ପାଇଲା । ନଙ୍ଗଳ ଦାଉଡ଼ିଟା ଫିଙ୍ଗି ଦେଲା ଚମ୍ପା ଉପରକୁ ।

—ତମେ ସବୁ ମରିବାକୁ ବ ଟିକିଏ ଦେବନାହିଁ ଆରାମରେ । ଖାଲି ଜଞ୍ଜାଳ । ଗାଲି ହଟହଟା ।

ଦୁରୁଗା ବାହାରିଗଲା ଦାଣ୍ଡକୁ । କାଲୁମିଆଁ ଚଢାଏ ଉଁଅର ଠେଙ୍ଗାଧରି ଦାଣ୍ଡି ସାଙ୍ଗିଲଉଚି ।

—ଅରେ ଜଣକ ଦୁଆରେ ଯଦି ଅଧ ଘଣ୍ଟାଏ କଟେ ତେବେ ମୁଁ ଭାମ ସାରିବି କୋଉ ପହରକୁ ? ଅଣେ ଛ ଅଗ ମୋ ପାଉଣା ଗଣ୍ଡାଟା ।

ଦୁରୁଗା କଟମଟ କରି ଅନେଇଲା କାଲୁମିଆଁ ମୁହଁକୁ । ଯେମିତି ସେ ଗୋଟାଏ ଚଢାଇଁ ଜାଲିଦେବ କାଲୁମିଆଁକୁ । ଅନ୍ତରରେ

ତା'ର ବଢୁଥିଲା ପ୍ରବଳ ଝଡ ବତାସ । ନା···ନା···ସେ ପାରିବ ନାହିଁ । ପାରିବ ନାହିଁ ସେ ଏ ଜଞ୍ଜାଳର ଭାର ବହନ କରି ।

—କିରେ ଦୁରୁଗା ମଠ ମଠ କରି ଅନେଇଚୁ କ'ଣରେ ? ଦବୁ ନା କ'ଣ ? ପକା ଆଗ ମୋ ପାଉଣା ଗଣ୍ଡାଠା । କାଲୁମିଆଁ ଗର୍ଜି ଉଠିଲା ।

ଦୁରୁଗା ତରଳି ପାଣି ହୋଇଗଲା ! ଧାରୁଆ ପାଖରେ ମୁଣ୍ଡ ନୋଇଁବାକୁ ପଡ଼ିଥାଏ ।

—କ'ଣ କରିବ କାଲୁଭାଇ, ହାତ ବଡ ଟାଣ ପଡି ଯାଇଚି । ଘରେ ପୁଅ ମାଇପ ବେମାର । ଏଣେ ଖଟିବାକୁ ମଜୁରି ମିଳୁନାହିଁ । ଏମିତି ଅସହଣି ବଖତରେ ····

କାଲୁମିଆଁ ହସିଲା । ହସରେ ମିଶିଥିଲା ହଳାହଳ । ଏଇମିତି କଥା ଶୁଣି ଶୁଣି ତା' କାନ ଗୋଦର ହେଇ ଯାଇଚି । ପଥର ଚିପୁଡ଼ି ପାଣି ନିଗାଡ଼ି ଜାଣେ ସେ ।

—ଆରେ ଅସହଣି ସହଣିରେ ମୋର କି ଯାଏ ଆସେ । ଖଜଣା ନ'ଦେବୁ ତହସିଲଦାର ଜାଣେ ତୁ ଜାଣୁ । ମୋ ହକ ଗଣ୍ଡାଠା ପାଇଲେ ମୁଁ ସିଧା ରାସ୍ତା ଧରିବ ।

ଦୁରୁଗା ନେହୁରା ହେଲା ।

—ଗୁଲେ ଭାଇ, ମୁଁ ଯୋଗାଡ କରି ଦେଇ ଆସୁଚି । ସମସ୍ତଙ୍କର ଭଲ ଅଳ[illegible]ର ରହେ ।

ଦୁରୁଗା ଆଖିରେ ଲୁହ ଜକେଇ ଆସିଲା । କାଲୁମିଆଁର ମଣିଷ ପଣିଆ ଚେଇଁ ଉଠିଲା ଦଣ୍ଡେକ ପାଇଁ । ସେ ଆଗେଇ ଗଲା ଅପର ଦୁଆରକୁ ।

ମୁଣ୍ଡ ଉପରେ ତାତିଲା ସୂର୍ଯ୍ୟ ନିଆଁ ବର୍ଷୁଛି । ଦୁରୁଗା ହାତେ ହାତେ ଠିକୁଛି ଗୋଟା ଗୋଟା କଣିକା ।

ପୁଅ ରଡୁଛି ଦାନା ପାଇଁ ।

ଭାର୍ଯ୍ୟା ଶୋଇଛି ରୋଗ ଶେଯରେ ।

ଗୃହିଳ କଣ୍ଠରେ ଖୁଦ ନାହିଁ ।

ଆଃ…ଅସହଣ କଷଣ ।

ଦୁରୁଗା ଆଖି ଆଗରେ ନିଆଁ ଝଲକ ।

—ଦୁରୁଗା !

ପଛକୁ ଅନେଇଲା । ମଧୁ ସୁବୁଦ୍ଧି । ଶିରା ଉପଶିରାରେ ନିଆଁ ଚରିଗଲା ଦୁରୁଗାର । ମୁଣ୍ଡ ଗୃପି ଧରି ବସି ପଡିଲା ସେଇ ତାତିଲା ତଲା ପଥରେ ।

ମଧୁ ସୁବୁଦ୍ଧିଙ୍କ ଆଖି ନିଆଁପରି ଜଳୁଛି । ଦୁରୁଗା ଅନେଇ ପାରିଲା ନାହିଁ ସେ ବାଘ ପରି ଶିକାରୀ ଆଖି ଦ'ଟାକୁ ।

—ତା' ହେଲେ ଶେଷ ଉପାୟ କରୁଛି ଦୁରୁଗା । ନାଲିସ୍ କରିବା ଛଡା ଅନ୍ୟ ବାଟ ନାହିଁ ଆଜି । ଢୋରଖ ନାଗର ଶୁଣି ନ-ଚମକୁ ଯେମିତି ।

କାନ ଯାକୁଡ଼ି ଧରିଲା ଦୁରୁଗା । ଛହଡକ ପରେ ଡର ଡର ଆଖି ଫେରି ଅନେଇଲା । ମଧୁ ସୁବୁଦ୍ଧି ଗୃଳ[illegible] ନାହିଁ ।

ଆଗରେ ନାଚୁଛି ବ୍ରାହ୍ମଣୀ ନଦୀ । ଭରା ଜୁଆର । ମତ୍ତ-ଗର୍ବରେ ଘୁଡ ଫୁଲେଇ ବହି ଯାଉଛି । ରୋଗ, ଶୋକ, କ୍ଷୁଧା କାହାରିକି ତା'ର ଖାତିର ନାହିଁ ।

ଦୁରୁଗା ପାଦ ଅଟକି ଗଲା ସେଇଠି । ନିଆଁ ଚଷା ଜୀବନଟାକୁ

ବ୍ରାହ୍ମଣୀ ହାତରେ ସଁପି ଦେଲେ ସବୁ ଶୀତଳ ହୋଇଯିବ । ଅନ୍ୟ ପନ୍ଥା ନାହିଁ ।

ନଈକୂଳ ଗଛରେ କାପ୍ତା-କାପ୍ତି ଯୋଡ଼ାଏ ବସିଚନ୍ତି । ଲଗା-ଲଗି ହୋଇ । କାପ୍ତା ସ୍ନେହରେ ଚଞ୍ଚୁ ବୁଲେଇ ଅଣୁଚି କାପ୍ତିଠୁଁ । ଛୁଆଟିଏ ଖଣ୍ଡିଉଡ଼ା ଦେଇ ଆସି ବସିଲା ଦୁହିଙ୍କ ପାଖରେ । ଦୁହେଁ ନିଜ ଆମୋଦ ପାଶୋରି ପକେଇ ସ୍ନେହରେ ଛୁଆଟିକୁ [illegible]-କଲେ ଆନନ୍ଦରେ । ସେଇଠି ତାଙ୍କ ଜୀବନର ସାର୍ଥକତା ।

ଦୁରୁଗା ଆଉ ଅନେଇ ପାରିଲା ନାହିଁ । ଆଖି ଆଗରେ ଝଲସି ଉଠିଲା—

ଭାର୍ଯ୍ୟା ରୋଗ ଶେଯରେ ।

ପୁଅ ରଡୁଚି ଦାନା ପାଇଁ ।

ଦୁହକୁ ନିଆଁ ଲଭିଗଲା ଥପ୍ କରି । ଧାଇଁଲା ଅଣନିଶ୍ୱାସୀ ହୋଇ ସେ ।

—ମୁନ୍ଦେ ପାଣି ।

ଚମ୍ପାର ସେଇ କରୁଣ ନିବେଦନ ।

—ଗଣ୍ଡେ ମୁଢି ।

ପୁଅର ସେଇ ଆକୁଳ ଚିତ୍କାର ।

ଦୁହିଙ୍କି ଅନେଇଲା । ଦୁହିଙ୍କଠିଁ ଚହଲୁଚି ତା' ରକ୍ତର କଣିକା । ପୁଣି ମାଠିଆଟାରେ ସୋଲ୍ ବାନ୍ଧି ମାରି ଦୌଡ଼ିଲା ପାଣି ପାଇଁ । ଲେଉଟାଣି ବାଟରେ ମୁଢି କୁଆଁଏ ଆଣିବ ଯେମିତି ହେଉ ସେମିତି ।

ସେଇମାନେ ତା'ର ଜଞ୍ଜାଳ, ପୁଣି ସେଇମାନେ ତା' ଜୀବନ ମରୁର ମେଘ ବିନ୍ଦୁ ।

# ଜୀବନ ଚକ୍ର ଚଲେ

ତରୁଣ ଅରୁଣର କିରଣ—ତାଳ ସଜ ପରି କଅଁଳ ଛନ୍ ଛନ୍, ଶୀତି ଦିନେ ଦେହରେ ଚନ୍ଦନ ବୋଳିଲା ପରି ଲାଗେ । ମୁଁ ବସେ । ସାଙ୍ଗ ସାଙ୍ଗ ଅଗଣା, ପଡ଼ଶା ପାଖ ଜଣେ ବସନ୍ତି । ଦେହ ତାଜା ହେଲେ ଯିଏ ଯୁଆଡ଼େ ଆପଣା ବେଉସାରେ ବାହାରି ଯାଆନ୍ତି ।

ଏମିତି କେତେ । ଠିକ୍ ଏମିତି । ଟିକିଏ ଅଦଳ ବଦଳ କି ରେଫେ ହଲଚଲ ନ ଥାଏ ଏଥିରେ । ମଣିଷ ଜୀବନର ନିଗୁଢ଼ ତତ୍ତ୍ୱ ମୁଁ ପଦାକୁ ଟାଣି ଆଣି ନ ପାରିଲେ ବି ବୁଝେ । ମଣିଷ କେବଳ ଗୋଟାଏ ଅଲଗା ଅଲଗା ପିଣ୍ଡ ହେଲେ ବି, ମଣିଷ ଭିତରେ ଯେଉଁ ଜୀବନୀ ଶକ୍ତି ଅଛି ସେ ସଭିଙ୍କର ଏକ । ଯେ ହେତୁ ଜଣକୁ ଶୀତ କଲେ ଅପରର ଦେହ କଂପେ । ଜଣକ ଦେହରେ ଝାଉଁସିଆ ଶର ଭେଦିଲେ ଅପର ଦେହରେ ଭେଦେ ।

ମୁଁ ଏଇ କଥା ପଅଁଆକୁ କେତେ ଥର ବୁଝେଇଛି । ହେଲେ ସେ ମୋଟେ ମୋ କଥା ମାନେ ନା । ସେ ସବୁଥର ମତେ କହେ, ତା ଯଦି ହୋଇ ଥାଆନ୍ତା, ଜଣକର ପେଟ ଜଳିଗଲେ ଅଲବତ୍ ଆଉ ଜଣକର ଜଳି ଯାଆନ୍ତା ।

ମୁଁ ତା' କଥା କାଟି ତାକୁ ବାଟକୁ ଅଣେଇବାକୁ କହେ, —ତୁ ମୋ କଥା ବୁଝି ପାରୁନୁ ପଅଁ । ସେ ହେଲା ଅଲଗା କଥା । ମଣିଷ ଶରୀର ଆଉ ଆତ୍ମା, ଏ ଦି'ଟା ଅଲଗା ଚିଜ । ଏଇ ଦେଖୁନଉଁ ଆମ ଗାଁ ବଣି ମହାରଣା କାଦୁଅରେ ରୂପ ଗଢ଼େ । ତା'ର ହାତର ଗୃହୁସ୍ପରେ କିଏ ହୁଏ ନର, ପୁଣି କିଏ ହୁଏ ନାରୀ । ପେଟ୍

ତା'ର ରଙ୍ଗେଇବା କୌଶଳରେ ତା' ମୂଲ୍ ହୁଏ ପାଞ୍ଚ ଟଙ୍କା କାହାର ହୁଏ ସାତ ଟଙ୍କା । କିନ୍ତୁ ଏ କଥା ତୁ ଜାଣୁ ତ ସେଇ ମାଟିରୁ ଭଲ ମନ୍ଦ ସେ ତିଆରି କରେ କମ ବେଶୀ ଦାମ୍‌ର ମୂର୍ତ୍ତି ।

ସେ ମୋ କଥାର ପ୍ରତିବାଦ କରେ । କହେ, ବେଶ୍ ତୋ'ର କଥା ହେଲା । ଯଦି ଦି'ଟା ଯାକ ମୂର୍ତ୍ତି ମାଟିରେ ଗଢାହେଲା, ତେବେ ଭଲଟି ସାତ ଟଙ୍କା ମନ୍ଦଟି କାହିଁକି ପାଞ୍ଚ ଟଙ୍କାରେ ବିକିବ ? ତୁ ତା' ପସନ୍ଦ କଲେ ବି ମୁଁ ତୋ କଥା ମାନିବିନି । ମୁଁ କହିବି ଦୁଇଟି ଯାକ ଯଦି ମାଟିର ଚିଜ, ତେବେ ଭଲ ହେଉ ବା ମନ୍ଦ ହେଉ ମୂଲ୍ ସମାନ ହେବା ଦରକାର । ସେମିତି ତୁ 'ଯା' କହୁରୁ ସବୁ ମଣିଷର ଆତ୍ମା ଗୋଟାଏ ତେବେ ସବୁ ମଣିଷର ଗୁଲ୍ ଚଳଣି, ଢଙ୍ଗ ରଙ୍ଗ ଗୋଟାଏ ଡାଞ୍ଚାର ହେବା ଦରକାର ।

ମୁଁ ତାକୁ ଅଧିକ କିଛି କହି ପାରେ ନା । ତା' ଆଖିରେ ମଣିଷର ସ୍ତର ଦୁଇଟା । ଗୋଟାଏ ଧନୀ, ମାନୀ ଆଉ ଗୋଟାଏ ନିର୍ଦ୍ଧନୀ, ଅବମାନୀ । ଆଉ ସେଇ ଶେଷ ସ୍ତରର ମଣିଷ ପଞ୍ଚୁ, ମିଛୁ ଆଦି ଯେତେ ସବୁ ସେଠି ନକଲିଆ ।

ସେଦିନ ତରୁଣ ଅରୁଣ ମଧ୍ୟମ ଅବସ୍ଥାରେ ପହଞ୍ଚି ଥିଲେ ବି ପଞ୍ଚୁ ସେମିତି ସେଇ ଟାଣୁଆ ଖାପ ତଳେ ବସି ଦିହରୁ ଝାଳ ବୁହାଉଥିଲା । ମୁଁ ପାଇଟିରୁ ଫେରି ଦେଖିଲି ତପୀଟି ଭଲ ବସିଛି ପଞ୍ଚୁଆ । ପଚାରିଲି,

—କିରେ, କଥା କଣ ? ଆଜି କ'ଣ କାମ ଦାମ କିଛି ହେଇନି କିରେ ?

ପଞ୍ଚୁଆ ଗୁହାଁଲା ମତେ । ସେ ଯେମିତି ତା' ଚେତନା ଶକ୍ତି ହରେଇ ବସିଥିଲା ସେଠି । ଉତ୍ତର ଦେଲା ମୋ କଥାର,

—ମିଛ, ତୋ' କଥା ଗୁଡ଼ା ସବୁ ମିଛ, ବାଜେ । ସବୁ ମଣିଷଙ୍କର ଅମ୍ବା ଗୋଟାଏ ହୋଇ ନ ପାରେ ।

ମୁଁ ତା' କଥାକୁ କାଟିଲି ନାହିଁ । କହିଲି,
—ମିଛ, ହେଲା ହେଲା । ତା' ବୋଲି ତୁ ଗାଧୁଆ ପାଧୁଆ ସବୁ ଭୁଲିଯିବୁ ନା କ'ଣ ?

ସେ ଉଠିଲା ନାହିଁ । କହିଲା,

—ଯ୍ବାର ଗୋଟାଏ ଫଏସଲା ତତେ କରିବାକୁ ହେବ ।

ଅଧା ସରଗରେ ଛଅାଣଟାଏ ପାଣ୍ଟାକୁ ଝାମ୍ପ ମାରୁଥିଲା । ମୁଁ ଦେଖି ମଜନ ରହିଲି । ପଞ୍ଚୁଆ ଅଖି ସେଠି ପଡ଼ିଲା । ସେ ପୁଣି କହିଲା,

—ଦେଖେ, ଦେଖେରେ ନା ! ବଲୁଆ ଉପରେ କମିଶ ସବଲିଅର ଗ୍ରେପ ।

ମୋ ଝିଅ ଆସି ସରଗରେ ମୋ କୋଳକୁ ଡେଇଁ ପଡ଼ି କହିଲା,
—ବା' ଲୋ ପିଅଦା ଅସିଥେଲା । କହୁଚି ଖରବେଲକୁ ଖଜଣା ନେଇ ଦେଇ ଅସିବୁ ।

ମୋ ମନ ନରମି ଗଲା । ପଞ୍ଚଗ୍ରହ ଭିତରୁ ପିଅଦା ଗୋଟାଏ । ସୁଲୁକା ପବନରେ ଗଛର ସରୁଡ଼ାଳ ସବୁ ନହକ ଆସିଲା । ଭଲସାହୀ ମଦନା ଧାନ ଭାରଟାକୁ ଗଛମୂଳେ ଥୋଇ ଦେଇ ଝାଳ ମାରିବା ପାଇଁ ଗାମୁଛା କାନ୍ଧରେ ବାହିହେଲା । ପଞ୍ଚୁଆ ପଚାରିଲା,

—କରେ ମଦନା, ତୋ ଖାମିନ୍ଦ କାହାକୁ କରେ ?

ମଦନା କଥା କହିବାକୁ ବଳ ସଂଗ୍ରହ କରି କହିଲା,

—ସେ ତ କଅଁଳ ଗାଧୁଆ ବେଳୁ ପଳେଇ ଆସିଲେଣି । ପଞ୍ଚୁଆ ମତେ ଖୁଞ୍ଚା ଦେଇ କହିଲା,

—ଦେଖିଲୁ ? ଏକ ଅମ୍ଳ ପଣ ! ଖାମିଦଙ୍କ ଅମ୍ଳରେ ଯଦି ତାପ ହଜମ ନହେଲା, ମଦନା ଅମ୍ଳ ତାକୁ ହଜମ କରିପାରିଲା କେମିତି ? ମୋର ସେଆଡେ କାନ ନଥିଲା । ମୁଁ ଭାବୁଥିଲି ପିଆଦା କଥା । ଖଜଣା ଯୋଗାଡ଼ କରି ଯିମିତି ଇଚ୍ଛା ସେମିତି ଦେଇ ଆସିବାକୁ ହେବ । କେଜାଣି ଆଠ ଦଶଥର ପିଆଦା ଆସି ଫେରି ଗଲାଣି । କିନ୍ତୁ ଏତେ ଅଳ୍ପ ସମୟ ଭିତରେ କେଉଁଠୁ ଯୋଗାଡ କରି ହେବ ତିନିଟଙ୍କା ଆଠଅଣା ? ପଞ୍ଚୁଆ ମୋତେ ହଲେଇ ଦେଇ କହିଲା,

—କିରେ, ପାଟିରୁ ତ ଆଜି କଥା ବାହାରୁ ନାହିଁ ? ଘଡ଼ିକ ଆଗରୁ ତ ପଣ୍ଡିତ ସାଜୁଥିଲୁ ?

ଝିଅ ମୋ ରୁକ୍ଷ ମୁଁହଟାରେ ହାତ ବୁଲାଇ କୋହଲା ସ୍ୱରରେ କହିଲା,

—ବା' ଲୋ । ବୋଉ ଏତେବେଳ ଯାଏ କିଛି ଖାଇ ନାହିଁ । ଜମାରୁ ଅଧକୁଆଁ ହେବ ଗୃହଳ ଥିଲା, ତୋ' ପାଇଁ ସଞ୍ଚି । ବାହୁଁକି ଭାରି କାନ୍ଦୁଥିଲା । ତୁ ଗଲେ ତାକୁ ଖୋଇବୁ ।

ମୁଁ ଝିଅକୁ ଅଶ୍ୱାସନା ଦେଲି । ଗେହ୍ଲା ଝିଅଟି ସେ ମୋର, ଅନଭିଜ୍ଞ ଶିଶୁ । ସେ କାହୁଁ ଜାଣନ୍ତା ଦୁନିଆର ଜଟିଳତା !

ସେତିକିବେଳେ ପିଆଦା ଆସି ପହଞ୍ଚିଲା । ଚମକି ପଡିଲି । ସେ କହିଲା,

—ଆଜି ଖଜଣା ଦେଇ ଆସିବ । ତହସିଲଦାର କହିଛନ୍ତି । ଆଉ ଡେରି ସେ ସହି ପାରିବେ ନାହିଁ ।

ପଞ୍ଚୁଆ ହସି ଉଠିଲା ।

—କିରେ, ମଣିଷର ଗୋଟାଏ ଅମ୍ମା, ନା ? ତୋ' ଅମ୍ମା ଆଉ ତହସିଲଦାରଙ୍କ ଅମ୍ମା ଯଦି ଗୋଟାଏ ହୋଇଥାନ୍ତା ତା' ହେଲେ ସେ କ'ଣ ତୋ ଅଭାବ ଅନୁଭବ କରନ୍ତେ ନାହିଁ ? ଇରେ ଖାଲି କୁହୁକରେ କୁହୁକ । ସବୁ ଖାଲି ଭୋଜବାଜି । ସମସ୍ତେ ନିଜ ନିଜ ତାଳରେ ତାଳେଇଛନ୍ତି । ଖାଲି ସୁବିଧା ପାଇଲେ ଏମିତି ଖାଇଁ ଖାଇଁ ମାରିବେ ଯେ ତମେ ବେଦମ ହୋଇଯିବ ।

ମଦନା ଗାମୁଛାଟା ଅଣ୍ଟାରେ ଗୁଡ଼େଇ ପୁଣି ଧାନ ଭାର କାନ୍ଧକୁ ଉଠେଇଲା,

—ଯାଉଚି ପଞ୍ଚୁଭାଇ, ଖାମିଦ ତେଣେ ବେଫୁଲ ହେଉଥିବେ ।

ସେ ଅଡୁଗାଁ ମହାଜନ ରଥ ତିଆରୀ ମୁରୁକି ହସି ଆସି ପହଞ୍ଚିଲେ ।

—କିରେ ପଞ୍ଚୁଆ, କି ହୋ ଜେନାପୁଅ, କ'ଣ ହେଉଚକି ଏଠି ?

ମୁଁ ସୁଖ ସ୍ୱପ୍ନରୁ ଜାଗି ଉଠିଲି ଯେମିତି । ଝିଅକୁ କୋଳରୁ ତଳକୁ ଓହ୍ଲେଇ ଯକେଇ କହିଲି,

—ହଁ ତିଆରୀଏ, ତମଠି ଗୋଟାଏ କଥା ଥିଲା, ରଖିବ ଯଦି କହିବି ।

ତିଆରୀ ମୁହଁରେ କୁଟିଳ ହସ ଖଣ୍ଡେ ଚହଟେଇ କହିଲେ,

—ଆରେ କହ ରଖିଲା କଥା ହୋଇଥିଲେ ଅଲବତ ରଖିବି ।

—ଟଙ୍କା ପାଞ୍ଚୁଟା ନିହାତି ଦରକାର ।

—ଦଶ ଟଙ୍କାର ବନ୍ଧକ ଦେଇ ପାରିବୁ ?

ବଲ୍ ବଲ୍ କରି ଅନେଇ ରହିଲି ତିଆରୀଙ୍କ ମୁହଁକୁ । ତିଆରୀ ତାଙ୍କ ବିଶାଳ ବପୁଟିକୁ ଦୋହୋଲେଇ ଦୋହଲେଇ ଆଗକୁ

ବଢିଲେ ତ୍ରମାଠାରୁ କିଛି ଉତ୍ତର ନପାଇ । ପଞ୍ଝୁଆ ଦୁଇଟି ଯୋର୍‌ରେ ହସି ଉଠିଲା,

—ମଣିଷର ଏକା ଆତ୍ମା, ନାଁରେ ? ରଥ ଛଆଡ଼ୀ ତ ମଣିଷ । ତୋ’ ଦୁଃଖରେ ସେ ତ କାହିଁ ଦୁଃଖୀ ହେଲେନାହିଁ ।

ମୋର ଉତ୍ତର ଦେବାର କିଛି ନଥିଲା । ମୁଁ ଅସହାୟଙ୍କ ଭଳି ପଞ୍ଝୁଆ ମୁହଁକୁ ଅନେଇ ରହିଲି । ସେ ହସୁଥିଲା । ଆଉ କହୁଥିଲା—ଏ ଆତ୍ମା ସେ ଆତ୍ମା ସମାନ ନୁହେଁରେ, ହୋଇ ପାରିବନି ।

# ଅନାବନା

ଶ୍ରାବଣର ଏକ ବର୍ଷଣ ସନ୍ଧ୍ୟା । ମୁଁ ବସିଥିଲି ଆମ ଘରବାଡ଼ୀ ମେଲାଣରେ । ଦାଣ୍ଡରେ ବହିଯାଉଥିଲା ପାଣି ସୁଅ । ଗଛ ପତ୍ରର ଟିପି ଟିପି ସ୍ୱନ, ମୋ କାନ ପାଖରେ ଗାଉଥିଲା ଏକ ଅବୁଝା ସଙ୍ଗୀତ । ମୁଁ ମୁଗ୍ଧ ହୋଇ ଯାଇଥିଲି ପ୍ରକୃତିର ଏଇ କ୍ଷଣିକର ଉନ୍ମେଷରେ । ହଁ ମୁଗ୍ଧ ହୋଇ ଯାଇଥିଲି ମୁଁ—ଭୁଲି ଯାଇଥିଲି ମୋର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ । ସ୍ଥିତି ଓ ଅବସ୍ଥିତି ।

ଝୁନା ଗୋଟାଏ ବେଙ୍ଗ ମୁଣ୍ଡରେ ସିନ୍ଦୂର ବୋଳି ଦାଣ୍ଡଟାରେ ନାଚୁଥିଲା । ଗୁଲୁରୁ ଗୁଲୁରୁ ଭାଷାରେ କହୁଥିଲା, 'ବେଙ୍ଗ ମୁଣ୍ଡେଲେ ଚୁନ୍ଦଲି, ଗାଲି ପକାଇନ୍ଦଲି ।' କାଲିର ଶିଶୁ ସେ, ଧନ ହେଇଟା ହେବ ଅସିଚି ଏ ଜଗତକୁ । ସରଳ, ତରଳ ଆଉ ଢଳ ଢଳ । ପାଣି ଫୋଟକା ପରି ସ୍ୱଚ୍ଛ ଆଉ ନିର୍ମଳ । ପ୍ରକୃତିର ଅକଳନ୍ତ ସଂପଦ ଭିତରୁ ସେ ହୁଏତ ଗୋଟିଏ ।

ସୁଜାତା ଘର ଭିତରୁ ଡାକିଲା —ଶୁଭୁଚି ! ଇଆଡେ ଟିକିଏ ଆସିଲ । ବର୍ଷଣ ପାଣିରେ ଘର ଭାସିଲାଣି । ତମେ ସେଇଠି ଚୁପ ହୋଇ ବସିଚ ।

ମୁଁ ଶୁଣିଲି, ପୁଣି ଶୁଣିଲି ନାହିଁ । ଶୁଣିବାରେ ଲାଭ ନଥିଲା କିଛି । କାରଣ ପ୍ରତିକାର କରିବାର ସାମର୍ଥ୍ୟ ମୋର ନ ଥିଲା । ମୁଁ ଅନେଇ ଥିଲି ବର୍ଷା ଟିକିଲି ଚାଲି ପଥକୁ । ଚାଲି ସ୍ରୋତର କାଠି କୁଟାକୁ । ବେହି ଅଟକି ରହୁନାହାନ୍ତି ଦଣ୍ଡେ ନିମିଷେକ ପାଇଁ ବି ।

ହେଲେ ବାହୁ ନାହିଁ । ତାକ ଉପରେ ତାକ—ମୁଁ ଆଉ ଏତେ ପାଣି ବୋହି ପାରିବ ନାହିଁ ଘର ଭିତରୁ । ଅଣ୍ଟା ପିଠି ସବୁ ଦରଜ ହୋଇଗଲାଣି, ଅସ ଟିକିଏ ଆ'ଜେ ।

ହସ ମାଡ଼ିଲାମ ଭାର ଅବୁଝିଙ୍କ ସୁଜାତା । ଯେତେ ବୁଝେଇଲେ କାହୁଁ ବୁଝିବ ନାହିଁ । ଦଦରା ହାଣ୍ଡିକୁ ତଳି ହାତଆ କର ଆଉ କେତେ ଦିନ ଚଳେଇ ହେବ । ନାଁ ତା'ର ଜିଦ୍, ସେ ସବୁ ପାରିବ କେବଳ ମୋର ସହଯୋଗ ପାଇଲେ । ସ୍ତ୍ରୀ ହିସାବରେ ମୋ ସହଯୋଗ ତାର ଦାବୀ କରିବାର ଅଛି । ତଥାପି ମୁଁ ପଛଘୁଞ୍ଚା ଦିଏ, କିନ୍ତୁ ଛାଡେନା ସିଏ । ଏଇ ଦୁଃଖ କ୍ଲେଶମୟ ଦୁନିଆରେ ନୀଡ ରଚନାର ବାସନା ତା'ର ପ୍ରବଳ । ତା'ର ଏଇ ଆଶାକୁ ଆହୁରି ପ୍ରବଳତର କରି ଦେଇଚି ଝୁନା, ସେ ଆମ ତେଲ ଲୁଣ ସଂସାରରେ ଆଜି ଏକ ନୂଆ ଅତିଥି !

ଝୁନା ବେଙ୍ଗଟାକୁ ଛାଡ଼ି ଦେଲାଣି କେତେବେଳୁ । ପିଣ୍ଡା ଉପରେ କାଗଜ ଡଙ୍ଗାଟିଏ ଲେଖା ଭସାଉଚି ମୁହଁ ମୁହଁରେ । ପ୍ରକୃତି ସାଙ୍ଗରେ ତା'ର ଖେଳ ଘର । ସାଙ୍ଗ ସାଥୀରେ ଲୋଡାନାହିଁ । ସ୍ନେହ ସୋହାଗ ସେ ଖୋଜୁନି କାହାର । ନିଜେ ହସୁଚି, ଜଗତକୁ ହସାଉଚି । ନିଜେ କାନ୍ଦିଲେ ଜଗତକୁ କନ୍ଦେଇ ପାରିବ କି ନାହିଁ ସେଇଆ ଭାବିବାର କଥା ।

ହିଁ ଭାବିବାର କଥା ସବୁ । ଗୁଡ଼ିଆ କେଉଁଠୁ ଆସିବ, ତେଲ, ଲୁଣ ଆସିବ କୁଆଡୁ ? ଜୀବ ବଂଶ ରହିବା କେମିତି । ଏଗୁଡ଼ିକ ସବୁ ଭାବିବାର କଥା । ଦିନ ରାତି ଭାବନାହିଁ ସାର ହେଉଚି । କାହିଁର ଗୋଟାଏ ସମାଧାନ ହୋଇ ପାରୁନାହିଁ । ପାରିବକି ନାହିଁ ତା' ମଧ୍ୟ ଭାବିବାର କଥା ।

ଏଥର ସୁଜାତା ନିଜେ ଉଠି ଅସିଲା । ସେ ମୋର ସ୍ତ୍ରୀ ସହଧର୍ମିଣୀ ସହକର୍ମିଣୀ ସବୁ । ପୁଣି କିଛି ନୁହେଁ । ମୁଁ ତାକୁ ଯାହା ଦଏ, ତା' ପ୍ରତିଦାନରେ ସେ ହୁଏତ ମତେ ଭଲପାଇଛି । ମୋର ହୋଇ ରହିଛି । ମୋ ପାଇଁ କରୁଛି । ମୁଁ ଯଦି ତାକୁ ତାର ପ୍ରାପ୍ୟ ନ' ଦେବି, ସେ ହୁଏତ ସବୁ ପଦରୁ ଇସ୍ତଫା ଦେଇ ମୋ ପାଖରୁ ଦୂରେଇ ରହିବ । ଢୁଅଁ ଯିବ ଆଉରି ଦୂରକୁ ।

ମୁଁ ଅନେଇଥିଲି ସୁଜାତା ମୁହଁକୁ । ସେ ଅନେଇଥିଲା ମୋ ମୁହଁକୁ । କାହାରି ତୁଣ୍ଡରେ ଭାଷା ନଥିଲା । କେବଳ ଆଖି ଚରିଟି କଥା ବାର୍ତ୍ତା ହେଉଥିଲେ କେଉଁ ଏକ ସାଙ୍କେତିକ ଭାଷାରେ । ସେଇଥିରୁ ହୁଏତ ସେ ବୁଝିପାରିଲା ମୋ ମନର ଦରଜ ତୁଣ୍ଡ ଖୋଲି କହିପାରିଲା ନାହିଁ ପଦଟିଏ ବି । ଢୁଅଁ ଅସିଲା ମୋର ଆଉରି ପାଖକୁ । ମୁଁ ବି ତାକୁ ଆଉଜେଇ ଆଣିଲି ଛାତି ଉପରକୁ । ଦାଣ୍ଡରେ ବିଜୁଳି ମାରୁଥିଲା । ପାଣି ଛାଟୁଥିଲା । ଢୁନା ନାଚୁଥିଲା ଥେଇ ଥେଇ ହୋଇ । କାଗଜ ଡଙ୍ଗାଟି ତା'ର ଏଥର ଭାସି ଯାଉଚି ଦୂରକୁ ଦୂରକୁ । ହୁଏତ ବହୁ ଚେଷ୍ଟା ପରେ ସଫଳତା ଅର୍ଜନ କରିଛି ସେ । ଖୁସି ହେଉଥିଲା ତା'ର ସାଫଲ୍ୟ ପାଇଁ ।

ସୁଜାତା କିନ୍ତୁ ମୋ ସାଫଲ୍ୟର ସମର୍ଥନ କରି ପାରୁ ନଥିଲା । ତା' ମନର ଗୁହିରି ମୁଁ ମେଣ୍ଟେଇ ପାରୁ ନଥିଲି । ସହଯୋଗ କରି ପାରୁ ନଥିଲି ତା' ତେଲ ଲୁଣ ସଂସାରକୁ ପୂର୍ଣ୍ଣ ପ୍ରାଣରେ । ସେଇଥିପାଇଁ ........

ହଁ ସେଇଥିପାଇଁ ସୁଜାତା ଢୁଅଁ ଯାଉଥିଲା ଦୂରକୁ । ଧୀରେ ଧୀରେ—ମୁହଁରେ ତା'ର ହସ ନଥିଲା । ମୁଁ ହସ ଫୁଟେଇବାକୁ ଚେଷ୍ଟାକରି ବିଫଳ ହେଇଥିଲି । ସେ ପୁଣି ଯାଇ ଲାଗିଗଲା ଅପଣା କାମରେ । ମୋ ସହଯୋଗ ଆଉ ଲୋଡ଼ାଉନି କେଜାଣି ତାହାଙ୍କୁ ।

ଦାୟା ହେଲା, ମାୟା ବ ଲାଗିଲା ପ୍ରାଣରେ । ସୁଜାତା ମୋ ସ୍ତ୍ରୀ । ଜୀବନ ମରଣର ସାଥୀ । ମୋର ତା'ଠାରେ ଯେତକ ଦାବୀ, ତା'ର ବ ମୋ ଠାରେ ଠିକ ସେତକ । ପଥର ହୋଇ ବସି ପାରିଲିନି ଆଜି । ପ୍ରକୃତର ମନ ଭୁଲା ଛବି ଆଜି ଭୁଲେଇ ପାରିଲାନି ମୋ ମନକୁ । ଡାକିଲି ସୁଜାତକୁ । ପାଖକୁ ଆସିବା ପାଇଁ ।

ମୁଁ ଡାକିଲି ଆଉରି ଥରେ, ଦି ଥର; ସେ ଆସିଲା । ମୁଖ ଭଙ୍ଗି ଠିକ ଆଗ ପରି ଅବଦଳ ରହିଛି । ସେଇ ଚିନ୍ତା ସେଇ ଦୁଃଖର ରେଖା କୁଞ୍ଚନ କପାଳରେ । ଦେହର ଲୁଗାଟା ଛିଣ୍ଡି ଯାଇଛି ଏଥର । ମୁଣ୍ଡ ବାଳ କେଶକ ଅସଂଯତ । ସେ ବ ଓଦା ଓଦା । ପାଣି ଥୋପୁଛି ସେଥିରୁ ।

ଆଜ ଏ କି ବେଶ ସୁଜାତା ? ପଚାରିଲି । ସେ କ'ଣ କହିବା କହିବା ହେଉଥିଲା ପୁଣି କହିଲା ନାହିଁ । କାହିଁକି କେଜାଣି । ବଦଳରେ ଦେଖିଲି ଆଖି କୋଣରେ ଲୁହ ଦି' ଟୋପା ।

ସହି ପାରିଲି ନାହିଁ । ଯେତେ ହେଲେ ବ ସେ ମୋର ସ୍ତ୍ରୀ । ରକ୍ତର ସମ୍ବନ୍ଧ ଜମିଗଲାଣି ତା' ମୋ ଭିତରେ । ପିନ୍ଧା କାନିରେ ତା'ର ଲୁହ ପୋଛି ଦେଲି । କିନ୍ତୁ ଏ କ'ଣ ! ଯାହା ଏତେ ବେଳ ଯାଏ ଜମି ରହିଥିଲା, ଟିକିଏ ପରଶ ପାଇ ଝରିଲା ଝର ଝର ହୋଇ । ଶ୍ରାବଣ ବର୍ଷଣର ପରି ତା' ଆଖିର ଲୁହ । ପିନ୍ଧା କାନି ମୋର ତିନ୍ତିଗଲା । ସୁଜାତା ସେତେବେଳକୁ ଗୋଟାପଣେ ମୋ କୋଳରେ ।

ସାନ୍ତ୍ୱନା ଦେଲି—ଚୁପ ହୁଅ ସୁଜାତା ! ଭାଙ୍ଗି ପଡ଼ିଲେ ଚଳିବ ? ଅମର ଥିଲା, ଆଜି ନାହିଁ; ସେଥିପାଇଁ ଚିନ୍ତା କାହିଁକି ?

କାଲିତ ପୁଣି ହେବ । ତୁମେ ସବୁବେଳେ ଏମିତି ବାଇଆ ପାଗଳ ପରି ହେଉଚ କାହିଁକି ? ମୁଁ ବୁଝୁଚି, ସବୁ ହୃଦୟଂଗମ କରୁଚି ସୁଜାତା । ତଥାପି ନାଚାର, କ'ଣ କରିବ ? ଦୁନିଆରେ ପ୍ରତାରଣା ଆଉ ପ୍ରବଂଚନାର ଯେଉଁ ତୋଫାନ ବହୁଚି, ତା'ଭିତରେ ପଶିବାକୁ ମୋ ଛାତିରେ ବଳ ନାହିଁ ।

ସୁଜାତା କିଛି ବୁଝୁନଥିଲା । ମୋ ଛାତିରେ ମୁହଁ ଲୁଚେଇ କଇଁ କଇଁ ହୋଇ କାନ୍ଦୁଥିଲା । ମେଘ ଘମି ଆସୁଥିଲା ଧୀରେ ଧୀରେ ଅନ୍ଧାର ମାଡ଼ି ଆସୁଥିଲା ଚାରିଆଡୁ ।

ଟୁନା ଆଡକୁ ଅନେଇ ଚମକି ପଡିଲି । ସେ ଗୋଟାଏ ସାପ-ଛୁଆ ସାଙ୍ଗରେ ଖେଳୁଚି । ସାପ ଛୁଆଟା ଫଣା ଟେକି ଜିଭ ଲହ ଲହ କରି ଚାହିଁଚି ଟୁନା ଆଡେ । ଟୁନା ହାତରେ ଯାକି ଧରି ତାକୁ ଅଇଁସି ଦେଉଚି । ଆଶ୍ଚର୍ଯ୍ୟ ! ଛାତିରୁ ମୋର ଅତସ୍ୱାଟାଏ ଖସି ପଡିଲା ସୁଜାତା ଧାଇଁ ଯାଉଥିଲା ବାଡି ଖଣ୍ଡେ ଧରି । ମୁଁ ତାକୁ ଭିଡି ଧରିଲି ।

—କ'ଣ କରିବାକୁ ଯାଉଚ ସୁଜାତା ? ଦୁହେଁ ଶିଶୁ । ଅନଭିଜ୍ଞ । କାହାରି ପ୍ରାଣରେ ରାଗ ନାହିଁ ହିଂସା ନାହିଁ, ତେଣୁ ଦୁହେଁ ଦୁହିଁଙ୍କ ପାଇଛନ୍ତି ବନ୍ଧୁ ରୂପରେ । ସେଠି କେହି କାହାରି ଅନିଷ୍ଟଚିନ୍ତା କରୁନାହାନ୍ତି, ତେଣୁ ଅମଂଗଳର ଇଙ୍ଗିତ ଆସିବ କୁଆଡୁ ?

ସୁଜାତା ମୋ ହାତରୁ ହାତଟିଂକି ନେଇଥିଲା,

—ସବୁଦିନ ଖାଲି ଅଲଗା କଥା, ଯେତେ ହେଲେ ହିଂସ୍ର ଜନ୍ତୁଟାଏ । ଟୁନାକୁ ଯଦି.........

ତା' ପାଟିରେ ହାତ ଦେଇ କୁହାଇ ଦେଲି ନାହିଁ ତେଣିକି । ସୁଜାତାକୁ ଟାଣି ଆଣିଲି ଉପରକୁ ।

—ଜୁଟିଲି ସୁଜାତା । ଦୁନିଆରେ ଲୋକଙ୍କ ଅଳ ଠିକ ଏମିତି

ପବନ୍ର ପ୍ରେମ । ଅଭିସନ୍ଧି ନ'ଥିବ, ଅଭିଳାସ ନଥିବ, ଅବଶ୍ବାସ ନ ଥିବ । ପର ଅପର ଭୁଲି, ସମସ୍ତେ ସମସ୍ତଙ୍କୁ ନିଜ ଭିତରେ ଦେଖିବେ । ତେବେ ଏକା ଆମର କାହିଁକି ? ସାରା ଜଗତର ଦୁଃଖ ଦୁର୍ଦ୍ଦଶା ମେଣ୍ଟିଯିବ ।

ସୁଜାତା ବୁଝୁନଥିଲା ଯେତେ ବୁଝେଇଲେ ବି । ପୁଣି ହାତକୁ ଛଡେଇ ଆଗେଇ ଯାଉଥିଲା ଆଗକୁ । ହଠାତ ଚମକି ଛିଡା ହୋଇଗଲା । ଭଙ୍ଗାକାନ୍ଥ ଉପରେ ସାପ ସାପୁଣୀ ଫଣା ଟେକି ଅନେଇ ଚନ୍ଦ୍ର ଟୁନା ଓ ସାପଚୁଆର ଆନନ୍ଦ ମଉଛବକୁ । ସେମାନଙ୍କ ମୁହଁରୁ ଯେମିତ ହସ ଝରି ପଡୁଚ

ଏଥର ସୁଜାତାର ପାଦ ପଡ଼ିଲା ନାହିଁ ଆଗକୁ । ସେ ଘୁରିଁ ଲେଉଟି ଆସିଲା ମୋ କୋଳକୁ । ହୁଏତ ହାରି ଯାଇଛି ସେ ତା' ଅନ୍ତରରୁ ମଣିଷ ପଣିଆ ଗଜେଇ ଉଠିଚି ଦଣ୍ଡକେ । ମୁଁ ହସିଲି

ସୁଜାତା ହସିବାକୁ ଚେଷ୍ଟା କରୁଥିଲା । କେଜାଣି କାହିଁକି ହସିଲ ନାହିଁ, କହିଲା ତମେ ମଣିଷ ନୁହଁ ଦେବତା ।

ଆଉର ଜୋରରେ ହସ ମାଡି ଆସୁଥିଲା । ହସି ପାରିଲି ନାହିଁ ଟୁନା ପଢ଼ି ଉଠି ଦଉଡି ଆସି ଆମ ଦୁହିଁଙ୍କ ଅନେଇ ହସିଦେଲା । ମୁଁ ଦାଣ୍ଡକୁ ଅନେଇ ଦେଖିଲି ସାପଚୁଆଟି ବି ଯାଇ ତା ବାପା, ମାଙ୍କ ମଝିରେ ଫଣା ଟେକି ହସୁଚ ।

ଏଇତ ସଂସାର । ମଣିଷ ପଶୁ ପକ୍ଷୀ ସମସ୍ତେ ସ୍ନେହ କାଙ୍ଗାଳ ଟିକିଏ ଆଦର, ସୋହାଗ ପାଇଲେ, ସମସ୍ତେ ସମସ୍ତଙ୍କର ହୁଏତ ଅନେକରେ ହୋଇଯିବେ ।

ସୁଜାତା ଟୁନାକୁ କାଖେଇ ଗେଲ କରୁଥିଲା । କହିଲି- ଯାଅ ସୁଜାତା ! ସେଘରଟା ଯେ ପାଣିରେ ବୁଡ଼ି ଗଲାଣି ।

ସୁଜାତା ଆଉ ଗଲୁନାହିଁ । ସିଏ ବି ଟିକିଏ ହସିଦେଲା ଏଥର । କହିଲା, —କଣ ମିଳିବ ସେଥିରୁ । ଅଜି ଦେହ କାଲି ମାଟିରେ ମିଶିବ । କାହିଁକି ଅଳି ଅଉ ସେ ସବୁ । ଅଜି ଅନେକ ଶିଖିଲଣି । ବୁଝିଲି ସୁଜାତା ଧୀରେ ଧୀରେ ବାଟକୁ ଆସିଲାଣି । ମାୟା, ମୋହ, ଲୋଭ ତୁଟୁ ଧୀରେ ଧୀରେ । ବଡ଼ତର ବଡ଼େଇ ନିଶା ଓହ୍ଲଉ ତା' ମୁଣ୍ଡରୁ ।

ଅନେଇଲି ଟୁନା ଆଡ଼କୁ । ମା'ର ଗୋଟିଏ ସ୍ତନ ପାଟିରେ ପୂରେଇ, ମୋ ଆଡ଼କୁ କଣେଇ ଚୁହିଁ ହସୁଚି ସେ ।

ଆମ ସଂସାରଟିରେ ସେଇ ଜଂଜାଳ, ସେଇ ପୁଣି ଆନନ୍ଦ ଝରକାରେ ପଦାକୁ ଅନେଇଲି । ମେଘ କେମିତି ହେଉଚି-ଅବସ୍ଥା ଗତିରେ-ସୁଜାତା ଟୁନାକୁ ମୋ କୋଳକୁ ବଢେଇ ଦେଇ ସେ ବି ଅନେଇଲା ମୋ ସାଙ୍ଗରେ ବାହାରକୁ

# ବେଶଂ ଶଠି

ଚଳଚଞ୍ଚଳ ପାଦ ଯୋଡ଼କ ତା'ର ଅମିଗଲା ସେଇଠି । ପଛକୁ ଅନେଇଲା । ମଝିଆଁ ପୁତୁରାଟା ରାଁ ଧରିଛି, ସାନ ଝିଅଟା ମେଙ୍କିଟା ନାକରୁ ସିଙ୍ଘାଣି କାଢ଼ି ପାଟିରେ ପୂରଉଛି । ବଡ଼ ପୁତୁରା ସାଧୁଆଟା ଅମ୍ବ ଗଛ ଡାଳରେ ବସି କଞ୍ଚା ଅମ୍ବଟାକୁ ଦ'କଲା କାମୁଡ଼ି ପକେଇ ମଝିଆଁ ପୁଅ ମଦନା ଉପରକୁ ଫିଙ୍ଗିବାକୁ ଉଙ୍କେଇଛି । ଉଷୁନା ଧାନ ହେଁସଟା ଉପରେ କୁଆପଲ ଲୀଳା ଲଗେଇଛନ୍ତି । ବଡ଼ ଯା' ପଖାଳ ବେଲାକ ଗେଙ୍ଗିବାରେ ରହିଛି । କାଳ କୁତୀଟା ନାଞ୍ଜ ହଲେଇ ତା'ର ଆଗରେ ଅଲୀଅ ପଡ଼ିଛି ।

ଉଲ୍ଲି ଦହରେ ବଷ ଚରିଗଲା ଯେମିତି । ସେ ଖାଲମାଠିଆଟା କାଖରୁ ଓହ୍ଲେଇ ସେଇ ଅପନ୍ତରା ବଣରେ ଥୋଇଦେଇ ଘଗ ଗର ଗର ହେଇଯାଇ ତିନି ପିଲାଙ୍କ ଉପରେ ତାନ ଛୁଞ୍ଚେଇଲା । ମଦନା ଗାଲକୁ ଦୁଇଁ ଅଣି ପିଠିରେ ଦୁଲ୍ ଦୁଲ୍କ ଦ'ଟା ଥୋଇ ଦେଇ, ବାଲିଆ ପାଟି ମେଲେଇ କହି ଚାଲିଲା,

—ତମ ଅଖି ସବୁ ଫୁଟି ଯାଇଛି, ନାଁ ଭୂମା ନୋଷଡ଼ି ଯାଇଛି ? କୋଉ କାଳେ ଅଉ ଧୂଏଟର ନାଗିବ । ଖାଲି ସବୁ-ବେଳେ କେଁ ଭେଁ ମାର ପିଠି ଦୁମ୍ ଦୁମ୍ । ଇଏ କଣ ଲୋ ମା । ଅଖି ଆଗରେ ଉଷୁନା ଧାନ ହେଁସୁଟାରେ କୁଆ ପଲକ ମଉଚ୍ଛବ କରୁଛନ୍ତି, କା'ର ଅଖିକି ଦିଶୁଚି ନାଁ କରୁଚି । ପାହାନ୍ତା ପହରୁ ଖଟି ଖଟି ସତ ଅଧ ହେଲେ ବ ଏ ଘରର ପାଇଁଟି ସରବ ନାହିଁ ।

ଯୋଉ କାମ ନ କଲେତ ସେ କାମ ନୋହିଲା । ଆଉ କେଇଟା କୁଣ୍ଠା ଖଣ୍ଡକ ଦ'ଖଣ୍ଡ କରିବା ପାଇଁ ନାହାନ୍ତି । ଖାଲି ଫାଲୁଆ ଗୁଣ୍ଡାବଳ ଚେପି ଗଲେତ ହେବ ନାହିଁ ?

ସୁଧୁଆ ମା'ର ଷିଆ ସରିଥିଲା । ସେ ପଖାଳ କଂସାଟାକୁ ନାଲୁଆ ମୁହଁକୁ ଠେଲି ଦେଲା । ମାଛି ପଲଙ୍କ ଭନ୍ଭନ୍ କିନା ହେଇ ଉଠି ପୁଣି ଥମିଗଲେ, ସେ ବସିବା ଥାନରୁ ଉଠିପଡି ଘଡ ଘର ଗର ହେଇ ପଦାକୁ ବାହାରି ଆସି ଆରମ୍ଭ କରିଦେଲା

—ହିଁ ଲୋ ତୁଅର ଫେରେ ଇମିତ ଶାଗୁଆ ମୁହଁ କେତେବେଳେ ହେଲାମ ! ଆଗେତ କାନ କାଟିଲେ ବଚନ ବାହାରୁ ନ ଥିଲା । ଏବେ କୋଉ ସତୁରୁଣୀଙ୍କ ବୁଦ୍ଧିରେ ପଡ଼ିରୁ କହିଲୁ ଭଲା । କଥା ନଅସରେ ଏଡ଼େ ଏଡେ ଭାକା କା'କୁ କହି ଯାଉଚୁ ଲୋ ! ତୁ କଣ ପୁଅ ଝିଅ କମେଇଥିଲେ ଇମିତ କହନ୍ତୁ । ଏ ଘରେ କେଇ ପୋଇଲି ନାହାନ୍ତି ଯେ ତୁଅପର ସକାଳୁ ସଞ୍ଜଯାଏ ଅଣ୍ଟାପିଠି ଲଗେଇ ଖଟିବେ । ଘଇତା ଯାଇତ କେଉଁ ମୁଲକରେ ରହିଲାଣି, ବରଷେ ହବ ଚିଠି ନାଇଁକି ପତର ନାଇଁ । ତୁ ଖଟିବୁ ନାଇଁତ ନିର୍ଭି ହେବୁ କେମିତ ?

ଭଲି ପାଟିରୁ ଆଉ କଥା ବାହାରିଲା ନାହିଁ । ସେ ବଲ ବଲ କରି ସୁଧୁଆ ମା' ମୁହଁକୁ ପହଡେ ଚାହିଁ ସୁର ନରମେଇ କହିଲା,
—ମୁଁ କ'ଣ ତମକୁ କହୁଥେଲି ନାନୀ, ତେମେ ଇମିତ ଗରଗର ହେଇ କ'ଣ ଗୁଡାଏ ବକି ଯାଉଚ ? ଇଏ ଘର ଦୁଆରେ ମୁଅର କ'ଣ ଦାବୀ ନାଇଁ ?

—ଥାଉ ଲୋ ଥାଉ, ଗୁଣର ଘଇତା ତୋ'ର ରୋଜଗାର କରି ଯଉଁ ନ'ଶ ପାଁଶ ଜମେଇ ଦେଇଚି ନା, ସେଇଥିରୁ ଦାବୀ

ବଞ୍ଚି ଯାଉଛ । ଅଲୋ ତୁଅର କା ଘର ଭୁଆଉ ଲୋ ! ଖଟିରୁ ଫେଷ୍ଟ ଖାଉଛୁ । ତେଉଁ ଭେ ଫେରେ ଭେମାଷ୍ଟକୋଷ୍ଟ ?

ଝୁଲି ଆଖିରୁ ଲୁହ ଜକେଇ ଆସିଲା । ପାଦ ଯୋଡାକ ତାର ଫେରେ ଲେଉଟି ଗଲା । ମନଟା ଆଉଟି ପାଉଟି ହେଲା । ସେ ଭାବି ନ ଥିଲା ଜୀବନରେ ଏମିତିକା ଘୁଉବାଡ଼ କଥା ଶୁଣିବ ବୋଲି । ଚଳଚଞ୍ଚଳ ପାଦ ଯୋଡ଼ିକ ତାର ଥମିଗଲା ।

ସେ ଯେତେବେଳେ ଏଇ ଘରକୁ ବୋହୂ ହୋଇ ଆସିଥିଲା; ସେତେବେଳେ ଏ ଘରେ ଗୁଳ ଛପର ଛଡା ଆଉ କିଛି ନ ଥିଲା ଧନେ ଚୁଲିକୁ ନୁଣ୍ଡାଗଲେ ଦି' ଦିନ ଚୁଲି ଅଜଳା ରହୁଥିଲା । ଇଏ ଦି' ଭାଇ ଦିହ ମିହନ୍ତ କରି ଯା' ଯୋଉଠୁ ଲୁଣ୍ଡେଇ ସାଉଁଟି ଆଣୁଥିଲେ, ସେଇଥିରେ ଯଥାକଥା ଚଳି ଯାଉଥିଲା ।

ଛୁଆ ପିଲା ହେଲେ । ସଂସାର ବଢ଼ିଲା । ହେଲେ ଦାନା କନାର ନଅଣ୍ଟ ଅଣ୍ଟ ମେଣ୍ଟିଲା ନାହିଁ । ଦି' ଭାଇ ଯାକ ଧନେ ବସି ଦୁଃଖ ସୁଖ ହେଲେ । ଏମିତି ନଅଙ୍କିଆ ହୋଇ ଆଉ କେତେଦିନ ଚଳିବେ ?

ଶେଷରେ ଠିକଣା ହେଲା ଗୋଟିଏ ଭାଇ କଲିକତା ଯାଉ । ଗାଁର କେତେ ଅରକ୍ଷିତ ଯାଇ ମଣିଷ ହୋଇ ଗଲେଣି, ଏଠି ଦି' ଭାଇଯାକ ଗୋଡ ହାତ ବାନ୍ଧି ପଡ଼ି ରହିଲେ କି ଲାଭ ମିଳିବ ?

ବଡ ଭାଇ ବାହାରୁଥିଲା କଲିକତା ଯିବାପାଇଁ । ହେଲେ ଝୁଲୀ ମନକୁ କାହିଁକି କଥାଟା ଗଲାନାହିଁ । ସେ ଏକାନ୍ତରେ ବପୁନିଅକୁ ଡାକି କହିଲା ।

—କଥାଟା ନାଙ୍କର ହେବ । ଟାଂ ଭାଇଏ କଣ କହୁଛ ! ତେମେ ଯାଅ । ବଡେ ଘରେ ଥାଆନ୍ତୁ ।

ଶେଷରେ ସେଇଆ ହେଲା । ବସୁନିଆ ଲୁହ ଛଳ ଛଳ ଆଖିରେ ସେଦିନ ଚୁଡ଼ା ସେରେ, ଚାଉଳ ଗଣ୍ଠିଏ ବାନ୍ଧି, ଟଙ୍କା ପାଞ୍ଚୋଟି କମରରେ ଖୋସି ଝଟେଝଟିଆ ବେକରୁ ଗଙ୍ଗା କାଳୀଙ୍କ ନାଁ ସୁମରଣା କରି ଘରୁ ଗୋଡ କାଢିଲା । ଜଲୀ ସେଦିନ ଭୋ'କିନା କାନ୍ଦି ଉଠିଥିଲା । ବସୁନିଆ ବୁଲି ଅନେଇ ଥିଲା ପଛକୁ, କାଳେ ସ୍ୱାମୀଙ୍କର ଅମଙ୍ଗଳ ହେବ, ଏଇଆ ଭାବି ଜଲୀ ବହୁ କଷ୍ଟରେ କାନ୍ଦ ଅଟମେଇ ଥିଲା ।

ବସୁନିଆ କଲିକତାରେ କେତେ ଦୁଃଖ ଗଞ୍ଜଣା ଭୋଗି ରୋଗ ଶୋକରେ ଦହଜ ହେଇ, ତଥାପି ଗୋଡ ଫେରେଇ ନ ଥିଲା ଘରକୁ । ଭଗବାନ ତା' ଗୁହାରି ଶୁଣିଲେ । କୋଉ କଲଘରେ କାମ ଖଣ୍ଡିଏ ମିଳିଲା । ଯେଉଁଦିନ ପହିଲି କରି ଦଶଟି ଟଙ୍କା ସଙ୍ଗରେ ଭୁଷା ଖଣ୍ଡେ ପାଇଲେ ଘରେ, ସେଦିନ କି ଆନନ୍ଦ ଉଛବ ଯେ ଲାଗି ଯାଇଥିଲା ଆଜି ସେକଥା ମନେ ପଡ଼ିଲେ ଜଲୀ ପ୍ରାଣଟା ଝଲପି ଉଠୁଛି ।

ତା'ପରେ ଆସିଲା ଥୋଡାକୁ ଥୋଡା ଟଙ୍କା ପଇସା । ହାଡ ଭଙ୍ଗା ମିହନ୍ତ କରି, ଦିନ ରାତି ଚବିଶ ଘଣ୍ଟା ଗତର ଖଟେଇ, ପେଟ ପିଠିରୁ ମାରି ବସୁନିଆ ମାସକୁ ମାସ ଟଙ୍କା ପଠେଇଲା ଘରକୁ । ଘରେ ଲକ୍ଷ୍ମୀ ଠାବ କଲେ । ଫଟା କାନ୍ଥ ଜୀବନ ପାଇଲା, ଭଙ୍ଗା ଛପର ବଦଳି ଗଲା । ବରଷ ପାଞ୍ଚୋଟାରେ ତାଙ୍କ ପରିବାରଟି ଉଠେ ବସିଲା । ଜମି କଣା ହେଲା, ହଳ ନଙ୍ଗଳ ଚାଲିଲା । ବସୁନିଆକୁ ସମସ୍ତେ ଧନ୍ୟ ଧନ୍ୟ କହିଲେ ।

ହେଲେ ଏଣେ ଯିନା ଧନ ସମ୍ପଦ ବଢିଲା, ତେଣେ ବସୁନିଆ ଦିନକୁ ଦିନ ଗଳି ଯିବାକୁ ଲାଗିଲା । ସେ ଯେତେବେଳେ ଘରକୁ ଆସେ ଜଲୀ ରାତି ରାତି ବସୁନିଆ ତତଲା ଛାତି ଉପରେ

ଲୁହ ନିଗାଡ଼ି କାନ୍ଦେ । ସେଦିନର ତା ହାଲୁକା ଛାତି, ବଳାଲା ବାହୁ କଥା ଭାବି ବିଷ୍ଣୁନିଅର ଓରଳା ଛାତି, ଗଳାଲା ବାହୁକୁ ଯେତେବେଳେ ଅଣ୍ଟାଳି ପକାଏ, ତା' ଛାତିରୁ ପୋଟେ ଲହୁ ଶୁଖି ଯାଏ । ମୁହଁରେ ନିରାଶାର ଛାଇ ଫୁଟି ଉଠେ । ହେଲେ ବିଷ୍ଣୁନିଆ ହସରେ ଉଡେଇ ଦିଏ ସବୁ । ଆଦର କରି ଉଲୀକୁ ଛାତି ଉପରକୁ ଟାଣିଅଣି, ଗେହ୍ଲେଇ ହେଇ କହେ,

— ମଣିଷର ବଳ ବଅସ ସବୁ ଦିନ ରହେ ନାହିଁମ ! ଏଇତ ସେଦିନର କଅଁଳ ଛନ ଛନ ମୁହଁଟିରେ ତୋ'ର ଆଜି କଳାଶିରା ଉଙ୍କୁଟି ଦିଶିଲାଣି । ଏଇ ମାଟି ପିଣ୍ଡ ତ ଦିନେ ମାଟିରେ ମିଶିବ, ଏତେ ଭାବିଲେଣି କାହିଁକି ।

ହେଲେ, ଉଲୀ ସେ ସବୁ ବୁଝେ ନାହିଁ । ଆଖିରୁ ତା'ର ଲୁହଧାର ଶୁଖେ ନାହିଁ । କାର୍ତ୍ତିକ ଭଳିଆ ପବନର ଦାଉ ସହି ନ ପାରି ଦୀପ୍‌ଟିକନା ଲିଭିଯାଏ ।

ସକାଳୁ ଘରେ କେତେ ପିଠାପଣା ହୁଏ । ଖୁବ୍ ଆଦର କରନ୍ତି, ଗେହ୍ଲା କରନ୍ତି । ବିଷ୍ଣୁନିଆ ଛାତିଟା ଆନନ୍ଦରେ ଫୁଲିଉଠେ । ବରଷେ ଛ'ମାସ ପରେ ଯୋଉ କେତୋଟି ଦିନ ସେ ଘରକୁ ଆସେ, ଲିଡିନାମାରେ ଏତେଟିକିଏ ଅଯତ୍ନ ହୁଏ ନାହିଁ ।

ଦିନକିଆ କୁଣିଆ ପରି ବିଷ୍ଣୁନିଆ ଆସେ, ଯାଏ । ଘରେ ଗହଳ ବଢି ଥମିଯାଏ । ଉଲୀ ଲୁହ ନିଗାଡ଼ି ମଉନ ରହେ । ଏମିତି ମାସ, ବର୍ଷ ଗଡ଼ିଗଲେ । ଉଲୀର ଆଖି ଲୁହ ଶୁଖେନା । ମନ କାମନା ମେଣ୍ଟେନା । ସେ ଖାଲି ଢଳପରି ସକାଳୁ ସଞ୍ଜଯାଏ ଘରର ପାଇଟି କରିଗଲେ ।.........

ଡଲୀ ବାଇଗଣ କିଆରୀ ପାଖରୁ ପୁଣି ମାଠିଆଟି ଉଠେଇଲା । ମନଟା ତା'ର ଅଜ ଭାଙ୍ଗି ଯାଇଛି । ଯୋଉ ଘର ପାଇଁ ତା'ର ଏତେ ସ୍ନେହ ସରାଗ ସେଇ ଘରୁ ଅଜେ ସବୁ ତୁଟି ଯାଇଛି । ଇଏ ବା କିମିତିକା ଲୋକ । ଅସି ରଜ କହେଇଲା ରଜାକହେଇ ବରପେ ହେବ ଗଲେଣି, ଖଣ୍ଡିଏ ଚିଠି ନା ପତ୍ର । ଠଙ୍କା ପଇସାର ନାଁ ଗନ୍ଧ ନାଇଁ । ଖବର ଅନ୍ତର ବା କୋଉଠୁ ଟିକେ ମିଳୁ ନାହିଁ । ଖାଲି ପଧାନ ବୁଢା ସେଦନ କହୁଥିଲେ ତାଙ୍କର କେଉଁଠିକି ବଦଳି ହେଇ ଯାଇଛି । ତା' ପରେ······

ପୋଖରୀ ତୁଠରେ ଡଲୀର ଗୋଡଟା ନଥକିନା ଖସିଗଲା । ଭୁସ୍‌କିନା କଚୁଡ଼ି ହେଇ ପଡ଼ିଲା ସେ । ମାଠିଆଟା ଭାଙ୍ଗି ଚୁନା ଚୁନା ହେଇଗଲା । ଖୁଆଣ୍ଟା ଅାମ୍ବ ଗଛ ଉପରେ ବସି ହେଁ ହେଁ ହେଇ ହସି ଉଠିଲା । ଡଲୀ ଦରଉଦା ହେଇ ଡରବରକି ଉଠି ସଜାଡ଼ି ହେଲା ବେଳକୁ ଦେଖିଲା ତା' ହାତର ପ୍ଲାଷ୍ଟିକ କାଚ ଦି' ପଟଯାକ ଭାଙ୍ଗି ଯାଇଛି । ଗୋଡରୁ ତା'ର ଅଁତରା ଖସି ପଡ଼ିଲା । ଖୁଆ ହସି ହସି ଗଡ଼ିଗଲା ଆମ୍ବଡାଳ ଉପରେ । ଏଡ଼େ ପାଟିକରି ହୁରି ପକେଇଲା,

—ବୋଉ, ଦେଖିବୁ ଆ'ଲୋ ଖୁଣ୍ଡି କେମିତି ଖଣ୍ଡ ହେଇଛି ।

ଡଲୀକି ଚଉଦିଗ ଅନ୍ଧାର ଦିଶିଲା । କ'ଣ କରିବ ନ କରିବ ଠିକଣା କରିବା ଆଗରୁ ବଡ ମା' ଭମା ଭୂମା ଆଖି କାଢ଼ି ଆସି ହାଜର ହେଇଗଲେ । ଗର୍ଜନରେ ପୋଖରୀ କୂଳ କମ୍ପି ଉଠିଲା,

—ଆଲୋ ! ଏତେ ଅଲ୍‌ଣା କେବେ ହେଲୁ ମ । ମୋ ଗୁରୁମାସର କଳା ମଚ ମଚ ମାଠିଆଟିକୁ ଭାଙ୍ଗି କୁଟା କୁଟା କରିଦେଲୁ ! ଦି'ବେଳା ତ ଦି' ବେଳା ଗେଫୁରୁ, ବଳ ବଅସ କୁଆଡେ ଯାଉଛି କହିଲୋ ।

ଭଲ୍ଲୀ ପାଟିକୁ କଥା ପଇଠୁ ନ ଥିଲା । ସେ ଡବଡବ କରି ଚିହ୍ନା ଦରବା ଖଣ୍ଡିକ ଚାହିଁ, କନା ଧଡ଼ିରେ ଦି ହାତ ବାନ୍ଧୁଥିଲା, ତେଣୁ ବଡେଇ ପାଟି କରି ଉଠିଲେ

—ସାଧୁ ବୋଉ ! ଶୁଣିଲଣିନା । ବଶୁନିଆ ଆମର ଏତେ ଦାନକେ ଚିଠି ଖଣ୍ଡେ ପଠେଇଛି । ଗୁଣର ଭାଇ ମୋର କିନା ! ତାକୁ ଦି'ଅଣା ପଇସା ଯୋଟିଲା ନାହିଁ ଯେ, ଫେରେ ବେରଂ ଚିଠି ଦେଇଛି । କୋଉଠୁ ଯୁଟିବ ମ ! 'ଦାନଗ୍ରଢ଼ତ ବେଶ୍ୟା ଘରେ ପଶି ରହୁଛେ, ଦାନା କନାତ ଯୁଟିବ ନାହିଁ ।

ଭଲ୍ଲୀ ଆଉ ଶୁଣି ପାରିଲା ନାହିଁ । କାନ ତାର ବଧୀରା ହେଇ ଯାଉଥିଲା । ସାଧୁଆ ମା' ହାଣ୍ଡିଆ ପାଟି କରି କହିଲା,

—ଫେରେଇ ଦିଅ ସେ ଚିଠି । ଆମ ପଇସାତ ରହୁନାହିଁ ।

ଡାକ ପିଅନ ଚାଲି ଯାଉଥିଲା । ଭଲ୍ଲୀ ଶିପୁବାଡ଼ ଭିତରେ ଗଳି ଦାଣ୍ଡ ଦୁଆରେ ପିଅନକୁ ଅଟକାଇଲା ।

—କେଇଅଣା ପଇସା ଲାଗିବ ପିଅନବାବୁ ?

—ଚାରିଅଣା

ଭଲ୍ଲୀ ଯାଇ କେତେକାଳର ସାଇତା ପଇସା ଚାରିଅଣା ଆଣି ପିଅନ ହାତକୁ ବଢାଇ ଦେଲା । ପିଅନକୁ କହିଲା,

— ଚିଠିଟି ଟିକିଏ ପଢ଼ିଦବ ନାହିଁ ?

ପିଅନ ଚିଠିଟିକୁ ଚାରି ମନେ ମନେ ପଢ଼ିଲା, ଶେଷକୁ ଚିଠିଟିକୁ ଭଲ୍ଲୀ ହାତକୁ ବଢାଇ ଦେଇ ବାହୁଡ଼ି ଯାଉଥିଲା । ଭଲ୍ଲୀ ଆନନ୍ଦ ଓ ବିସ୍ମୟରେ ଚାହିଁଥିଲା ତା'ରି ମୁହଁକୁ ପରା । ବଲା

—'କ'ଣ ଲେଖିଚନ୍ତି ? ଦାଣ୍ଡ ପା' ସବୁ କୁଶଳତ ? ରଜ ଛୁଟିରେ ଆସିବେ ନା ନାହିଁ ?

ପିଅନର ଆଖି ଛଳ ଛଳ ହୋଇଆସିଲା । ସେ ଚାଲିଯିବା ଆଗରୁ କହିଦେଇ ଗଲା,

—ବସ୍ତୁନିଅ ଅଠମାସେ ହେବ ରୋଗରେ ଛଟି ଛଟି ଗୃହବଧନ ହେବ ମରି ଯାଇଛି ।

ଉଲ୍ଲୀର ମୁଣ୍ଡ ବୁଲେଇ ଦେଲା । ସେ କଚାଡ଼ି ହୋଇ ପଡ଼ିଲା ସେଇ ଶିମ୍ବ ବାଡ ଉପରେ ।

## ନିଆଁ-ପାଣି

ଶିତିର ଛଲ ଛଲ ସଜ ସକାଳ । କୁହୁଡ଼ି ଘୋଡେଇ ରଖିଚ ଆକାଶକୁ ଧୂଆଁଳିଆ ଅନ୍ଧାର । ଦେହରେ ଶୀତ ପାଇଁ ପାଇଁ ଗଳିଯାଉଚ । ନରପଧାନର ସେ ଅଡକୁ ନଘା ନାହିଁ । ସାତସିଆଁ ଦରବା ଖଣ୍ଡିକ ଏପଟକୁ ଟାଣି ଦେଲ୍ ବେଳକୁ, ସେପାଖ ଫୁଙ୍ଗୁଳା ହେଇଯାଉଚ। ସେପାଖ ଟାଣି ଦେଲା ବେଳକୁ ଏପାଖ ଲଙ୍ଗଳା ହେଇ ଯାଉଚ ।

ସେ ଧାଇଁଚ ଏକ ମୁହାଁ ହେଇ । ହାତରେ ଦାଆ ଖଣ୍ଡେ । କାନ୍ଧରେ ଭାର ବାଉଠାଏ । ବିଲ୍‌ରେ ଲକ୍ଷ୍ମୀଠାକୁରାଣୀ ଡାକୁଚନ୍ତି । ତା’ ପରାଣ ହସୁଚ । ଅଷାଢ଼ର ଲହୁ ପାଣିକର ଖାଟେଣିର ଫଳ ସେ ପାଇବ ଅଜ । କେତେ ଝଡ଼ ବତାସ ବହି ଯାଇଚ ତା’ର ମୁଣ୍ଡ ଉପରେ । କେଉଁଠାକୁ ସେ ପରୁଆ କରନାହିଁ । ଦୁଃଖରେ ଯାହାର ଜୀବନ ଗଢା, ତା’ର ପୁଣି ଦୁଃଖ କ’ଣ ?

ଅଜ ସେ ଯାଉଚି ଧାନ୍ଲି କଟା କାଟିବା ପାଇଁ । ଦ’ପାଖରେ ହଳଦୀ ଗୁରୁ ଗୁରୁ ଧାନ କିଆରି ଦେଖି ତା’ ପରାଣ ହସି ଉଠୁଚ । ଦୁଃଖ, ଶୋଷ ଭୁଲି ଯାଉଚ ନର ପଧାନ । ରାତସାରା ତା ଆଖିକି ନିଦ ହେଇନାହିଁ । କେତେ ସପନ ସେ ଦେଖିଚ । ସବୁ ଆଶା ଅଜ ପୂରିବ । ଗାମ ଭିଜରୁଁ ଦେବ କୋଡ଼ ଧାନ ଦେଢ଼ିରେ ଅଣିଚ । ସୁଧ ଗୌଣୀକେ ପାଏ ପାଏ ହେଲେ ସାତ ସାତ ଗୌଣୀ ଦ’ପା । ଗାଏ ମୋଟ କୋଡ଼ିଏ ସତର ଗୌଣୀ ଦ’ପା ।

ନଣି ବୋଉଠୁଁ ହାତ ଉଧାର କରିଛି ଅଢ଼େଇ ଗୌଣୀ । ସବୁ ମିଶି ଏବର୍ଷ ଦି' କୋରି ଧାନ ଧାରି କରିଛି । ଅଢ଼େଇ ମାଣିଆ ବଡ଼ା ଦି' ଖଣ୍ଡରେ ଅଢ଼ଲ ନମ୍ବର ଧାନ ହୋଇଛି । ସେତକରେ ସବୁ ଶୁଝି ଯିବ । ନଣି ମୁଢ଼ି ଗଣ୍ଡାକ ପାଇଁ କାଲି ଢକଟେ ନିକୁଟି ହେଉଥିଲା । କଅଁନ ବୋଉ ଗୁଡ଼ଅଣୀ କୁଞ୍ଚିଏ ମୁଢ଼ି କାଳରେ ଦେଇଗଲା ନାହିଁ । ଧାନ କାଟିଆଣି ଖଳାରେ ପଧେଇ ଦେଲେ ସେଇ ଫେରେ ଅପେ ଅପେ ଅଣି ଓସରେ ସେରେ ଗୁଞ୍ଜି ଦେଇଯିବ । ମନରେ ତା'ର ଭାବନା, କଳ୍ପନା, କାମନାର ଜୁଆର ।

ନଣି ବୋଉ ଦେଇଥିବା ପୋଡ଼ପିଠା ଖଣ୍ଡକ ଶେଷହୋଇ ଗଲା । କାଳି କୁତାଟା ଗୋଡ଼େ ଗୋଡ଼େ ଗୋଡ଼ଉ ଅସିଛି । ପଧାନ ତାକୁ ପିଠାରୁ ବଳଟେ ବଳଟେ ଦେଇ ଟାଣି ଅଣିଛି ଗୋହିରୀ ବାଲଯାଏ । ଜାଣି ପଶୁପର ସେ ବ ଲେଉଟିଗଲା । ପଧାନ ପଛକୁ ଅନେଇଲା । କୁତାଟା ଲାଙ୍ଗୁଳ ହଲେଇ ହଲେଇ ବାହୁଡ଼ି ଯାଉଛି । ହସିଲା ପଧାନ । ସ୍ୱାର୍ଥୀ ଏ ଦୁନିଆ । ସ୍ୱାର୍ଥୀ ଏ ଜଗତ ଯାକର ପ୍ରାଣୀକୁଳ ।

ମୁଣ୍ଡର ପାଗଟାକୁ ଭଲକରି ଭିଡ଼ିଦେଲା ପଧାନ । ଖଣ୍ଡିଆ ପିକା ଖଣ୍ଡିକ ଗଳିପଡ଼ିଲା କାନରୁ । ଗୋଟେଇ ଅଣିଲା ହାତରେ । ଶୀତ ସକାଳଟାରେ ଧୂଆଁ କଲେ ଟାଣିଦେଲେ ଦେହଟା ନିଆଁ ହୋଇ ଯାଏ । ପାଣ୍ଠି ଅଉଲ ପାଉଲ ହେଲା । ପଛକୁ ଅନେଇଲା ଟିକିଏ । କିଏ ଜଣେ ଅସୁଛି ପରା । ହିଁ ହିଁ ନିଧି ସାମଲ ବୁଢ଼ା । ତା'ର ପାଖରେ ଝିକମକ ଥିବ । ପଧାନ ଠିଆହେଲା ସେଇଠି । ପିକାଟାରୁ କାତରା ଫିଟେଇ ଅଉଥରେ ଗୁଡ଼େଇ ଦେଲା । ନିଧି ସାମଲ କାକି ଯାଉଥିଲା ଅର ଓଟାର ବାଟେ । ନରପଧାନ ଡାକିଲା,

—ଏ ନିଧିଆ ଭାଇ ! ଏଇ ବାଟେ ଅ । ମୁଁ ତତେ ଅନେଇ ଠିଆ ହୋଇଛି ।

ନିଧି ସାମଲ୍ ପିକାଟାରେ ଚେପ ଲଗେଇ ଲୁଚେଇ ନେଲା । ସେ ଖଣ୍ଡିଆ ଖଣ୍ଡକୁ କାନରେ ଖୋସିଦେଇ ମୁହିଁଲା ନବ ପଧାନ ଆଡେ ।

ପଧାନ ଝିକମକି ମାରି ପିକା ସୁଲୁକେଇଲା । ଧ'କାଳ ଟାଣି ସାରି କହିଲା,

—ଏଇବାଟେ ଅସୁନୁ ନିଧିଆ ଭାଇ ! ଆମ କିଅସି ମୁଣ୍ଡକୁ ବାଙ୍କି ଗଲେ ଚଳିବ ।

ଦହେଁ କାଢ଼ର ଡାଲା-ଘାସ ମାଡ଼ି ଆଗକୁ ଚାଲିଲେ ।

ନିଧି ସାମଲ୍ କହିଲା,

—ପ୍ରଭୁଙ୍କ ଦୟାରୁ ଏ ସାଲେ ଫାଳକଟା ଭଲ ହୋଇଛୁ ।

—କି ପାଳକ ସେ ନିଧିଆ ଭାଇ ! ବେଳ କାଳ ଏମିତି ପଡ଼ିଛି ଯେ, ଯେତେ ଲୁଣ୍ଡେଇ ସାଉଁଟି ଆଣିଲେ ବି ସେଇ ନିଅଣ୍ଟ । ପିଲା କୁଟୁମ୍ବ ନେଇ ଯେ କେମିତି ଘର ଚଳେଇବ, ଭାବଲା ବେଳକୁ ଆଖିବାଟେ ନିଆଁ ପଳଉଚି । ଜମିଦାର ଘର ଖଜଣା ତିନି ବରଷ ହେଲା ଦିଆ ହୋଇନାହିଁ । ମେଘ ବାଆ ହେଲେ ଘରେ ପାଣି ପଶୁଚି । ନଖିର ଲୁଗା ନାହିଁ । ତା' ମା' ବି ସାତସିଆଁ କରିଅ ପିନ୍ଧୁଚି । ଭଲ କଣ୍ଟ୍ରୋଲେଲ ହେଇଚି ଯେ, ଦାଉଡ଼ି ଦାଉଡ଼ି ଗୋଡ଼ରୁ ପରତେସ୍ତ ଚମ ଉପୁଡ଼ି ଗଲାଣି । ତେବେ ବି ଲୁଗାଖଣ୍ଡେ ମିଳୁନାହିଁ । ଖାଲି କଲବଲ ହେଇ ମରିବା କଥା ।

ନିଧି ସାମଲ ଗୋଟାଏ ଗହିରିଆ ନିଶ୍ୱାସ ଟାଣି କହିଲା,

—କିଏ ଅଉ ଅରାମରେ ଅଛୁଯେ ତୁ ଖାଲି ଦହିଯାଏ ସହୁଚୁ । ଘର ମାମଲାରୁ ବାହାର ମାମଲା ବଳେଇ ପଡୁଚି । କେତେ ନୂଆ କଥା, କେତେ ନୂଆ ରଙ୍ଗ ଢ଼ଙ୍ଗ । ସେଇ ସେଇ ଦେଖି

ଦେଖି ଆଖି ମୋର ବସି ଗଲାଣି । କାନ ବଧିର ହୋଇଯିବ ଆଉ କେଇଦିନେ । ଦିଏରେ ଭାଇ ବେଳକାଳତ ଅମର ସରି ଆସିଲାଣି । ମୁଣ୍ଡ ହୁଗୁଳା ତାଳ ପରି ହଲୁଚି । ଟିକିଏ ସୁଲୁକା ପବନ ହେଲେ ଛିଣ୍ଡି ପଡିବ । କ'ଣ ମିଳିବ ଏତେ ନଚେଇ ଭିତେଇରୁ । ଏତେ ଦିନ ମୁଣ୍ଡ ଝାଳ ତୁଣ୍ଡରେ ମାରି ପେଟକୁ ଦାନା ଗଣ୍ଡିକ କନା ଜୁଟେଇ ଥିଲେ । ନ' ହେଲା ଏବେ ପଡନ୍ତ କାଳକୁ ସେତକ ନ' ମିଳିବା ଦିଏ ନ' ମିଳିବ ନାହିଁ । ଲାଜ ହେବ ପୁଅ ଭାଇଙ୍କି ।

ନିଧି ସାମଲ ବାଟ ଆଡେଇ ଚାଲିଗଲା । ଆଗରେ ନରପଧାନ କିଆରି । ଧାନ ଶୋଇଛି ପାଣିଆରେ କୁଣ୍ଢେଇ ହେଲାପରି । ଟିକିଏ ଅଡୁଆ ତଡୁଆ ନାହିଁ । ପଧାନ ହିଡ ମୁଣ୍ଡରେ ଠିଆ ହୋଇ ପହଡ଼େ ଚାହିଁଲା ।

ଖରା ଚାରିମାସେ ତା' ପୋରହା ହାଡ଼କୁ ଟିକିଏ ବି ଆରାମ ଦେଇନାହିଁ । ପଙ୍କ, ଖତ, ସାର ଯାହା ଯୋଉଁଠୁ ପାଇଛି, ସବୁ, ଆଣି ଜମା କରିଛି କିଆରିରେ । ସେ ଜାଣେ ମାଟି ସାଙ୍ଗରେ ଜୁଝିଲେ ମାଟି ସୁନା ଫଳ ଦିଏ । ହାଡ଼ଭଙ୍ଗା ମିହନ୍ତ ଯିଏ କରିବ, ସିଏ ମାଟି ବୁଣି ସୁନା ଗୋଟେଇବ ।

ଏ ଯାକେ ବି ଫରଚା ହେଉନାହିଁ । କୁହୁଡ଼ିଟା ଖାଲି ପାତଳ ହୋଇ ଯାଉଛି ଟିକିଏ । ପଧାନ ଚାରି ଆଡ଼କୁ ଅନେଇଲା । ପେଟ ପୂରିଗଲା ଖୁସିରେ । ମୁଣ୍ଡର ପାଗ ଖୋଲି କମରରେ ଭିଡ଼ିଲା । ଚୂନପତର ବଳକଟେ କାନରୁ ଫିଟେଇ କଳରେ ଗୁଞ୍ଜିଲା । ତା' ପରେ ପରମେଶ୍ୱରଙ୍କ ନାମ ସୁମରଣା କରି, ଯୋଡ଼ ହାତରେ ଓଳଗି ହୋଇ ଧାନ କିଆରିରୁ କାଟିଲା, ବୁଦାଏ ଦି'ବୁଦା, ତିନି ବୁଦା ।

କିଏ ଗୋଟାଏ ଖଣ୍ଡେ ବାଟରୁ ଡାକ ପକେଇଲା,

—ଖବର ଦାର ନବପଧାନ, ତୁ ସେ କିଆରୀରୁ ଧାନ କାଟି ପାରିବୁ ନାହିଁ । ନବପଧାନ ଥକ୍କାମାରି ଅନେଇଲା ଦୂରକୁ । କିଏ ଜଣେ ଦ'ଜଣ ହାତରେ ଚିତାଏ ଚିତାଏ ଭଉଁରି ଠେଙ୍ଗା ଲେଖା ଧରି ସେଇ ଆଡ଼କୁ ମାଡ଼ି ଆସୁଚନ୍ତି ।

ନବପଧାନ ହାତରୁ ଦାଆ ଖସି ପଡ଼ିଲା । ଧାନ କେଇବୁଦା ବଂଚି ହେଇଗଲା । କିଏ ସେ ଏମାନେ । ଆଗରେ ଗୋଟାଏ ନାଗରା ବାଲା । ପଧାନ ଅନେଇଥିଲା ଜଲ ଜଲ କରି । ସିଏ କ'ଣ ଆସି ଆଜି କା' କିଆରୀରୁ ଧାନ କାଟୁଚି । ଅନେଇଲା ଭଲ କରି । ନାଁ ଏ ତା'ରି ଜମି ଏଇ ଗତସନର ହାତ ହୁରାଟା ସେମିତି ଜଲ ଜଲ କରି ଅନେଇଚି । କାଇଁଚ ବୁଦାଟା ସେଇଠି ଅଛି । ଅଷାଢ ମାସରେ ଯାର ଉପରେ ବସି ନଖି କାଇଁଚ ଭେନ୍ଦୁଥିଲା । ତେବେ ତା'ରି କିଆରୀରୁ ତାକୁ ଧାନ କାଟିବାକୁ ବାରଣ କରୁଚି କିଏ ।

ନାଗରାଟା ଢବ ଢବ ହେଇ ବାଜି ଉଠିଲା । ନାଗରା ବାଲା କହିଲା,

—ଏ ଜମିର ଖଜଣା ତିନି ବରଷ ହେଲା ବାକି ଅଛି । ଜମିଦାରଙ୍କର ହୁକୁମ ହୋଇଚି ଏ ସାଲେ ଏଠୁ ଧାନ କାଟି ପାରିବୁ ନାହିଁ ।

ନବପଧାନ ଭକୁଆଙ୍କ ପରି ଅନେଇଲା । କ'ଣ କହୁଚନ୍ତି ଏମାନେ ! ଇଏ ତା'ର ସାତ ପୁରୁଷର ଜମି । ସେଇ ଲହୁ ଲହୁ ନିଗାଡ଼ି ଏଥିରେ ଫସଲ କରିଚି । ଅଷାଢର ସାତ ଗାଳ ବରଷା ତା'ର ମୁଣ୍ଡ ଉପରେ ଢାଳି ଯାଇଚି ବିଜୁଳି ଘଡ଼ ଘଡ଼କୁ ସେ ଖାତର କରିନାହିଁ । ଆଉ ଆଜି ଏମାନେ ଆସି କହୁଚନ୍ତି ଜମି ବେଦଖଲ, ଧାନ ତୁ କାଟି ପାରିବୁ ନାହିଁ ।

ନ ହେଲା ଏବେ ଜମିଦାର ଖଜଣା ଦିଆ ଯାଇ ପାରିନାହିଁ କାଇ ମଁନ୍ତରଗ ମେଣ୍ଟିଗଲେ ଜମିଦାର ଖଜଣା ଷୁଝିଦିଆ ଯିବ । ତା' ହୋଇ ମୋତେ ମୋ ଜମିରୁ ବେଦଖଲ କରିବେ । ନରପଧାନ ଅନ୍ତର ତାତି ଉଠିଲା । ନିଶ୍ୱାସ ଖର ହୋଇ ବାହାରିଲା । ସେ କିଛି ଶୁଣିବ ନାହିଁ, କିଛି ମାନିବ ନାହିଁ । ଜମି ତା'ର ମାଲିକ ସିଏ । ସେ ଲହୁ ଦିଏ । ସୁନା ପାଏ । ନା—ନା—ଧାନ ସେ କାଟିବ । କାହାର ମନା ମାନିବ ନାହିଁ । କାହାକଥା ଶୁଣିବ ନାହିଁ ।

ପଧାନ ପାଗଲ ପରି ହୋଇଗଲା । ଦାଆଟାକୁ ତଳୁ ଗୋଟେଇ ଆଣି ଶକ୍ତ ମୁଠାରେ ମୁଠେଇ ଧରିଲା । କାଟିଲା ବୁନ୍ଦାକ ପରେ ବୁଦାଏ, ମୁଣ୍ଡି ବୁଦାଏ ।

ଜମିଦାର ଘର ଲୋକେ ପାଟି କରି ଉଠିଲେ,

—ପଧାନ ମନା ମାନୁନାହୁଁ । ପୁଣି ଅନିଷ୍ଟ ହେବ ଭଲରେ ଭଲରେ କହୁଛି ମନା ମାନିଯା । ଖାଲି ଜମିଦାର ଘର କଥା ନୁହେଁ, ସରକାର ଘରୁ ହୁକୁମ ପାଇଚୁ । ଏଇ ଦେଖ ହୁକୁମ ନାମା

ପଧାନ ଶୁଣିଲା ନାହିଁ । ବେଳ ବଢୁଛି । ଖରା ଅସୁଛି । ଧାନରୁ କାକର ଛାଡ଼ି ଗଲେ ଶିଂସା ଭାଙ୍ଗି ଯିବ । ଏଗୁଡ଼ିକ ସାଙ୍ଗରେ ବୃଥା ତକରାର କରି ଲାଭ ନାହିଁ ।

ଜମିଦାର ଘର ଲୋକ ଗୋଟାଏ ଅଗେଇ ଆସିଲା । ନର ପଧାନକୁ ଟାଣି ଆଣିଲା କିଆରୀରୁ । ହାତରୁ ତା'ର ଦାଆଟା ଛଡେଇବାକୁ ଯାଉଥିଲା । ପଧାନ ଦେହରେ ଲହୁ ଗବ ଗବ ହୋଇ ଫୁଟୁଥିଲା । ସେ ଭୁଲି ଯାଇଥିଲା ନିଜକୁ । ଜମିଦାର, ସରକାରକୁ । ତା' କିଆରୀ ବେଦଖଲ କରିବାକୁ ଫେର ଏ ଗୁଡ଼ାକ ସମର୍ଥ !

ସେଇ ଶାଣିଆ ଦା' ଟାକୁ ଲଗେଇ ଦେଲା ଜମିଦାର ଘର ଲୋକ ହାତରେ । ଲହୁ ପିଚିକି ପଡ଼ିଲା । ଆଉ ଜଣକର ଠେଙ୍ଗା,

ପାହାର **ଅସି** ବସିଲା ନର ପଧାନ କାନ ମୂଳରେ । ସେ ଢୁଲି ଢୁଲି ଗଡ଼ୁଡ଼ି ହୋଇ ପଡ଼ିଲା ତା'ର ଧାନ କିଆରିରେ । ଚେତା ବୁଡ଼ିଗଲା

× × × ×

ଯେତେବେଳେ ଚେତା ହେଲା ଦେଖିଲା, ସେ ବସିଛି ଘର ପିଣ୍ଡା ଉପରେ ନଈଁ କାନ୍ଦୁଛି, ନଖି ବୋଉ କୁନ୍ଦୁଛି ! ଘରର ଜିନିଷ ପତ୍ର ସବୁ ବୋହି ନେଇ ଯାଉଚନ୍ତି ଜମିଦାର ଘରର ଲୋକେ । କୋରଖ ଉଠେଇ ସବୁ ନେଇ ଯାଉଚନ୍ତି । ନରପଧାନ ଅନେଇଛି । ଖାଲି ଅନେଇଛି । କହିବାକୁ ତୁଣ୍ଡରେ ଭାଷାନାହିଁ ଦେହରେ ବଳ ନାହିଁ । ଅଖି ଅଗରେ ନଖି **ଅଉ** ତା' ବୋଉ । ସେମାନଙ୍କ ଅଖିରେ ପାଣି ଅଉ ନରପଧାନ ଅଖିରେ ନିଆଁ ।

# ସୁନାଚଢ଼ା

ନିଦାରୁଣ ଦଇବର ନିଦ ଭାଙ୍ଗୁନାହିଁ । ସୁମୀ ଲୁହ ଲାଳ ଏକାକାର ହୋଇ ନିତି ସଞ୍ଜ ସକାଳେ ଗୁହାରି ଜଣାଉଛି ! ହେ ମା ମଙ୍ଗଳା ! ମୋ ସ୍ୱାମୀଙ୍କୁ ସଦ୍‌ବୁଦ୍ଧି ଦିଅ । ସେ ଅବାଟରୁ ଗୋଡ଼ ଲେଉଟାଇ ଆଣନ୍ତୁ ।

ହେଲେ ପଥର ଦେବତା ପଥର ପାଲଟି ଯାଇଛନ୍ତି । ସୁମୀର ଆରାଧନା ଯେମିତି ତାଙ୍କ ଆସ୍ଥାନ ଟଳେଇ ପାରୁନାହିଁ । ସୁମୀ ପାଠ-ଶାରଆ ଠାରୁ ଆରମ୍ଭ କରି କେତେ ଲୁଅଁ ଯାଚି ସାରିଲାଣି ଦେବତାକୁ । ତଥାପି ଦେବତା ଅଚଳ, ଅଟଳ ।

ସୁମୀ ସେଦିନ ଶାଗତୋଳା ଯାଇ ପଞ୍ଚୁଆ ମା' ଠଉଁ ଶୁଣିଲା—ପଞ୍ଚୁଆ ବାପ କହ୍ନୁଚନ୍ଦ୍ର—ରସିକଟା ଏକାବାରେ ବିଗିଡ଼ି ଗଲା । ଆଗେ ହେଲେ ଥିଲା ଗୋଟାଏ ରକମ । ଆଜି କାଲି ଏକାବାରେ ସରିଗଲାଣି କା' କଥାରେ ଅଛି ନା ବୋଲନ୍ତିର ଅଛି । ବେସରମା ଟୋକା । ମୁହଁରୁ ପାଣି ଛାଡ଼ି ଗଲାଣି । ଦିନେ ପରା ସ୍ୱାଙ୍କ ମୁହଁରେ ରୋକ୍ ଠୋକ୍ ଜବାବ ଦେଇଦେଲା—ମୋ ସଉକରେ ତେମେ ବାଧା ଉପୁଜେଇଲା ବାଲା କିଏ ହୋ ! ପାଞ୍ଚ ପଇସା ଦେଉଚ, ନାଁ ନେଉଚ । ମୁଁ ମୋର ଯଦି ଶୋଭନା ବାଈଙ୍କୁ ନେଇ ଦାଣ୍ଡରେ ନାଚେ, ତମର କି ଗଲାହେ !

ପଞ୍ଚୁ ବାପା ତଥାପି କେତେ କରି ତାକୁ ବୁଝାଇଲେ, ଦେଖ୍ ବାପା ! ଇଏ କଲିକତା ନୁହେଁ କଳିଜା କଟା ଥାନ । ଆମେ

ଶତେହ୍ୱତକୋଶ ପୃଥିବୀରୁ ଅସିଥାଇଁ, ଆମର ଟିଲା କହେଲୋ ଅଛନ୍ତି, [illegible] ସଂସାର ଝୁଣ୍ଟି । ଅମର ହାତ ଠେକାକୁ ସେମାନେ ଅନାଇ [illegible] ରହନ୍ତି । ଏଣୁ ଗତଲ ସେତେବେ ଫୁଟିବ । ତା'ଛଡ଼ା ଓଡ଼ାର ଲକ୍ଷ୍ମୀ ପ[illegible] ସ୍ତ୍ରୀଟିଏ ଅଛି, ତେଣୁ ଏସବୁ ଶୋଭା ପାଏନା । ସାନ କୁହା ମା[illegible] ଘରକୁ ଲେଉଟି ଗଲେ ।

ମିଏ କ'ଣ ହେଲାତେମନ୍ତ ହେଲା କିଲୋ ସୁମୀ ! ଏକାଛିଡ଼ ମାରେ କି ମରେ ! କାଲି ପଞ୍ଚୁଆ ବାପ କହୁଲା ବେଳେ ମୋ ଆଖିରୁ ପାଣି ଲୁହ ଗଡ଼ିଆସିଲା । ତୁଅ କପାଳ ମନ୍ଦ ଲୋ ଭଉଣୀ, ନୋଇତଳ ଟେସିକା ପରି ପୁଅ, ସିଏ କାହାକୁ ଟିକେ ମୁହଁ ଟେକି ଅନାଏଁ ନାହିଁ ସିଏ ଓଫରେ ଅଜା ଦାମ୍ ଘଟେଇ ପଶିଲା !

ସୁମୀ କାଠ ମିରୁଲାଟି ପରି ଠିଆ ହୋଇ ପଞ୍ଚୁଆ ମା'ର ସବୁ କଥା ଶୁଣିଗଲା । କାଲି ପଞ୍ଚୁ ବାପା କଲିକତାରୁ ଆସିଛନ୍ତି । ବହୁଙ୍କ ପାଇଁ ତ' ଗେଣ୍ଠେ କେତେ ଦରବ ପଠେଇଛି । ବାସନା ତେଲ, ଅଇନା, ପାନିଆ, ଅଲତା, ସିନ୍ଦୂର, ଆହୁରି କେତେ କଥା । ମାଲତୀ ଗେରସ୍ତ ସମିତ ଲୁଗା, ବ୍ଲାଉଜ୍ ଇମିତି କମିତି କେତେ ଦରବ ପଠେଇଛନ୍ତି । ଚିଠି ଦେଇଛି କେତକୀ ଗେରସ୍ତ । ପଢ଼ି ଶୁଣାଉ ଥିଲା କାଲି । କେତେ ଆଦର ଗୌରବ କରି ଲେଖିଛି । କେତକୀ ଲୋ ! ଏ ଦୋଳ ପର୍ବକୁ ଯାଇ ପାରିଲି ନାହିଁ, ଭାରି ମନ ଥିଲା ଥରେ ଯାଇ ତୋ ମୁହଁରୁ ହସ ଦେଖି ଆସିବା ପାଇଁ, ହେଲା ନାହିଁ । ଗୋଲାମୀର କାଳ ହେଲା । ଦୁଃଖ କରିବୁ ନାହିଁ ମନରେ, ରାଣୀଟା ପରା ! ଏଇ ଆଗଲା ମାସକୁ ନିଶ୍ଚେ ଯିବି ।

ସୁମୀର ଛାତି ଫାଟିଗଲା ଯେମିତି । ସେ ଭୋ ଭୋ ହୋଇ କାନ୍ଦି ପକାଇଲା । ପଞ୍ଚୁଆ ବୋଉ ଭାରି ଅକଳରେ ପଡ଼ିଗଲା । ବଲି ମଡ଼ିଠା, କେତେ ମରଦ ପୁଅ ଯା' ଆସ କରୁଛନ୍ତି ।

ଭୂଆଷୁଣୀଟା ଏମିତି କାନ୍ଦିବାର ଦେଖିଲେ କ'ଣ କହିବେ ।

ସୁମୀର ଆଜ ପଞ୍ଚୁ ଭୋଇର ଉପଦେଶ ଶୁଣିବା ପାଇଁ ଧ୍ୟାନରେ ଭଲ ନଥିଲା । ଗୋରା ମୁହଁଟି ତା'ର ନାଲି ପଡ଼ି ଯାଇଥିଲା । ଶାଗ ତୋଳିବା ପାଇଁ ତା' ହାତ ଚଳିଲା ନାହିଁ । ପରାଣଟା ଭିତରେ ଗୋଟାଏ ବେସୁରା ସୁର ଉଠି ତା' କାମ ଦାମ ସବୁ ବେଖାପିଆ କରିଦେଲା । ସେ ଛୁଟି ପଳେଇଲା ଘରକୁ । ତା'ର ସେଇ ନୂଆଣିଆ ଭଙ୍ଗା ଦାନ୍ଦରା ଘର ଖଣ୍ଡିକ ଭିତରକୁ ।

ପରେ ସେ ଦ୍ୱାର ତଳେ ବସି କେତେ ସ୍ୱପ୍ନ ଦେଖିଥିଲା । ସବୁ ଆଶାର, ସୁଖର, ଆଜି ସ୍ୱପ୍ନତ ନୁହେଁ; ଦୃଶ୍ୟ ଦେଖୁଚି ମରଣ ବଞ୍ଚିବାର । ଠାକୁର କଣ ଏତେ ନିଠୁର । ଏତେ ଲୋକଙ୍କର ଏତେ କଥା ଶୁଣୁଚନ୍ତି, ତା'ର ବେଳକୁ କାନ ବୁଜି ଦେଉଚନ୍ତି କାହିଁ ?

ମୁଣ୍ଡାଟାକୁ ତଳେ ପିଟି ଗୁହାରି ଜଣାଇଲା । ମା ମଂଗଳା ମୋ ଘର ଉଜୁଡ଼ିଗଲା । ମୋ ଭେଳା ବୁଡ଼ିଯିବ ଅକାତ କାତ ପାଣି ଭିତରେ । ଲଙ୍ଗୀ ଡାକିଦେବ ଅଖି ଫିଟୁଥାକେ, ତୁ ରଖ ମା', ମୁଁ ତୋତେ ସୁନାଟିଆ ଚଢେଇବି ମୋର ତାଙ୍କୁ ଘରକୁ ଫେରେଇ ଆଣେ ଆମର ଲୋଡ଼ା ନାହିଁ ଯେ ସୁନା ସମ୍ପଦ । ତୁ ତାଙ୍କୁ ଖାଲି ମୋତେ ଫେରେଇ ଦିଏ ମା' ! ତତେ ସୁନାଟିଆ ପିନ୍ଧେଇବି ।

ସୁମୀ ନମ୍ର ହୋଇ ଠାକୁରଙ୍କ ଗୋଡ ତଳେ ପଡି ରହିଲା, ସେ ଯେମିତି ପଣ କରିଚି । ଦେବ ଉପାସରେ ଏଇଠି ପଡ଼ି ମରିବ ପଛକେ, ବର ନ ନେଇ ବାହୁଡ଼ିବ ନାହିଁ ।

ବେଳ ଗଡ଼ିଲା, ସଞ୍ଜ ହେଲା, ରାତି ହେଲା । ତେବେ ବି ସୁମୀ ଠାକୁରଙ୍କୁ ସୁମରଣା କରି ପଡ଼ି ରହିଲା । ସେ ଜାଣେ କାଠ ପଥରର

ଦେବତାଙ୍କ ଅନ୍ତଃ ତରଳାଇବାକୁ ହେଲେ କଠୋର ସାଧନାର ଦରକାର ପଡ଼େ ।

ଠାକୁର ଘରେ ଅତା ତା' ଡାକ ଶୁଣିଲେ । ପଞ୍ଚୁଆ ବାପା ଆସି କହିଲା—ଉଠୁମା ! ଯା, ଖିଆପିଆ କର । ଶାଶୁ ବୁଢ଼ୀଟା କଥାକଟା କରୁଚି । ତେବେ ବୁଝିଲୁ ନାହିଁ, ଏମିତି ଅଭିଗୁଣୀ ହେଲେ ଚଳିବ ! ମୁଁ ବୁଝିବି । ମୁଁ ରସିକାକୁ ଅବାଟରୁ ଫେରାଇବାକୁ ଚେଷ୍ଟା କରିବି । ନୋହିଲେ ଗୋଟାଏ କଥା କରିବ, ମୋର ଏଇ ଶନିବାରେ ଛୁଟି ପୂରି ଯାଉଚି, ମୋ ସଙ୍ଗରେ ତେବେ କଲିକତା ଚାଲିଯିବ, ଦେଖିବା ରସିକା କେମିତି ନ ଫେରେ ।

ସୁମୀ ଶୁଣିଲା ନାହିଁ, ତା'ମନ ଭିତରେ ଯେଉଁ ଭଉଁରୀ ଦେଖାଦେଇଚି, ସେ ଏତେ ସହଜ ଥମିବାର ନୁହେଁ । ଠାକୁର ତା'ର ସାହାଭରସା । ଏ ବେଳରେ ଆଉ କେହି ତାକୁ କୂଳ କିନାରା ବତେଇ ପାରିବେ ନାହିଁ । ହେ ଠାକୁରେ ! ସୁନାଚିତା ଦେବି —କଦଳୀ ନଡ଼ିଆ ଭୋଗ କରିବି, ମୋ ଦରବ ମୋତେ ଫେରେଇ ଦିଅ ।

ପଞ୍ଚୁ ବାପା ସେମିତି ସେଇଟି ଚିଆ ହୋଇଥାଏ, କେଞ୍ଚକୁ ଚାଉ ମାଡ଼ିଲା ଭଳି । ମାଇକିନିଆଟା । ଏତେ ଦହପ ତା'ର ! ଗାଁ ଗୋଟାକର ମଣିଷ ଆସି ଥାଅ ପଡ଼ର ଭାଙ୍ଗିଲେଣି କା' ଦୁଆରେ, ତେବେବି ମାଇକିନିଆର ସେଇ ଏକା ଜିଦ୍ । କିମିତି ତା ଠାକୁରେ ରସିକାକୁ ଫେରେଇ ଆଣିବେ ଦେଖିବ ଯିବ । ପଞ୍ଚୁଆ ବାପ ନାଲି ଗାମୁଛା ଖଣ୍ଡିକ କସିକି ବାନ୍ଧିଲା କମରରେ ।

ସୁମୀର ଶାଶୁ ବୁଢ଼ୀ ଅଲଣି ବାଉଳୀ ହେଉଥାଏ । ଆଜି କାଲିକା ପିଲାଙ୍କୁ ଆଉ ବଳ ନାହିଁ ।

ପଞ୍ଚାନନ ଚୁଟିକୁ ଡାକି କହିଲା—ହଁ ତ ଭଲ କଥ କହୁଛି ମାଉସୀ ! ଏମିତିତ ଜଗତ ନଚଳେ । କଲିକତା ସହରରେ ଚାହୁ ଟଗାଡ଼ ଖିଆଇବା ନିମନ୍ତେ କେତେ କାମ ! ତ କାହିଁ ଅକଲ ହରେଇ ଯାଇ ଭଳି କରି ବସିକଛି, ମୁଁ ତ କହୁଛି ଟୋକୀକୁ ତମର ମୁହଁଅ ସଙ୍ଗରେ ପଠେଇ ଦିଅ । ଦେଖିବ ପଇସା ପେଟରେ କିମିତି ... ଲେଉଟେ ।

ବୁଢ଼ୀ ପଞ୍ଚାନନ୍ତ ମଉନ ରହି କହିଲେ—ଯାହା କହୁଛୁ ହଳିଆ ଇଥାଠୋ ମୋଟେ ମନକୁ ପାଉ ନାହିଁ । କୁଳବୋହୂ ମୋର ! ଫିରଙ୍ଗି ଦେଶକୁ ଯାଇ ଜାତି ମହତ ହରେଇବ, ସିଏ ସବୁ ହଟିବ ନାହିଁ ।

ହଳିଆ ଏଥର ଚୁପ୍ ରହି ପାରିଲା ନାହିଁ—କହିଲା—ମାଉସୀ ! ମୁଁ ତମ ଭଲ ପାଇଁ କହୁଚି । ପୁଅଟା ବାହେକୁ ଅଟିଲେ କେତେ ବୋହୂ ମିଳିବେ । ପୁଅଟା ଯଦି ବଟେଇ ଯାଏ·········

ଏତିକି ବେଳେ ଦୁଆର ମୁହଁରେ କ'ଣ ଗୋଟାଏ ଝଣ୍ କାନା ପଡ଼ିବାର ଶବ୍ଦ ହେଲା । ବୁଢ଼ୀଙ୍କ ଆଖି ପଡ଼ିଲା ଯାଇଁ ସେଇଠି । ହଳିଆ ଦେଖି ଶିଉରେଇ ଉଠିଲା । ତାରି ଗୋଟାଏ ଧାରୁଆ ଛୁରି ଧରି ପୋଷ ପୁଅ ତାର ଅଡ଼କୁ ମାଡ଼ି ଆସୁଚି—ମୁଁ ସବୁ ଶୁଣିଚି ହଳିଆ ! ତୋ ଲାଉଁଶିଆ ଏଥର ହଟିବ ନାହିଁ । ତଇମାନ ନିମକହାରାମ ! ଶେଷରେ ମୋର ଦାଉ ସାଧିବାକୁ ଥିଲା ! ଦୋଟ ଟୋକୀ ପଇସା କି ଉଡ଼ାଇ ତୁ କାହିଁ ପଇବୁ ?

ଯେଉଁଦିନ ମୋ ପୁଅ ନାଁରେ ବାର ଦୁର୍ଘଟଣା ଘଟେଇ ମୋତେ ଶୋଭନା ବାଇର ଘରକୁ ନେଇ ଯାଇଥାଲୁ, ସେକଥା ଆଜି ମୁଁ ଭୁଲିନାହିଁ, ମୁଁ ଜାଣି ନ ଥିଲି ସେଦିନ ତୋ ଫନ୍ଦି ଫିକର. ଆଜି

ବୁଝିଲି । ତୁ ଚକ୍ରାନ୍ତ କରି ମୋ ସଂସାରଟିକୁ ବୁଡ଼ାଇ ଦେବାକୁ ବସିଛୁ, ଆଉ ମଧ୍ୟ ଶୁଣି ଆସିଲି ଜଙ୍ଗରୁଲା ଠାରୁ ଦୁଇଶହ ଟଙ୍କା ଘେନି ଅଛିତୁ ତାକୁ ମାଇକିନିଆଟିଏ ଦେବାପାଇଁ । ଷଡଯନ୍ତ୍ର କରୁଥିଲୁ ମୋର ନାଁରେ କୁସ୍ତାଟଟେଇ ମୋର ସୁମୀକୁ ନେଇ ତାକୁ ଦେଇ ଥାଅନ୍ତୁ, ନାଁରେ ?

ରସିକା ମୁହଁ ନାଲି ଗରଗର ଦିଶୁଥିଲା । ସେ ଆଗେଇ ଆସୁଥିଲା ପାଦେ ପାଦେ, ହଲିଆ ପଛେଇ ଯାଉଥିଲା ପାଦେ ପାଦେ । ସେ ଥରୁଥିଲା ଗୋଟିପଣେ ।

ତେଣୁ ଶୁଣା ଯାଉଥିଲା—ମା ମଙ୍ଗଳା ! ତାଙ୍କୁ ମୋର ଭଲା ବାଟକୁ ଫେରେଇ ଆଣେ ! ସୁନାଚିତା ଚଢ଼େଇବି । ଛେନା ନଡିଆ ଭୋଗ କରିବି ।

ରସିକା କାନରେ କଥା ଓଳିପଡ଼ି ବାଜିଗଲା, ସେ ବୁଲି ଅନେଇଲା, ସୁମୀ ତା'ର, ମଂଗଳାଙ୍କ ପାଖରେ ଅଳିଅ ପଡ଼ି ତା'ର ଶୁଭକାମନା କରୁଛି । ହାତ ତାର କୋହଳ ହୋଇଗଲା, ମନ ତାର ତରଳି ଗଲା । ଛୁଟିଗଲା ସୁମୀ ପାଖକୁ । ମୁଁ ଆସିଚି ସୁମୀ ! ଠାକୁରେ ମୋ' ଗୁହାରି ଶୁଣିଚନ୍ତି ।

ସୁମୀ ଓଦା ଜଳ ଜଳ ଆଖିରେ ଅନେଇଲା ରସିକା ମୁହଁକୁ, ପୁଣି ଥରେ ଅନେଇଲା ଠାକୁରଙ୍କ ଆଡକୁ । ଦୁହେଁ ଯେମିତି ହସୁଚନ୍ତି । ତା' ମୁହଁରୁ ବି ଝରି ପଡିଲା ହସ ପାଖୁଡ଼ାଏ ।

# ଯୋନ୍ତ୍ର'ଏ କୁସୁମ କଳି

ଥୁରୁ ଥୁରୁଆ ଜାଡ଼ ସକାଳ । ରାଜଶ୍ରୀ ସାହିର ସାନ ସାନ ପିଲାଏ କୁଟା କାଠି ଗୋଟେଇ ଧୁନୀ ଲଗେଇଛନ୍ତି । ଗୁରୁ ପାଖରେ ଘେରି ବସି ନିଆଁ ଧାରରେ ତେଜାକରି ନେଉଛନ୍ତି ଶୀତ ଥର ଥର ଦେହଟାକୁ । କାହା ଦେହରେ ଛିଣ୍ଡା ଚଦରଟା ଅଛି । କେହି ବା ଫୁଙ୍ଗୁଳା ବସି ହାତ ଯୋଡ଼ ଗୁଡ଼େଇଟିକୁ ଦେଖଉଛି ଚୋଡ଼ିନିଆଁ ଧାସକୁ ।

ସୂର୍ଯ୍ୟ ଉଠିନାହାନ୍ତି । ପୂର୍ବ ଆକାଶ ଫରଚୁ ହେଉନାହିଁ । ଘନ କୁହୁଡ଼ି ଢାଙ୍କି ରଖିଚି ଗଛ ଲତାକୁ । ଯେଣିକି ଚୁହିଁବ ସେତେଣି ଧୂଆଁଳିଆ ଅଂଧାର । ସପନା ସାଙ୍ଗମେଳରେ ବସି ନିଆଁ ପୁଉଁଥିଲା ଧୂନି ପାଖରେ । ବୟସ ତା'ର ଆଠ କି ନଅ । ପିଲାଳିଆ ପ୍ରକୃତି । କଅଁଳ ଛନ ଛନ ମନ । ଦୁନିଆର ଗମ୍ଭୀର ଭିତରକୁ ସେ ପ୍ରବେଶ କରି ପାରିନାହିଁ ଏ ଯାଏଁ ।

ବାପ ତା'ର ନିତ ସଳ ସଳ ହୋଇ ଉଠେଅଛି ସପନା କାନକୁ ଧରି ଘୋଷାରି ଆଣିଲା ସହି ଡାଣ୍ଡକୁ । ଶଳାକୁ ସେତେବେଳୁ ଉଠେଇ ଦେଲିଣି ବାବୁ ଘର ଗୁଳିଗୁଡ଼ିକ ଯିବାପାଇଁ । ଯଉଁମାନଙ୍କ ସାଙ୍ଗରେ ବସି ଧୂନୀ ଜାଳଉଚୁ ସେ ତତେ ଦେବେନା । ନେରେ ? ଦ'ଗୁଣ୍ଡା ବସେଇ ଦେଲା ତା' କଅଁଳ ଗାଲରେ ।

ସପନା କାନ୍ଦି ଉଠିଲା । ସତେ ଯେମିତ ତା' କରୁଣତାରେ ପଥର ତରଳି ଯିବ । ହେଲେ ସେ ଆଡ଼କୁ କେହି ନଜର ଦେଲେ ନାହିଁ । ଓଲଟି ଜଣେ ଅଧେ କହିଲେ, ସେଠା ମାଡ଼ୁଆଠାଏସ ।

ବାବୁ ଘର ଗୁହାଳ । ମାସକୁ ତିନି ଟଙ୍କା । ଏମିତିଆ କପାଳ କେଇ ଜଣଙ୍କର ? ଯାହାକୁ ଦୁଧ ଭାତ ଗଢ଼େଇଚ ତାକୁ ବଳ କାହାର ?

ସପନା ଛାନ୍ଦି ଛାନ୍ଦି ଘର ଭିତରକୁ ପଶିଲା । ଅମଳା କଂସାଖଣ୍ଡେ ଧରି ଜାଡ଼ି ଶୀତରେ ଥରି ଥରି ବାବୁ ଘର ଗୁହାଳକୁ ବାହାରିଲା । ବାଟେ ଯାକ ଝିଦା । ଶୀତ ଯାକ କୁହୁଡ଼ି ଚର୍ଷଣରେ ସନ୍ତ ସନ୍ତିଆ ହୋଇ ଯାଇଛି । ସପନା ଗୋଟିଏ ପାଦ ଉଠେଇ ଆଉ ଗୋଟିଏ ପାଦ ଉଠେଇଲା ବେଳକୁ, ତାକୁ ଲାଗୁଥିଲା ଯେମିତି ତା' ଦେହସାରା ବିଷ ଚରି ଯାଉଛି ।

ବାବୁ ଘରେ ପହଞ୍ଚିଲା । କାହାରି ନିଦ ଭାଂଗି ନାହିଁ । ବାଡ଼ିପଟେ ପାଳ ଗଦାରୁ ପାଳ କେଞ୍ଚାଏ ଆଣି ଗୋରୁ ଖୁଣ୍ଟ ପାଖରେ ପକେଇଲା ଧଡ଼ି ଖୋଲି ଗୋରୁ ଗୁହାଳେ ପଶିଲା । ଏତେ ସଅଳ ଗୋରୁ ଗୁଡ଼ିକ ପଦାକୁ ବାହାରିବାକୁ ନାରାଜ । ସପନା ପାଞ୍ଚଣି ଖଣ୍ଡିକ ଧରି ସବୁ ରାଗ ତାଙ୍କରି ଉପରେ ସୁଝେଇଲା । ଡରି ଡରି ଥରି ଥରି ଗୋରୁ ଗୁଡ଼ାକ ଆସି ଆପଣା ଆପଣା ଖୁଣ୍ଟ ପାଖରେ ଠିଆ ହେଲେ । ସପନା ଗୋଟି ଗୋଟି କରି ପଘାରେ ବାନ୍ଧିଲା ।

ଗୋରୁ ବନ୍ଧା ସରିଲା ବେଳକୁ ବାବୁଘର କବାଟ ଫିଟିଲା । ବାବୁଆଣୀ ହାଣ୍ଡି ଫଟା ଗଳାରେ ଡାକିଲେ—

ସପନା ? ଆରେ ଦାନ୍ତ କାଟି କାହିଁ ?

ସପନା ଜଡ ସଡ ହୋଇ ବାଉଁଶ ବୁଦାକୁ ଦୌଡ଼ିଲା । ଧାତ ଧାହାନ୍ତାରେ ଖଣ୍ଡିଏ କରି ଦାନ୍ତକାଠି ନାହିଁ । ସେଇ କାକର ଭିଜା ବାଉଁଶ ଗଛ ଉପରକୁ ଚଢୁ ଚଢୁ ଗୋଡ ଖସିଗଲା । ଗୋଟାଏ ଖୋଞ୍ଚ ସପନାର କଅଁଳ ମାଉଁସରେ ଗଳିଗଲା । ରକତ ଥପ୍ ଥପ୍ ହୋଇ ବୋହି ପଡ଼ିଲା । ସତେ ଯେମିତି କଅଁଳ ମଣିଷର କଅଁଳ ମାଉଁସ ଖାଇବା ପାଇଁ ସମସ୍ତେ ଦାନ୍ତ ପଜେଇ ବସିଛନ୍ତି ।

ସପନା ତାଁ ହାତରେ ଲହୁ ଗୁଡ଼ାକ ପୋଛି ଧଇଁକେ ଦୁଇଟି ଗଛକୁ ଚଢି ପାଞ୍ଚ କାଠ ଖୁଣ୍ଟ ଭାଙ୍ଗି ବାବୁଆଣୀଙ୍କ ଘରକୁ ଦଉଡ଼ିଲା । ସେତେବେଳକୁ ବାବୁଆଣୀ ନିଆଁ ତାଣ । ସପନାକୁ ଦେଖି ଦାନ୍ତ ଲେଉଟାଇ ଦେଲେ ଯେମିତି ! —ଆରେ ପୋଡ଼ାମୁହାଁ ଗାଧଉମଠୋକା ଦେହକର ଚାରି ବେଳକୁ ଚାରି କଂସା ପେଟରେ ପୂରଉଛୁ ଦେବାକୁ ଗୁଣ୍ଡା ଅଇଁଠାବନ । କାମ କଲା ବେଳକୁ ଗତରକୁ ବାଧୁ ଯାଉଛି କାହିଁକି ? ସକାଳୁ ଆଜି ମଣିଷ ଦାହ ଗଞ୍ଜ ହେଲାଣି, ଦିନ ଦମାସ କାଲ୍‌ବଲ୍‌ଟର କରିବ ।

ସପନା ଗୋଟିଏ ଶବ୍ଦ ନ କହି ଥିଲା । ଡର ଡର କହିଲା, ଗଛରୁ ଖସିଗଲି, ଖୋଅଁଠାଏ ଧନ୍ଦାରେ ଫୁଟିଗଲା । ଏଇ ଦେଖୁନା ରକତ ବହି ପଡୁଛି ।

ବାବୁଆଣୀ ଚିଡ଼ି ଉଠିଲେ । ଆଉରି ପୋଡାମୁହାଁ ନ ମଲି ଯାନା ରହିଲୁ । ସକାଳୁ ମଣିଷକୁ କେଉଁ ଦାହଗଞ୍ଜରେ ପକାଇଲଣି, ଭଗବାନ ସହନ୍ତେ କେମିତିରେ ! !

ବାବୁଆଣୀଙ୍କ ସାନପୁଅ ମନୁ ଆଖି ମଳି ମଳି ବାହାରି ଆସିଲା । ଦେହରେ ଗରମ ଜାମା । ତା' ଉପରେ ପୁଣି ରେଶମ ଶାଲ । ମା'କୁ କହିଲା— ରୋଜ କାଲି ଆମେ ଖେଳିଲା ବେଳେ ପେଣ୍ଡୁଟା କୋଉଠି କିଆ ବଣ ଭିତରେ ପଶି ଯାଇଛି । ସପନାକୁ କହ ବାହାର କରି ଆଣିବ ।

ସପନା ଆଜି ବାବୁଆଣୀଙ୍କ ହୁକୁମକୁ ନ' ଅଟେଇ ସାଙ୍ଗେ ମାନଙ୍କ କିଆ ବାଡ ଆଡ଼କୁ ଚାଲିଲା । ବାବୁଆଣୀଙ୍କ କଥାରେ ଅଣହେଲା କେତେଥର ଦେଖା ଅଛି ଆଉ, ସାନବାବୁଙ୍କ କଥା କିଏ ଠେଲିବାର ନୁହେଁ । ସେଦିନ ସାନବାବୁଙ୍କ ହୁକୁମ ପାଳନରେ କିଏ ଡେରି ହେବା ଯୋଗୁଁ, ଅଛିଡା କଣ୍ଟା ଖଣ୍ଡେ ତା' ପିଠିରେ ଭଙ୍ଗି

ଯାଉଥିଲା । ଆଜି ଯାଏଁ ଦରଜ ଯାଇ ନାହିଁ କି ଘା' ଶୁଖିନାହିଁ ।

ସପନା ଛୋଟିଆ ପ୍ରାଣଟି ଫୁଲି ଫୁଲି କାନ୍ଦିଉଠିଲା । ସେ ମନେ ମନେ ଭାବିଲା ଦୁନିଆଟା ଏତେ ଅସଲକ୍ଷ ଯେ, ତା'ର ଗୋଟାଏ ଦୁଃଖ ବୁଝୁନାହିଁ । ସାନବାବୁ ତ ତା' ବାପର ପୁଅ, ମୁଁ ତ ସେହି ବାପର ପୁଅ । ସେ କାହିଁକି ଲୁଗା ଜାମା ପିନ୍ଧି, ରଥକୁ ଯୋଡା ମାଡ଼ି ବାଟ ଚାଲିବ, ଆଉ ମୁଁ କାହିଁକି ଶୀତ ଲାଗୁଥିବାକୁ ଚିରା ଚଦରଟା ଖଣ୍ଡେ ପାଇବ ନାହିଁ ? ଏଇ ମାଟି ଉପରେ ଆମେ ତ ଏକା ମଣିଷ, ଏମିତି ପକ୍ଷପାତର ବିଚାର କାହିଁକି ହେଉଛି ? କାହାର ସେ ଦୋଷ ହେବ ! ଛୋଟ ମନଟି ତା'ର ଚକିଟି ପଡ଼ି ହୋଇ ଉଠିଲା । ଭାବିଲା ତା'ର ବାପ ପାଇଁ ଖାସ ସେ ଏତେ କଷଣ ଭୋଗୁଛି । ସାନ ବାବୁଙ୍କ ବାପା, ସାନବାବୁଙ୍କ ପାଇଁ ସବୁ ପଦାରଥ ସବୁ ଖଂଜି ରଖିଛନ୍ତି । ଆଉ ତା' ବାପା ତାକୁ କିଛି ନ'ଦେଇଦେଲେଟି ମାଡ଼ ଚଡଉଛି । ସେ ଯଦି ବାବୁଙ୍କର ପୁଅ ହୋଇ ଥାଆନ୍ତା ...ଅଃ... କେତେ ପ୍ରକାରେ ଦିନ କଟେଇ ଥାଆନ୍ତା ।

କିଅ ବୁଦାର ଗୁଡ଼ ଉପରେ ଖୋଜିଲା । ପେଣ୍ଡୁର ଦେଖା ଦର୍ଶନ ନାହିଁ । ବୁଦା ଭିତରେ ପଶିଲା, କେଉଁଠି ପେଣ୍ଡୁର ଗନ୍ଧ ବର୍ଣ୍ଣ ନାହିଁ । କିଅ ଜଣ୍ଡା ଦୁଆରେ ବାଡ଼ି ପାକୁ ଠା' ଲହୁଜକେଇ ଆସିଥିଲା ଫିକା ମନ ନେଇ, ଥରିଲା ଗୁଡ଼ରେ ଜବେଇଲା ପେଣ୍ଡୁ ମିଳିଲା ନାହିଁ । ସାନବାବୁ ସବୁ ଚଞ୍ଚଳ ସହିତ ଚାନ୍ଦି ମିଶେଇ ଖାଉ ଥିଲେ । କୁକୁର ଦାଁତା ତଳେ ଲଙ୍କ ପିଟି ସାନବାବୁଙ୍କ ଅଡ଼କୁ ଏକ ଲୟରେ ଅନାଇ ଥିଲେ । ସାନବାବୁ ବେଳେ ବେଳେ କୁକୁରଙ୍କ ଅଡ଼କୁ ଫୋପାଡୁଥିଲେ ।

ସପନା ଠିକ ଏ ଛଡାରେ ଛୁଡା ହୋଇ ସାନବାବୁଙ୍କ ପିଠା

ଥାନ୍ତି ଅଜିନ୍ ଏକମନ ଏକ ଧ୍ୟାନରେ ଅନେଇ ରହିଲା । ଜିଭ ଦେ'ର ଖଲ ଝରୁଥାଏ । ମନେ ମନେ ଭାବୁଥାଏ ବାବୁ ଏଭଳିଆଙ୍କୁ ଦେଖା ଖାଉଛନ୍ତି । କା' ପାଇଁ ରଖିବେ ? ଧାଡ଼ିକୁ କେମିତିଆ ନଦେଖି ? ମିଠା ନିରସ୍ତୁରେ ଖାଇ ଯାଉଛି ! କିଛି ଦେବେ ତା'ର କ'ଣ ନାହିଁ କ'ଣି ହେଉ- ଯାଉଥିଲା । ଭଦ୍ରଲୋକ ମାନଙ୍କୁ ଖଣ୍ଡେ ମାଗି ଦେଖିବ । କୁକୁରଙ୍କୁ ଦେଇ ଦେଉଛନ୍ତି । ମାଗିଲେ କ'ଣ ଦେଉଟେ ଦେବେ ନାହିଁ । ଦେଖିବା ତା' ମନ ଶାନ୍ତି ଗଲା । କାହିଁ ଯାଏ ନ'ପାଇ ବାବୁଆଣୀଙ୍କୁ ଡାକ ଦେଖାନ୍ତୁ । ଦେଖିବ ?

ସଧନା ସାନବାବୁଙ୍କ ହାତକୁ ଅନେଇଥିଲା । ସେମିତି ସେ ପେଠାଗୋଟେ ଭାଙ୍ଗି କୁକୁର ଆଡ଼କୁ ଫୋପାଡ଼ି ଦେଉଛନ୍ତି, ସଧନା ହଠାତ୍ ଧରି ଯାଇ ମାଗିବସିଲା । କୁକୁରଟା ଧାଇଁ ଆସି ଖପ୍ କରି ସଧନା ହାତକୁ କାମୁଡ଼ି ପକାଇଲା । ସଧନା ମାଉଁ ମାଉଁ ଚିତ୍କାରରେ, ପିଠା ଖଣ୍ଡକ ଛାଡ଼ିଦେଇ ନିଜ ଜାଗା ଛାଡ଼ି ହାତଟାକୁ ସାଉଁଟି ଗଣ୍ଠିଧରି କୁକୁରଟା ଉପରେ ପୋଛି ପକେଇଲା । ସାନବାବୁ କାର୍ କାର୍ ଚିତ୍କାର କରି ଉଠିଲେ ।

ବାବୁଆଣୀ ଘର ଭିତରୁ ବାହାରି କାନ୍ଥରେ ଥିବା କଂସା ଆଣିଥିଲେ ସଧନା ଧରି । ସଧନା କଂସା ଫିଙ୍ଗିଦେଇ ଚଟକିଲ ଦେଲା . ଗାଲିମାନ ଦେଲେ । ବାବୁଆଣୀ ଅଟକି ଚାଲି କହୁଥିଲେ—କି-ରି ଦେଇଛୁ ଆଣିଲୁ ?

ସଧନା କାନ୍ଦି ମନଦୁଃଖ ହୋଇ ଫେରିଗଲା—ଖୋଜି ଖୋଜି କୋଉଠି ପାଇଲି ନାହିଁ । ରାସ୍ତାରେ ଟୋପାଏ ଶିଆଳ କୁକୁର କାଏ ଚାହିଁ ରହିଛନ୍ତି ।

ବାବୁଆଣୀଙ୍କ ପାଦ ଆଉ ଘରକୁ ପଡ଼ିଲା ନାହିଁ । ସ୍ୱର ତାଙ୍କର ପଞ୍ଚମକୁ ଉଠିଗଲା । ଭାଗ ଦେଇବାକୁ ଫେରିଲେ ଘରେ

ଚଷିଦେଇ ଆମି କହିଲେ—ପୋଡାମୁହାଁ ଖାଇଲା ବେଳକୁ କଂସା ଧରେଇ ଦେଉଚୁ, କାମ ଗୋଟାଏ କରିବା ବେଳକୁ ଜୀବନ ଯେମିତି ଛୁଟି ଯାଉଚି । ଯା' ଭଲ ଦଶା ଅଛୁତ ଯେଣ୍ଡୁ ଖୋଜି ଆଣି, ନ'ହେଲେ ଖାଇବାକୁ ଦେବନି । ଆଜି ଖାଡ଼ା ଖାଡ଼ି ଉପାସ ।

ସପନା କଂସାଟିକୁ ଧୀରେ ଫେରେଇ ନେଲା । କ'ଣ ଗଣ୍ଡାଏ ଖାଇବାକୁ ଦେଉଥିଲେ ଯେ ପେଟରୁ କଣେ ଦୂରି ନ ଥିଲା । ଧାନହନ୍ତା ପହରୁ ପେଟଟା ଚଁ ଗଁ ହେଉଚି । ସପନା କଂସା ଝଣ୍ଡିକ ତାରି ପଛ ଆଡ଼େ ଚଷି ଦେଇ ଆମି ଧୀରେ ଧୀରେ କଥା ବାଡ଼ି ଆଡ଼ିକୁ ଆଗେଇଲା ।

ଚାକୁଆଣୀ ସାନବାବୁଙ୍କ, କହିଲେ ଯା ମନୁ, ଦୁଧ ଅଉଠା ଦେଇ କୁଣ୍ଡ ଉଲେ ଢୋଡ଼ା ହେଇଚି ପିଇ ଦେବୁ ।

ସପନା ଗୋଡ଼ ଦଣ୍ଡେ ଅଟକି ଗଲା । ସେ କେବଳ ପଛକୁ ଥରଟିଏ ଫେରି ଚାହିଁଲା । ଯେଣ୍ଡୁ, ଆଜି ଖୋଜି ଆଣିବାକୁ ହେବ, ନ' ହେଲେ ଦିନ ସାରା ଉପାସ । ସପନା ଆଗକୁ 'ପାଦ ପକେଇଲା ।

ଚାକୁଆଣୀ ସାନବାବୁଙ୍କ ହାତ ଧରି ଢୋଷାରି ଢୋଷାରି ନେଉଥିଲେ ମୋ ଧନଟା ପରା ! ଟିକିଲି ଦୁଧ ପିଇ ଦେଇ ଆସି ଖଟରେ ବସିବୁ ।

## ଏହି ଲେଖକଙ୍କର ଲେଖା—

ସି: ଆଇ: ଡ଼:

ରକ୍ତ—ତାଣ୍ଡବ (୨ୟ ସଂସ୍କରଣ)

୩୦୩ ବ୍ରିଗ୍ଲଭର

୫୩ ପଠେ ଡାସ୍

କଳାବୁଡର ସଇତାନୀ

ଦାଗ

ଦୁଇଟି ବୃନ୍ତରେ ଆଠଟି ଫୁଲ୍

ପ୍ରଳୟ (ଯନ୍ତ୍ରସ୍ଥ)

ଦୁନିଆ ଗୋଲ୍ (ଯନ୍ତ୍ରସ୍ଥ)